# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ (୧୪ ପୃଷ୍ଠା+କ୍ରୁଡ଼ିଦିନ) | Bhubaneswar, Sunday, March 23/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 117 | ମୂଲ୍ୟ₹୭/-



# EVERY 2 MINUTES*, ONE STUDENT JOINS US

To pursue dream of becoming DOCTOR OR ENGINEER!

Aakash Medical | IIT-JEE | Foundations

Don't be left out this admission session.

**PROVEN. TRUSTED. UNMATCHED.**

## 115484 AAKASHIANS QUALIFIED IN NEET (UG) 2024



AIR 1 – 720/720 – Mridul M Anand, 3 Year Classroom – Delhi State Topper
AIR 1 – 720/720 – Ayush Naugraiya, 4 Year Classroom – Uttar Pradesh State Topper
AIR 1 – 720/720 – Arghyadeep Dutta, 2 Year Classroom – West Bengal State Topper
AIR 1 – 720/720 – Aryan Yadav, 1 Year Classroom – Uttar Pradesh State Topper
AIR 1 – 720/720 – Palansha Agarwal, 2 Year Classroom – Maharashtra State Topper
AIR 1 – 720/720 – Iram Quazi, 1 Year Classroom – Rajasthan State Topper
and many more...

## 3081 AAKASHIANS QUALIFIED IN JEE (ADVANCED) 2024



AIR 25 – Rishi Shekher Shukla, 2 Year Classroom
AIR 67 – Krishna Sai Shishir, 4 Year Classroom
AIR 78 – Abhishek Jain, 4 Year Classroom
AIR 93 – Hardik Aggarwal, 2 Year Classroom
AIR 95 – Ujjwal Singh, 4 Year Classroom
AIR 98 – Rachit Aggarwal, 4 Year Classroom
and many more...

## OUR CHAMPIONS FROM Aakash ODISHA (CLASSROOM PROGRAMS)



NEET 2024: Gautam, AIIMS, Delhi; Om Amrit, AIIMS, BBSR; Uttam, AIIMS, BBSR; and many more...

JEE 2024: Keshaw, IIT, Bombay; Debasish, IIT, Kanpur; Anuj, IIT, Kharagpur; and many more...

*Calculated basis the number of admissions taken from July 2023 to June 2024

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN *for* OUR NEXT BATCH

| Class | Courses | Batches Starting From |
|---|---|---|
| 8th Studying Students | Foundation Courses for School Exams / Olympiads | 20th March - 6th April |
| 9th-10th Studying Students | School Plus and Prep Plus Courses for School / Board Exams, Pre-NEET / Pre-JEE along with Olympiads | 20th March - 6th April |
| 11th Studying Students | 2 Year Integrated Classroom Courses for NEET / JEE | 22nd March - 6th April |
| 12th Studying Students | 1 Year Integrated Classroom Courses for NEET / JEE | 20th March - 1st April |
| 12th Appearing / Passed Students | 1 Year Repeater / Dropper Courses for NEET / JEE | 17th April - 9th May |

Appear for Instant Admission cum Scholarship Test (iACST)

Get up to 90% Total Scholarship*

SCAN TO ENROLL

Register now for FREE.

visit: iacst.aakash.ac.in

T & C Apply

## CRASH COURSE *for* NEET 2025

Batches Starting on : 27th & 31st March, 2025

## Aakash INVICTUS

Advanced JEE Prep Program

Appear INVICTUS ADMISSION TEST – Get Upto 90% Scholarship

For Students going to Class VIII, IX, X, XI & XII

*For Bhoumanagar Branch Only

Invictus Admission Test Date : 23rd & 30th March, 2025

Scan code to locate the nearest branch

**Call Your Nearest Branch:** **Bhubaneswar (Bhoumanagar):** 8800852494, 9337870700 **Bhubaneswar (Chandrasekharpur):** 8800874104, 9311734469 **Berhampur:** 8800502470, 9078884998 **Baleswar:** 8800538720, 7008000100 **Cuttack:** 8800849243, 9337355230 **Sambalpur:** 8448693770, 9338170700

**Newly Open -** **Angul:** 8093083557 **Balangir:** 8093083552 **CDA, Cuttack:** 8093083568 **Jajpur Road:** 9078677290 **Jeypore:** 8093083564 **Khandagiri:** 9938896677 **Rourkela:** 8093083553 **Samantarapur:** 8093083567

CALL (TOLL-FREE): 1800-102-2727 | VISIT: aakash.ac.in | Scan the QR Code to Download Aakash App – GET IT ON Google Play | Aakash Medical | IIT-JEE | Foundations

## ସଂକ୍ଷେପରେ

### ଗୁପ୍ତ ସନ୍ତାନ ଥିବା ପ୍ରଘଟ କରି ଆଇସ୍‌ଲାଣ୍ଡ ମନ୍ତ୍ରୀଙ୍କ ଇସ୍ତଫା


ଆସ୍ଥିଲଦୁର ଲୋଆ ଥୋର୍ସଦୋତିର

ରେକ୍‌ଜାଭିକ, ୨୨।୩

ଆଇସ୍‌ଲାଣ୍ଡର ଶିକ୍ଷା ଏବଂ ଶିଶୁ ବ୍ୟାପାର ମନ୍ତ୍ରୀ ଆସ୍ଥିଲଦୁର ଲୋଆ ଥୋର୍ସଦୋତିର(୫୮) ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ପୂର୍ବରୁ ଏକ ସାକ୍ଷାତ୍‌କାରରେ ଏହି ମହିଳା ମନ୍ତ୍ରୀ ତାଙ୍କର ଜଣେ ଗୁପ୍ତ ସନ୍ତାନ ଥିବା ପ୍ରଘଟ କରିଥିଲେ। ୩୬ ବର୍ଷ ତଳେ ଯେତେବେଳେ ସେ ୨୨ ବର୍ଷର ହୋଇଥିଲେ, ସେତେବେଳେ ଜଣେ ୧୫ ବର୍ଷୀୟ ବାଳକଙ୍କ ସହ ଯୌନ ସମ୍ପର୍କ ରଖିଥିଲେ । ବର୍ଷେ ପରେ ତାଙ୍କର ଏକ ପିଲା ହୋଇଥିଲା। ଆଇସ୍‌ଲାଣ୍ଡରେ ଏଭଳି ସମ୍ପର୍କ ବେଆଇନ ହୋଇଥିବାରୁ ବିରୋଧୀ ଦଳ ପକ୍ଷରୁ ଆସ୍ଥିଲଦୁରଙ୍କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେ ଶନିବାର ଇସ୍ତଫା ଦେଇଛନ୍ତି।

### ଲେବାନନ୍ ଆକ୍ରମଣର କଡ଼ା ଜବାବ ଦିଆଯିବ: ଇସ୍ରାଏଲ୍

ବେରୁଟ୍, ୨୨।୩

ଗାଜାରେ ଇସ୍ରାଏଲୀ ସେନା ଆକ୍ରମଣକୁ ଜୋର୍‌ଦାର କରିବା ପରେ ଶନିବାର ସକାଳେ ଲେବାନନ୍‌ରୁ ଉତ୍ତର ଇସ୍ରାଏଲ୍‌ରେ ରକେଟ ମାଡ଼ କରାଯାଇଥିଲା। ଏହାର କଠୋର ଜବାବ ଦିଆଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି। ଇସ୍ରାଏଲ୍‌ର ମେଟୁଲା ସହରକୁ ଟାର୍ଗେଟ କରି ଛଡ଼ାଯାଇଥିବା ରକେଟଗୁଡ଼ିକୁ ପ୍ରତିହତ କରାଯାଇଛି। ଇସ୍ରାଏଲ୍‌ର ଆକ୍ରମଣ ଦେଶକୁ ଏକ ନୂଆ ଯୁଦ୍ଧ ଆଡ଼କୁ ନେଇଯିବ ବୋଲି ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ୍ କହିଛନ୍ତି। ରକେଟ ମାଡ଼ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

# ବ୍ୟାଙ୍କ ଠକେଇ ସିବିଆଇ ଏତଲାରେ ବର୍ମାଙ୍କ ନାଁ ଥିଲା

ନୂଆଦିଲ୍ଲୀ, ୨୨।୩

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଲୁଟିଏନ୍ସସ୍ଥିତ ସରକାରୀ ବାସଭବନରେ ଗତ ୧୪ ତାରିଖ ରାତିରେ ନିଆଁ ଲାଗିବାରୁ ଏହାକୁ ଲିଭାଇବା ପାଇଁ ଆସିଥିବା ଦମକଳ କର୍ମଚାରୀମାନେ ଷ୍ଟୋର୍ ରୁମ୍‌ରୁ ୧୫ କୋଟି ଟଙ୍କା ପାଇଥିଲେ। ଏନେଇ ଥାନାରେ ରିପୋର୍ଟ କରାଯିବା ସହ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଅବଗତ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ମାମଲାର ତଦନ୍ତ ପାଇଁ ସେ ଏକ ୩ ଜଣିଆ ବିଚାରପତି କମିଟି ଗଠନ କରିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଲ ନାଗୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜି.ଏସ୍. ସନ୍ଧାୱାଲିଆ ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ଅନୁ ଶିବରାମନ ରହିଛନ୍ତି।

୨୦୧୮ର ଏକ ଚିନିକଳ ବ୍ୟାଙ୍କ ଜାଲିଆତି ମାମଲା ସହ ଜଡ଼ିତ ସିବିଆଇ ଏତଲାରେ ଯଶୱନ୍ତ ବର୍ମାଙ୍କ ନାଁ ଥିଲା। ସିବିଆଇ ପକ୍ଷରୁ ସିମ୍ଭାଓଲି ସୁଗାର ମିଲ୍ସ, ଏହାର ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ସମେତ ଯଶୱନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ବର୍ମା ସେତେବେଳେ ଉକ୍ତ କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଥିଲେ। ଉକ୍ତ ଚିନିକଳ ଏକ ଜାଲିଆତି ଋଣ ଯୋଜନାରେ ସମ୍ପୃକ୍ତ ଥିବା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ (ଓବିସି) ପକ୍ଷରୁ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ବ୍ୟାଙ୍କ ଅଭିଯୋଗ ଅନୁଯାୟୀ, ସାର ଓ ମଞ୍ଜି କିଣିବା ପାଇଁ ୫,୭୬୨ ଚାଷୀଙ୍କୁ ଓବିସିର ହାପୁର ଶାଖା ପକ୍ଷରୁ ୨୦୧୨ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୪୮.୫୯ କୋଟି ଟଙ୍କା ଋଣ ଦିଆଯାଇଥିଲା। ଚୁକ୍ତିନାମା ଅନୁଯାୟୀ, ଚାଷୀଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଯିବା ପୂର୍ବରୁ ଏକ ଥାର୍ଡପାର୍ଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ସିମ୍ଭାଓଲି ସୁଗାର ମିଲ୍ ଋଣ ପରିଶୋଧ କରିବ ବୋଲି ଗ୍ୟାରେଣ୍ଟି ଦେଇଥିଲା। ତେବେ କମ୍ପାନୀ ଜାଲ୍ କେୱାଇସି କାଗଜପତ୍ର ଦେଇ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଋଣରେ ଜାଲିଆତି ହୋଇଥିବା ୨୦୧୫ ମାର୍ଚ୍ଚରେ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଋଣ ଅର୍ଥରୁ ୯୭.୮୫ କୋଟି କ୍ଷତି ହୋଇଥିବାବେଳେ ୧୦୯.୦୮ କୋଟି ବକେୟା ଥିଲା। କମ୍ପାନୀର ଉପପରିଚାଳନା ନିର୍ଦ୍ଦେଶକ ତଥା ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଜ୍ୱାଇଁ ଗୁରପାଲ ସିଂଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ପରେ ସିବିଆଇ ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରିଥିଲା। ଋଣ ଜାଲିଆତି ସହ ସମ୍ପୃକ୍ତ ୭ଟି ବ୍ୟାଙ୍କର ସାନି ସିବିଆଇ ତଦନ୍ତ ପାଇଁ ୨୦୨୩ରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଋଣ ଜାଲିଆତିରେ ସୁଗାର ମିଲ୍ସ ସହ ଅନେକ ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ଥିବା କୋର୍ଟ ଜାଣିବାକୁ ପାଇଥିଲେ। ୨୦୨୪ ମାର୍ଚ୍ଚରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇଥିଲେ।

### ବିଚାରପତିଙ୍କ ଘରୁ ୧୫ କୋଟି ମିଳିବା ଘଟଣା


ଜଷ୍ଟିସ୍ ଯଶୱନ୍ତ ବର୍ମା

**ତଦନ୍ତ କରିବ ୩ ଜଣିଆ ବିଚାରପତି କମିଟି**

### ବିଚାରପତିଙ୍କ ଘରୁ ଟଙ୍କା ମିଳିନି କଦାପି କହିନାହିଁ: ଅଗ୍ନିଶମ ମୁଖ୍ୟ

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରେ ନିଆଁ ଲିଭାଇବା ବେଳେ ଟଙ୍କା ମିଳିନାହିଁ ବୋଲି କହିଥିବା ଖବରକୁ ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟ ଅତୁଲ ଗର୍ଗ ଖଣ୍ଡନ କରିଛନ୍ତି। ନିଆଁ ଲିଭାଇବା ବେଳେ ଦମକଳ କର୍ମଚାରୀ ଟଙ୍କା ପାଇନାହାନ୍ତି ବୋଲି ଗର୍ଗ କହିଥିବା କେତେକ ଗଣମାଧ୍ୟମ ଏବଂ ଏକ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଥିଲେ। ଫଳରେ ଗର୍ଗ ସ୍ପଷ୍ଟୀକରଣ ଦେଇ ଟଙ୍କା ମିଳି ନ ଥିବା କହିଥିବା ଖବରକୁ ଖଣ୍ଡନ କରିଛନ୍ତି।

### ମଣିପୁରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ପ୍ରତିନିଧି ଦଳ

**ଶାନ୍ତି ଫେରାଇ ଆଣିବାକୁ ଆହ୍ୱାନ**

ଇମ୍ଫାଲ, ୨୨।୩

ସୁପ୍ରିମକୋର୍ଟ ବିଚାରପତିଙ୍କ ଏକ ଟିମ୍ ଶନିବାର ମଣିପୁର ଗସ୍ତ କରିଛି। ଚୁରାଚାନ୍ଦପୁର ଜିଲାରେ ସୁପ୍ରିମକୋର୍ଟ ଜଜ୍ ଜଷ୍ଟିସ୍ ବି. ଆର୍. ଗଭାଇଙ୍କ ନେତୃତ୍ୱରେ ୬ ଜଣିଆ ପ୍ରତିନିଧି ଦଳ ଜାତିଆଣ ହିଂସାରେ ବିସ୍ଥାପିତ ଲୋକଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଛି। ପ୍ରତିନିଧି ଦଳରେ ଥିବା ଜଷ୍ଟିସ କୋଟିଶ୍ୱର ସିଂ ମେଟେଇ ସମୁଦାୟର ହୋଇଥିବାରୁ ଚୁରାଚାନ୍ଦପୁର ଜିଲାକୁ ଗସ୍ତ କରି ନ ଥିଲେ। ଶାନ୍ତି ଭଙ୍ଗ ନ ହେଉ ସେଥିପାଇଁ ସେ ଚୁରାଚାନ୍ଦପୁର ଗସ୍ତ କରିନାହାନ୍ତି ବୋଲି ଜଷ୍ଟିସ୍ କୋଟିଶ୍ୱର କହିଛନ୍ତି। ମଣିପୁରରେ ଶାନ୍ତି ଏବଂ ସଦ୍‌ଭାବ ଫେରାଇ ଆଣିବାକୁ ରାଜ୍ୟବାସୀ ମିଳିତ ଭାବେ ପ୍ରୟାସ କରନ୍ତୁ ବୋଲି ଜଷ୍ଟିସ୍ ବି. ଆର୍ ଗଭାଇ କହିଛନ୍ତି। ତେବେ ସୁପ୍ରିମକୋର୍ଟ ଜଜ୍‌ଙ୍କ ପ୍ରତିନିଧି ଦଳର ମଣିପୁର ଗସ୍ତକୁ ନେଇ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରାଯାଇଛି। ସୁପ୍ରିମକୋର୍ଟ ଜଜ୍‌ଙ୍କ ମଣିପୁର ଗସ୍ତକୁ ପ୍ରଶଂସା କରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏବେଯାଏ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ।



କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରି ଶନିବାର ଚେନ୍ନାଇରେ ବସିଥିବା ପ୍ରଥମ ମିଳିତ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରମୁଖ ଯୋଗ ଦେଇଛନ୍ତି।

## ୫ ଲକ୍ଷ ଆପ୍ରବାସୀଙ୍କ ଲିଗାଲ ଷ୍ଟାଟସ୍ ରଦ୍ଦକଲା ଆମେରିକା

**ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ**

ୱାଶିଂଟନ, ୨୨।୩

ଆମେରିକା ସରକାର ଶୁକ୍ରବାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଆପ୍ରବାସୀଙ୍କ ଆଇନଗତ ସ୍ଥିତିକୁ ରଦ୍ଦ କରିଛନ୍ତି। ସେମାନଙ୍କୁ ଆଗାମୀ କିଛି ସପ୍ତାହ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର ଏହି ନିଷ୍ପତ୍ତି ଫଳରେ କ୍ୟୁବା, ହାଇତି, ନିକାରାଗୁଆ, ଏବଂ ଭେନେଜୁଏଲାର ୫,୩୨,୦୦୦ ଲୋକ ପ୍ରଭାବିତ ହେବେ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୨ ଅକ୍ଟୋବରରେ ଆରମ୍ଭ କରିଥିବା ସିଏଚ୍‌ଏନ୍‌ଭି ଯୋଜନାରେ ସେମାନେ ଆମେରିକା ଆସିଥିଲେ। ଆମେରିକା ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ନିର୍ଦ୍ଦେଶନାମା ସଂଘୀୟ ରେଜିଷ୍ଟରରେ ପ୍ରକାଶ ପାଇବାର ୩୦ ଦିନ ପରେ ସେମାନେ ଆଇନଗତ ସୁରକ୍ଷା ହରାଇବେ। ଫଳରେ ସେମାନଙ୍କୁ ଏପ୍ରିଲ ୨୪ ସୁଦ୍ଧା ଆମେରିକା ଛାଡ଼ିବାକୁ ପଡ଼ିବ। ବାଇଡେନ୍ ଆରମ୍ଭ କରିଥିବା ଯୋଜନା ଅସ୍ଥାୟୀ ଥିଲା ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ କହିଛି। ଆମେରିକା ଇତିହାସରେ ସର୍ବବୃହତ୍ ବହିଷ୍କାର ଅଭିଯାନ କାର୍ଯ୍ୟକାରୀ କରିବା ଏବଂ ବିଶେଷ କରି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଗୁଡ଼ିକରୁ ଆପ୍ରବାସନ ବନ୍ଦ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରତିଶ୍ରୁତିବଦ୍ଧ ବୋଲି ତାଙ୍କ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଫଡ୍‌ନବିସ

ନାଗପୁର, ୨୨।୩(ପି.ଟି.)


ଦେବେନ୍ଦ୍ର ଫଡ୍‌ନବିସ

ମୋଗଲ ସମ୍ରାଟ୍ ଔରଙ୍ଗଜେବ୍‌ଙ୍କ କବରସ୍ଥଳକୁ ନେଇ ବିବାଦରୁ ନାଗପୁରରେ ଘଟିଥିବା ସାମ୍ପ୍ରଦାୟିକ ହିଂସ ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହିଂସାକାଣ୍ଡରେ ହୋଇଥିବା କ୍ଷୟକ୍ଷତି ଦଙ୍ଗାକାରୀମାନଙ୍କଠାରୁ ଆଦାୟ କରାଯିବ ବୋଲି ବୈଠକ ପରେ ଫଡ୍‌ନବିସ ଗଣମାଧ୍ୟମକୁ କହିଛନ୍ତି। ସେମାନେ ଯଦି କ୍ଷତି ଭରଣା ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯାଇ ବିକ୍ରିକରି କ୍ଷତି ଭରଣା କରାଯିବ। ହିଂସା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଉତ୍ତରପ୍ରଦେଶ ଷ୍ଟାଇଲ୍‌ର କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ, ଆବଶ୍ୟକ ହେଲେ ବୁଲ୍‌ଡୋଜର ଚାଲିବ ବୋଲି ଫଡ୍‌ନବିସ କହିଛନ୍ତି। ଆନ୍ଦୋଳନ ବେଳେ ପୋଲିସ ଉପରେ ଆକ୍ରମଣ କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

ଛତ୍ରପତି ସମ୍ଭାଜୀନଗରରେ ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ଦାବିରେ ଗତ ୧୭ ତାରିଖରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ଚାଲିଥିବାବେଳେ ମୁସଲମାନଙ୍କ ଧର୍ମୀୟ ପୁସ୍ତକର ପୃଷ୍ଠା ପୋଡ଼ିଦିଆଯାଇଥିବା ଗୁଜବ ପ୍ରଚାରରୁ ହିଂସାକାଣ୍ଡ ଘଟିଥିଲା। ଦଙ୍ଗାକାରୀମାନେ ଟେକାମାଡ଼ କରିବା ସହ କେତେକ ଗାଡ଼ି ଓ ଘର ପୋଡ଼ି ଦେଇଥିଲେ। ହିଂସାରେ ୩୩ ପୋଲିସ ଅହତ ହୋଇଥିଲେ। ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂରୁ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ୧୦୪ ଜଣଙ୍କୁ ଚିହ୍ନଟ କରାଯାଇଛି। ଆଇନ ଅନୁଯାୟୀ ୧୨ ନାବାଳକଙ୍କ ସମେତ ୯୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

**ନାଗପୁର ହିଂସା କ୍ଷୟକ୍ଷତି ଦଙ୍ଗାକାରୀଙ୍କଠାରୁ ଭରଣା କରାଯିବ**

## ୧୮ ମାସ ପରେ ଘରକୁ ଫେରିଲେ ‘ମୃତ’ ମହିଳା

ଭୋପାଳ, ୨୨।୩


ଲଳିତା ବାଇ

ମଧ୍ୟପ୍ରଦେଶର ମନ୍ଦସୌର ଜିଲା ଗାନ୍ଧୀସାଗର ଥାନା ଅଞ୍ଚଳର ନାୱଲୀ ଗ୍ରାମ ନିବାସୀ ଲଳିତା ବାଈଙ୍କୁ ଦେଢ଼ ବର୍ଷ ତଳେ ମୃତ ଘୋଷିତ କରାଯାଇଥିଲା। ପରିବାର ପକ୍ଷରୁ ତାଙ୍କର ଅନ୍ତିମ ସଂସ୍କାର ମଧ୍ୟ କରାଯାଇଥିଲା। ତେବେ ଶନିବାର ଲଳିତା ପୁଣିଥରେ ନିଜ ଘରକୁ ଫେରି ଆସିଛନ୍ତି, ଯାହା ତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ଲୋକ ଏବଂ ପୋଲିସକୁ ଆଶ୍ଚର୍ଯ୍ୟ କରିଛି। ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସମ୍ପ୍ରତି ୪ ଜଣ ଝାବୁଆ ଜିଲାର ଥାନ୍ଦଲା ଜେଲରେ ଦଣ୍ଡ ଭୋଗୁଛନ୍ତି।

ଶନିବାର ଲଳିତା ହଠାତ ଆସି ତାଙ୍କ ଘରେ ପହଞ୍ଚିଥିଲେ। ଫଳରେ ତାଙ୍କ ବାପା ରମେଶ ନାନୁରାମ ବାଞ୍ଛଡ଼ା ତୁରନ୍ତ ତାଙ୍କୁ ଗାନ୍ଧୀସାଗର ଥାନାକୁ ନେଇଯାଇ ଲଳିତା ଜୀବିତ ଥିବା ନେଇ ସୂଚନା ଦେଇଥିଲେ। ଘଟଣାକୁ ନେଇ ଗାନ୍ଧୀ ସାଗର ଥାନା ଏସ୍‌ଆଇ ତରୁଣା ଭରଦ୍ୱାଜ କହିଛନ୍ତି, ଲଳିତା ପୋଲିସକୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ମନସୌର ଜିଲା ଭାନପୁରା ଗ୍ରାମର ଶାହରୁଖ ନାମକ ଜଣେ ଯୁବକ ଲଳିତାଙ୍କୁ ୨୦୨୩ ଅଗଷ୍ଟରେ ଅପହରଣ କରି ରାଜସ୍ଥାନର କୋଟାକୁ ନେଇ ଯାଇଥିଲେ। ଏହାର ୨ ଦିନ ପରେ ଶାହରୁଖ ୫ ଲକ୍ଷ ଟଙ୍କାରେ ଲଳିତାଙ୍କୁ ଆଉ ଜଣେ ବ୍ୟକ୍ତିଙ୍କ ନିକଟରେ ବିକ୍ରି କରି ଦେଇଥିଲେ। କୋଟାରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା କହିବା ସହ ସେଠାରୁ ସେ ଖସି ପଳାଇ ଆସିବାକୁ ସକ୍ଷମ ହୋଇଛନ୍ତି ବୋଲି ଲଳିତା ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଲଳିତାଙ୍କ ୨ ପିଲା ଥିବା ବେଳେ ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଘରେ ଏବେ ଖୁସିର ମାହୋଲ ରହିଛି ବୋଲି ତାଙ୍କ ବାପା ରମେଶ କହିଛନ୍ତି।

**ହତ୍ୟା ଅଭିଯୋଗରେ ୪ ଜଣ ଜେଲରେ ଦଣ୍ଡ ଭୋଗୁଛନ୍ତି**

ଲଳିତା ଅପହୃତ ହେବା ପରେ ରମେଶ ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦୨୩ ସେପ୍ଟେମ୍ବରରେ ଝାବୁଆ ଅଞ୍ଚଳରେ ହୋଇଥିବା ଏକ ହତ୍ୟାକାଣ୍ଡରେ ପୋଲିସ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଥିଲା। ଗାନ୍ଧୀସାଗର ଥାନାରେ ରମେଶ ଉକ୍ତ ମୃତଦେହକୁ ଦେଖିଥିଲେ। ମୃତ ମହିଳାଙ୍କ ଶରୀରରେ ଲଳିତା ନାମରେ ଏକ ଟାଟୁ ଥିଲା ଏବଂ ତାଙ୍କ ଗୋଡ଼ରେ ଏକ କଳା ସୂତା ବନ୍ଧା ହୋଇଥିଲା, ଯାହାଫଳରେ ଏହା ତାଙ୍କ ଝିଅର ମୃତଦେହ ବୋଲି ରମେଶ ଅନୁମାନ କରିଥିଲେ। ଏହାପରେ ସେ ଉକ୍ତ ମୃତଦେହର ଅନ୍ତିମ ସଂସ୍କାର କରିଥିଲେ ଏବଂ ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ତୁରନ୍ତ ଇମ୍ରାନ, ଶାହରୁଖ, ସୋନୁ ଏବଂ ଏଜାଜ ନାମକ ୪ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ଏହି ୪ ବ୍ୟକ୍ତି ଜେଲରେ ଦଣ୍ଡ ଭୋଗୁଛନ୍ତି।

## ପାଣିପାଗର ଠିକ୍ ପୂର୍ବାନୁମାନ ବିପର୍ଯ୍ୟୟ କ୍ଷୟକ୍ଷତି ରୋକିପାରିବ

**ଆଜି ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ**

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପ୍ରତିଷ୍ଠାର ୭୫ ତମ ବାର୍ଷିକୀ ପାଳନ ଅବସରରେ ରବିବାର ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ ପାଳନ କରାଯିବ। ଚଳିତବର୍ଷର ବିଷୟବସ୍ତୁ ରହିଛି ‘କ୍ଲୋଜିଂ ଦ ଅର୍ଲି ୱାର୍ନିଂ ଗ୍ୟାପ୍ ଟୁଗେଦର’। ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଥିବା ବିପର୍ଯ୍ୟୟ ସମ୍ପର୍କିତ ପୂର୍ବାନୁମାନ ଓ ମୁକାବିଲା ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ରହିଛି। ପରିବର୍ତ୍ତିତ ଜଳବାୟୁ ଦ୍ୱାରା ଋତୁ ଅନୁସାରେ ଖରା, ବର୍ଷା କିମ୍ବା ଶୀତ ହେଉନାହିଁ। ଅସ୍ୱାଭାବିକ ପାଣିପାଗ ଅନୁଭୂତ ହେଉଥିବାବେଳେ ଏହାର ମୁକାବିଲା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ସଂଗଠନ ଜନସଚେତନତା ସୃଷ୍ଟି ପାଇଁ ମିଳିତ ଭାବେ ଉଦ୍ୟମ କରିବା ଦରକାର। ଏନେଇ ଭାରତୀୟ ପାଣିପାଗ ବିଭାଗର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି,



ପ୍ରାକୃତିକ ବିପର୍ଯ୍ୟୟ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପାଣିପାଗ ବିଜ୍ଞାନ କେନ୍ଦ୍ର ଶୀଘ୍ର ଓ ଠିକ୍ ସୂଚନା ପ୍ରଦାନ କଲେ, ତାହା ବିପର୍ଯ୍ୟୟ କ୍ଷୟକ୍ଷତି ରୋକିବାରେ ବିଶେଷ ସହାୟକ ହୋଇପାରିବ। ଓଡ଼ିଶା କଥା ବିଚାରକୁ ନେଲେ, ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ପରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଆଦି ଖୋଲାଯାଇଥାଏ, ଯାହାକି ପ୍ରାୟତଃ ଏପ୍ରିଲ ମାସ ଅଧାରେ ପଡ଼ିଥାଏ। ତେବେ ବର୍ତ୍ତମାନ ଜଳବାୟୁ କାରଣରୁ ମାର୍ଚ୍ଚ ମାସରୁ ଏପ୍ରିଲ ଭଳି ଖରା ହେଉଛି। ଯଦି ଏନେଇ ଆବଶ୍ୟକ ମୁତାବକ ଜନସଚେତନତା ସୃଷ୍ଟି ହୋଇଥା’ନ୍ତା, ତେବେ ବର୍ତ୍ତମାନ ଜଳଛତ୍ର ଖୋଲାଯାଇ ସାରିଥା’ନ୍ତା। ସେହିପରି ବିଜୁଳି ଓ ଘଡ଼ଘଡ଼ିରେ ଓଡ଼ିଶାରେ ରେକର୍ଡ ସଂଖ୍ୟକ ମୃତ୍ୟୁ ଘଟୁଛି। ଯଦି କେଉଁସ୍ଥାନରେ ଓ କେଉଁ ସମୟରେ ଘଡ଼ଘଡ଼ି ବା ବିଜୁଳିର ସମ୍ଭାବନା ରହିଛି, ତାହାର ଠିକ୍ ଆକଳନ ସହ ସେହି ସୂଚନା ଲୋକଙ୍କ ପାଖରେ ପହଞ୍ଚିପାରନ୍ତା, ତେବେ ଉକ୍ତ ସମୟରେ ଲୋକମାନେ ନିଜକୁ ସୁରକ୍ଷିତ ସ୍ଥାନରେ ରଖିପାରନ୍ତେ। ପୂର୍ବାପେକ୍ଷା ଏସବୁ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଦେଶରେ ୧୨୬ଟି ରାଡାର ସ୍ଥାପନ ହେବାକୁ ଥିବାବେଳେ ଓଡ଼ିଶାରେ ୫ଟି ରାଡାର ରହିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ଟି ରାଡ଼ାର କାର୍ଯ୍ୟ କରୁଥିବାବେଳେ ଅନ୍ୟ ୩ ରାଡାର ସ୍ଥାପନ ଦ୍ୱାରା ପାଣିପାଗ ଆକଳନ ଆହୁରି ସଠିକ୍ ହୋଇପାରିବ। ତେବେ ଲୋକଙ୍କ ପାଖରେ ଠିକ୍ ସୂଚନା ଶୀଘ୍ର ପହଞ୍ଚାଇବା ପାଇଁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।

–ଅନୁରାଧା ମହାରଣା, ଭୁବନେଶ୍ୱର

## ଫୁର୍‌ସତ୍

### ଜାଲିଆନାୱାଲାବାଗ୍ ନରସଂହାରକୁ ନେଇ ‘କେଶରୀ ଚାପ୍ଟର-୨’

ମୁମ୍ବାଇ


ଅକ୍ଷୟ କୁମାର

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ ‘କେଶରୀ ଚାପ୍ଟର-୨: ଦି ଅନଟୋଲ୍ଡ ଷ୍ଟୋରି ଅଫ୍ ଜଲିଆନାୱାଲାବାଗ୍’ର ରିଲିଜ୍ ତାରିଖ ଉପରୁ ପରଦା ହଟିଛି। ଆସନ୍ତା ମାସ ୧୮ ତାରିଖରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କରନ୍ ଜୋହର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। କ୍ୟାପ୍‌ଶନରେ ସେ ଲେଖିଛନ୍ତି, କିଛି ଯୁଦ୍ଧରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଏ ନାହିଁ। ମାର୍ଚ୍ଚ ୨୪ରେ ‘କେଶରୀ ଚାପ୍ଟର-୨’ର ଟିଜର ଏବଂ ଏପ୍ରିଲ୍ ୧୮ରେ ଏହି ଫିଲ୍ମ ରିଲିଜ୍ ହେବ। ‘କେଶରୀ ଚାପ୍ଟର-୨’ ଫିଲ୍ମରେ ଅକ୍ଷୟଙ୍କ ସହ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଅଭିନେତା ଆର୍ ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ରଘୁ ପାଲଟ ଏବଂ ପୁଷ୍ପା ପାଲଟଙ୍କ ପୁସ୍ତକ ‘ଦି କେସ୍ ଦାଟ୍ ସୁକ୍ ଦି ଏମ୍ପାୟର’କୁ ନେଇ ଏହି ଫିଲ୍ମ ଆଧାରିତ। ଜାଲିଆନାୱାଲାବାଗ ନରସଂହାରର ସତ୍ୟତାକୁ ପ୍ରକାଶ କରିବା ପାଇଁ ବ୍ରିଟିଶ୍‌ରାଜ୍ ବିରୋଧରେ ଲଢେଇ କରିଥିବା ବାରିଷ୍ଟର ସି ଶଙ୍କରନ୍ ନାୟାରଙ୍କ ଜୀବନ କାହାଣୀକୁ ନେଇ ଏହି ଫିଲ୍ମ ପର୍ଯ୍ୟବସିତ ରହିଛି। ପୂର୍ବରୁ ମାର୍ଚ୍ଚ ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ କୌଣସି କାରଣବଶତଃ ଉକ୍ତ ରିଲିଜ୍ ତାରିଖକୁ ସ୍ଥଗିତ ରଖାଯାଇଥିଲା। କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା କରନ୍ ସିଂ ତ୍ୟାଗୀ ଦେଇଛନ୍ତି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ | Bhubaneswar, Sunday, March 23/2025 | ପୃଷ୍ଠା-୧

# ଡିଲିମିଟେଶନ ଆଉ ୨୫ ବର୍ଷ ଘୁଞ୍ଚୁ

**କେନ୍ଦ୍ର ସରକାରଙ୍କ ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ) ପଦ୍ଧତିକୁ ବିରୋଧ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କ ଦ୍ୱାରା ଆହୂତ ଡିଏମ୍କେ ନେତୃତ୍ୱାଧୀନ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକ ଶନିବାର ଚେନ୍ନାଇରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଯୁକ୍ତ ଡିଲିମିଟେଶନକୁ ସୁନିଶ୍ଚିତ କରିବା ଉପରେ କମିଟି ଜୋର୍ ଦେଇଛି। ୧୯୭୧ ଜନସଂଖ୍ୟା ଆଧାରରେ କରାଯାଇଥିବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ଆଉ ୨୫ ବର୍ଷ ଘୁଞ୍ଚାଇବା ନିମନ୍ତେ କମିଟି କେନ୍ଦ୍ରକୁ ନିବେଦନ କରିଛି। ଏମ୍ପିମାନଙ୍କ ଏକ ମିଳିତ ପ୍ରତିନିଧି ଦଳ ପାର୍ଲାମେଣ୍ଟ ଅଧିବେଶନ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଏଥିପାଇଁ ଦାବି କରିବାକୁ ନିଷ୍ପତ୍ତି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲି ସାମିଲ ହୋଇ କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରା ନ ଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍ସି) ଉକ୍ତ ବୈଠକରେ ଯୋଗଦେଇ ନାହିଁ।**

## କେନ୍ଦ୍ରକୁ କହିଲା ଜେଏସି


ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍

### ଅନୁଚିତ ସୀମା ପୁନଃ ନିର୍ଦ୍ଧାରଣ ରାଜ୍ୟଗୁଡ଼ିକୁ ରାଜନୈତିକ ଭାବେ ଦୁର୍ବଳ କରିବ: ଷ୍ଟାଲିନ୍

ଚେନ୍ନାଇ,୨୨।୩(ପି.ଟି.)


ଜେଏସି ବୈଠକରେ ଗୃହୀତ ହୋଇଥିବା ସଂକଳ୍ପ ଅନୁଯାୟୀ, ଗଣତାନ୍ତ୍ରିକ ମୂଲ୍ୟବୋଧରେ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହେବାକୁ ଥିବା ଯେକୌଣସି ଡିଲିମିଟେଶନ ସ୍ୱଚ୍ଛତାର ସହ କରାଯିବା ଉଚିତ, ଯେପରି ସମସ୍ତ ରାଜ୍ୟର ରାଜନୈତିକ ଦଳ, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାର ବିଚାରବିମର୍ଶ, ଆଲୋଚନା ଏବଂ ମତାମତ ଦେବାର ସୁଯୋଗ ପାଇବେ। ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ପଦକ୍ଷେପକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିଛନ୍ତି, ସେହି ରାଜ୍ୟଗୁଡ଼ିକୁ ସୁରକ୍ଷା ପ୍ରୋତ୍ସାହନ ଯୋଗାଇବା ୪୨ତମ, ୮୪ତମ ଏବଂ ୮୭ତମ ସମ୍ବିଧାନ ସଂଶୋଧନ ପଛର ବ୍ୟବସ୍ଥାପିକାଗତ ଉଦ୍ଦେଶ୍ୟ ଥିଲା। ଜାତୀୟ ଜନସଂଖ୍ୟା ସ୍ଥିରତା ଲକ୍ଷ୍ୟ ଏପର୍ଯ୍ୟନ୍ତ ହାସଲ ହୋଇପାରି ନ ଥିବାରୁ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଆଉ ୨୫ ବର୍ଷ ବନ୍ଦ ରଖାଯିବା ଆବଶ୍ୟକ ବୋଲି କମିଟି କହିଛି। ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଫଳରେ ଲୋକସଂଖ୍ୟା କମିଥିବା ରାଜ୍ୟଗୁଡ଼ିକ ଦଣ୍ଡିତ ହେବା ଉଚିତ ନୁହେଁ। ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସମ୍ବିଧାନରେ ଆବଶ୍ୟକ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସଂକଳ୍ପରେ କୁହାଯାଇଛି।

ବୈଠକରେ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ କହିଥିଲେ, ଯଥେଷ୍ଟ ରାଜନୈତିକ ସାମର୍ଥ୍ୟ ନ ଥିବା ରାଜ୍ୟଗୁଡ଼ିକର ନ୍ୟାୟ ପାଇଁ ଉଠାଉଥିବା ସ୍ୱରକୁ ଅଣଦେଖା କରାଯାଉଛି। ପାର୍ଲାମେଣ୍ଟରେ ଆମ ପ୍ରତିନିଧିତ୍ୱକୁ ହ୍ରାସ କରାଗଲେ ଆମ ରାଜନୈତିକ ସାମର୍ଥ୍ୟ ଆହୁରି ହ୍ରାସ ପାଇବ ବୋଲି ସେ କହିଛନ୍ତି। ଆମେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ବିରୋଧ କରୁନାହୁଁ, କିନ୍ତୁ ଏହା ଉପଯୁକ୍ତ ପଦ୍ଧତିରେ କରାଯିବାକୁ ଚାହୁଁଛୁ। ଆବଶ୍ୟକ ହେଲେ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବିସ୍ତୃତ ଆଇନଗତ ରଣକୌଶଳ ପ୍ରସ୍ତୁତି ନିମନ୍ତେ ଲିଗାଲ ଏକ୍ସପର୍ଟ କମିଟି ଗଠନ ପାଇଁ ଷ୍ଟାଲିନ୍ ପ୍ରସ୍ତାବ ଦେଇଥିଲେ।

ବୈଠକରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ, ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, କର୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ବିଜେଡି ନେତା ☞ପୃଷ୍ଠା–୨

## ଆରମ୍ଭ ହେଲା ଆଇପିଏଲ୍

**କୋଲକାତା,୨୨।୩(ପି.ଟି.) :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାର କୋଲକାତାର ଇଡେନ ଗାର୍ଡେନ୍ସରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟକ ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ପାଖାପାଖି ଏକ ଘଣ୍ଟା ଧରି ଉଦ୍‌ଘାଟନୀ ସମାରୋହ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ପ୍ରଥମ ମ୍ୟାଚ ଆରମ୍ଭ ହୋଇଥିଲା। **(ରିପୋର୍ଟ ଓ ଫଟୋ ଖେଳ ପୃଷ୍ଠାରେ)**







## ରାଜ୍ୟରେ ଦିନକୁ ୩ ବାଲ୍ୟବିବାହ

### ନବରଙ୍ଗପୁର ଆଗରେ, ଦ୍ୱିତୀୟରେ ଗଞ୍ଜାମ

ଭୁବନେଶ୍ୱର,୨୨।୩ (ପି.ଟି.)

ଓଡ଼ିଶାରେ ବାଲ୍ୟବିବାହ ସ୍ଥିତି ଚିନ୍ତାଜନକ ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ପ୍ରଭାବୀ ହୋଇପାରୁନାହିଁ। ଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ଦୈନିକ ୩ଟି ବାଲ୍ୟବିବାହ ଘଟୁଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୧୯ରୁ ୨୦୨୫ ଫେବୃଆରୀ ମଧ୍ୟରେ ସାରା ରାଜ୍ୟରେ ମୋଟ ୮,୧୫୯ ବାଲ୍ୟବିବାହ ଘଟଣା ଘଟିଛି। ସେଥିମଧ୍ୟରୁ ୧,୩୪୭ ଘଟଣା କେବଳ ନବରଙ୍ଗପୁର ଜିଲାରେ ଘଟିଛି, ଯାହାକି ରାଜ୍ୟରେ ସର୍ବାଧିକ। ଏହାପଛକୁ ଗଞ୍ଜାମ ଜିଲା ରହିଛି। ଏଠାରେ ସେହି ସମୟ ମଧ୍ୟରେ ୯୬୬ ବାଲ୍ୟବିବାହ ହୋଇଛି। ସେହିପରି କୋରାପୁଟରେ ☞ପୃଷ୍ଠା–୨




## ବିନୋଦ ଶୁକ୍ଳାଙ୍କୁ ଜ୍ଞାନପୀଠ ପୁରସ୍କାର



ନୂଆଦିଲ୍ଲୀ,୨୨।୩(ପି.ଟି.)

ଖ୍ୟାତନାମା ହିନ୍ଦୀ ଲେଖକ ବିନୋଦ କୁମାର ଶୁକ୍ଳାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ନିମନ୍ତେ ଶନିବାର ମନୋନୀତ କରାଯାଇଛି। ହିନ୍ଦୀ ସାହିତ୍ୟ ଜଗତକୁ ନିଜର ଉଲ୍ଲେଖନୀୟ ଅବଦାନ, ସୃଜନଶୀଳତା ଏବଂ ଅଦ୍ୱିତୀୟ ଲେଖନ ଶୈଳୀ ପାଇଁ ତାଙ୍କୁ ଜ୍ଞାନପୀଠ ନିମନ୍ତେ ବଛାଯାଇଥିବା ଚୟନ କମିଟି କହିଛି। ଏହି ପୁରସ୍କାର ପାଇବାରେ ବିନୋଦ ହେବେ ଛତିଶଗଡ଼ରୁ ପ୍ରଥମ ସାହିତ୍ୟିକ। କ୍ଷୁଦ୍ରଗଳ୍ପ ଲେଖକ, କବି ତଥା ପ୍ରାବନ୍ଧିକ ୮୮ ବର୍ଷୀୟ ବିନୋଦଙ୍କୁ ହିନ୍ଦୀ ଭାଷାରେ ଅନ୍ୟତମ ମହାନ ସମସାମୟିକ ଲେଖକ ବିବେଚନା କରାଯାଏ। ଏହି ପୁରସ୍କାର ପାଇବାରେ ସେ ଦ୍ୱାଦଶ ହିନ୍ଦୀ ଲେଖକ ହେବେ। ପୁରସ୍କାର ବାବଦରେ ୧୧ ଲକ୍ଷ ନଗଦ ଟଙ୍କା ସାଙ୍ଗକୁ ସରସ୍ୱତୀଙ୍କ ବ୍ରୋଞ୍ଜ ମୂର୍ତ୍ତି ଏବଂ ଏକ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଖ୍ୟାତନାମା ସାହିତ୍ୟିକା ତଥା ଜ୍ଞାନପୀଠ ବିଜୟିନୀ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଜ୍ଞାନପୀଠ ଚୟନ କମିଟି ବୈଠକ ବସି ବିନୋଦଙ୍କୁ ଏହି ☞ପୃଷ୍ଠା–୨

**କାଳବୈଶାଖୀ: ବଜ୍ରପାତରେ ୨ ମୃତ**
ପୃଷ୍ଠା–୩

**ଆଜିର ସମ୍ପାଦକୀୟ**
**ଆମେରିକା ସହିପାରୁନି**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀର ରାଧା-କୃଷ୍ଣ ମହିଳା ଯୁଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଲେନ୍-୧୧, ଜଗନ୍ନାଥ ନଗର, ସମୟ: ସକାଳ ୬ଟା।
- ବାବା ଆଖଣ୍ଡଳମଣି ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ଭିଏସ୍ଏସ୍ ନଗର, ସମୟ: ସକାଳ ୯ଟା।
- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ 'ଦେବାଂଶୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୩୮ତମ ସାଧାରଣ ଅଧିବେଶନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ପ୍ଲଟ ନଂ. ୩୦, ଗୌତମ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଏସ୍ଏଚ୍‌ଜି ଓ ଏମ୍ଏଫ୍ଆଇ ବାବଦରେ ସର୍ଭେ ରିପୋର୍ଟ ଜାରି, ସ୍ଥାନ: ଓଡେଶା ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱପ୍ନ କୁମାର ସାହୁଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଉପଲକ୍ଷେ ମାଉସୀମା ସତ୍‌ସଙ୍ଗ ପକ୍ଷରୁ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ, ସ୍ଥାନ: କାର୍‌ଗିଲ ପଡ଼ିଆ, ପୋଖରୀପୁଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଡିଏମ୍‌ଭି (ଜଟଣୀ)ର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କୃତୀ କଳାକାରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବାଛରା ଶ୍ରୀରାମ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନୀଳବାଡ଼ି, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପିଙ୍ଗ୍ଳାବଣିଆ ଆଶ୍ରମ ପରିସର, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଡ. ବିଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅମର ଯବାନ ଯୁବ ସଙ୍ଗଠନର ସପ୍ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ ଅବସରରେ-ଚିତ୍ରାଙ୍କନ ପ୍ରତିଯୋଗିତା, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ଅପରାହ୍ନ ୫ଟା। -ସଭା କାର୍ଯ୍ୟ ଓ ପୁରସ୍କାର ବିତରଣ, ସ୍ଥାନ: ବାହାବଳପୁର ଫିଶାରି ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ସାଧାରଣ ସଭା ଓ ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- ମନ୍ତେଇ ମହୋତ୍ସବ-୨୦୨୫, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ, ସ୍ଥାନ: ପୀରହାଟର ଅର୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ବାଦିପାଲା ପରିବେଷଣ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ରାତି ୮ଟା।

## କେନ୍ଦୁଝର

- କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହ ଆଲୋଚନା, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକା କରଣ ଶିବିର, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଖବରଦାତା ସମ୍ମିଳନୀ, ସ୍ଥାନ: ମଂଚାବନ୍ଧାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୨ଟା।
- ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରଥପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ରାମ ମନୋହର ଲୋହିଆ ଜୟନ୍ତୀ ଓ ଭଗତସିଂଙ୍କ ଫାସୀ ଦିବସ, ସ୍ଥାନ: ନବୀନ ଭବନ , ସମୟ: ଅପରାହ୍ନ ୪ଟା

## ଗଞ୍ଜାମ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ଦିବ୍ୟ ଜୀବନ ସଂଘ ଆସିକା, ସମୟ: ସକାଳ ୯ଟା।
- ମାଗଣା ସ୍ୱାସ୍ଥ୍ୟସେବା ଶିବିର, ବିବେକାନନ୍ଦ ଶିଶୁମନ୍ଦିର ଗଡ଼େଇ, ଆସିକା ବ୍ଲକ୍, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ରକ୍ତଦାନ ଶିବିର,ସ୍ଥାନ: ଜିଲା ରକ୍ତଭଣ୍ଡାର, ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା୩୦।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ୧୦ଟା୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଗାନ୍ଧୀମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ପ୍ରଥମ ମହିମା ବହ୍ନିମେଳା-୨୦୨୫ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ଉପଲକ୍ଷେ ସ୍ମରଣ ସଭା, ସ୍ଥାନ: ବଜରଙ୍ଗୀ ମଣ୍ଡପ, କଣ୍ଡିଆହାଟ, ରାଜକନିକା, ସ୍ଥାନ: ଅପରାହ୍ନ ୫ଟା।

## ଯାଜପୁର

- ଧର୍ମଶାଳା ସମାଜ କଲ୍ୟାଣ ଶିକ୍ଷକ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ: ସକାଳ ୭ଟା।
- ଭଗତ ସିଂହଙ୍କ ଶହୀଦ ଦିବସ, ସ୍ଥାନ: ଗୋଡିପଡା ବଜାର ମହନ୍ତସାହିସ୍ଥ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସମ୍ମୁଖ, ସମୟ: ସକାଳ ସାଢେ ୭ ଟା।
- ଭଗତ ସିଂହଙ୍କର ଶହୀଦ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଭାପୁର ବ୍ଲକର ମହୁଲ ବେରଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ: ଅପରାହ୍ନ ୪ଟା।

୨୭ତମ ବାର୍ଷିକ ଯଜ୍ଞୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ଶ୍ରୀ ଶ୍ରୀଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ଉଗାଦି ଉତ୍ସବ କମିଟି ପକ୍ଷରୁ ବେଦ ପାଠ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ମ୍ୟୁନିସିପାଲିଟି ଟାଉନ ହଲ, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର

- ବାର୍ଷିକ ଉତ୍ସବ, ସ୍ଥାନ: କୁଜାଜାନୀଗୁଡ଼ା ଏସ୍ଏସ୍‌ଡି ହାଇସ୍କୁଲ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସତ୍ୟ ସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ସୁନାବେଡ଼ା-୧ସ୍ଥିତ ସତ୍ୟ ସାଇ ସେବା ସମିତି କାର୍ଯ୍ୟାଳୟ , ସମୟ: ସକାଳ ୯ ଟା।
- ଖଡୁରା ସମାଜର ବନ୍ଧୁ ମିଳନ, ସ୍ଥାନ: ସେମିଳିଗୁଡ଼ା ଗଙ୍ଗା ମା ମନ୍ଦିର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ଡିକେଆଇଡିଜେଡ ପ୍ଲେ ସ୍କୁଲ ଉଦ୍‌ଘାଟନ, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ : ସମ୍ବଲପୁର ପ୍ରେସ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରୟାସ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସେତୁ ଆୟୋଜିତ ୪ର୍ଥ ଇଂ. କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ :ଏମ୍‌ୟୁ ପରିସରସ୍ଥ ସହଭାଗିତା କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ବୀର ବଜରଙ୍ଗବଳି କ୍ୟାରେମ ଟୁର୍ନାମେଣ୍ଟ, ସ୍ଥାନ : ବରଗାଁ ସ୍ଥିତ ବୀର ବଜରଙ୍ଗବଳି କ୍ଲବ, ସମୟ : ଅପରାହ୍ନ ୫ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା୩୦ ।

## ବଲାଙ୍ଗୀର

- ପଞ୍ଚଦିବସୀୟ ବିଶାଳ ଯୋଗ ସାଧନା ଶିବିର ଦ୍ୱିତୀୟ ଦିବସ,ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ପ୍ରାତଃ ୫ଟା।
- ଅଲ୍ ଓଡିଶା ମହାରାଜା ଆର୍ ଏନ୍ ସିଂଦେଓ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ମହାରୁଦ୍ର ଯଜ୍ଞ, ସ୍ଥାନ: ହରପାର୍ବତୀ ମନ୍ଦିର, ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ଡିୱାଇଏଫ୍ଆଇ(ଏସ୍ଏଫ୍ଆଇ) ପକ୍ଷରୁ ଶହୀଦ ଭଗତ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୮ଟା ୩୦।
- ବିହାର ଦିବସ ପାଳନ, ସ୍ଥାନ: ବାସନ୍ତୀ କଲୋନି ବିହାର ସାଂସ୍କୃତିକ ପରିଷଦ, ସମୟ: ସକାଳ ୯ଟା ୩୦।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଜଳ ସଂରକ୍ଷଣ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୮, ସମୟ: ୧୦ଟା ୩୦।
- ଦେଶ ପାଇଁ ବଳିଦାନ ଦିବସ ପାଳନ, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୁରୁଦ୍ୱାରା ଛକ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ:ମନ୍ଦିର ପରିସର, ଅତାବିରା,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ତାଲପାଲି, ଗାଇସିଲେଟ୍, ସମୟ:ସକାଳ ୮ଟା।
- ହୋମିଓପ୍ୟାଥି ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଅତାବିରା,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପାର ପ୍ରସ୍ତୁତି ବୈଠକ,ସ୍ଥାନ:ଭବାନୀପାଟଣା ଭାଜପା ଅଫିସ,ସମୟ:ଅପରାହ୍ନ ୪।
- ବିଧାୟକଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ, ସ୍ଥାନ:ଧର୍ମଗଡ଼ ଚାରିଛକ,ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଲେଇବଣି ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଜଗନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଜଗନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଟିପାଲିରେ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ମାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରେ ତ୍ରିନାଥ ମେଳା ଓ ତ୍ରିନାଥ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଜଗନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ ଇଛାପୁର ଗାଁ ଉପରପଡ଼ା, ସମୟ: ଅପରାହ୍ନ ୨ ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସମୟ: ସନ୍ଧ୍ୟା ୬ଟା।
- ସଂକୀର୍ତ୍ତନ ଦଳ ଦ୍ୱାରା ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁ ଇଛାପୁର ଗାଁ ଉପରପଡ଼ା ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମ୍ଭର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଟି୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କପିଳାଷପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ କଳାନୁରାଗୀ, ସଙ୍ଗୀତପ୍ରିୟ, ସାହିତ୍ୟରସିକ ଓ ଚଳଚ୍ଚିତ୍ରପ୍ରେମୀ ଭାବରେ ପ୍ରଶଂସିତ ହୋଇପାରନ୍ତି। ମଙ୍ଗଳଙ୍କ କୁପ୍ରଭାବରୁ ଦେହ ଖରାପ ରହିପାରେ। ଅଶ୍ୱିନୀ ନକ୍ଷତ୍ରର କାମ ଯଥା ସମୟରେ ହେଉ ନ ଥିବାରୁ ବିରକ୍ତ ହେବେ। ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ**
ମୃଗଶିରା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। ଜାଣି ମଧ୍ୟ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନକୁ ନ ପାଇବାରୁ ଫେରିଆସିବେ। ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ବନ୍ଧୁମିଳନରେ ଭାଗ ନେଇପାରିବେ ନାହିଁ ।

**ମିଥୁନ**
ଷଷ୍ଠାଧିପତି ରାଶିରେ ଅବସ୍ଥାନ କରି ଆପଣଙ୍କ ପାରିବାରିକ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ବିନଷ୍ଟ କରିପାରନ୍ତି। ଭୁଲ୍‌ବୁଝାମଣାରୁ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଆରଦ୍ରା ନକ୍ଷତ୍ର ପରିବାରର ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହୋଇପାରନ୍ତି।

**କର୍କଟ**
କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି ତେଣେ ନିଜଲୋକଙ୍କଠାରୁ ମଧ୍ୟ ଆସ୍ଥାହରାଇବେ। ପୁନର୍ବସୁ ନକ୍ଷତ୍ର ବନ୍ଧୁବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିପାରନ୍ତି। ଖୋଜୁଥିବା ଜିନିଷଟିର ସନ୍ଧାନ ସନ୍ଧ୍ୟା ସମୟରେ ପାଇବାର ସୂଚନା ରହିଛି।

**ସିଂହ**
ଦୁଃସ୍ଥାନରେ ଏକାଧିକ ଗ୍ରହଥିବା କାରଣରୁ ଧନାହାନି ସୂଚନା ରହିଛି। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ।

**କନ୍ୟା**
ଆଜି ଚିତ୍ରା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବ ନାହିଁ। ଟେନସନ୍ କିଛି ମାତ୍ରାରେ ଲାଗିରହିବ କିନ୍ତୁ ଯାହା ଚିନ୍ତା କରୁଛନ୍ତି ଅବଶ୍ୟ ସଫଳ ହେବ। ହଠାତ୍ କୌଣସି କ୍ଷେତ୍ରରେ ଅଯଥା ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ।

**ତୁଳା**
ବିଶାଖା ନକ୍ଷତ୍ରର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସିରେ ଅତିବାହିତ ହେବାର ସୂଚନା ରହିଛି। କୌଣସି ମନଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ ହେବେ। ସଭାସମିତି, ଶିକ୍ଷା, ପରୀକ୍ଷା, ବିଦେଶ ଯାତ୍ରା ପ୍ରଭୃତି ସାଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା**
ଅନୁରାଧା ନକ୍ଷତ୍ର ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ, ଆଇନ ଅଦାଲତରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହୁଥିବାରୁ ସାମୟିକ ଚିନ୍ତିତ ରହିପାରନ୍ତି।

**ଧନୁ**
ନିକଟସ୍ଥ ବନ୍ଧୁଙ୍କୁ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯେକୌଣସି କ୍ଷେତ୍ର ହେଉନା କାହିଁକି, ଆପଣ କିଛି କରନ୍ତୁ, ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡିବ। ଆଜି ଉତ୍ତରାଷାଢ଼ା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି।

**ମକର**
କିଛି ନ ବୁଝି ନ ଶୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ଧନିଷ୍ଠା ନକ୍ଷତ୍ର ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଶତଭିଷା ନକ୍ଷତ୍ର ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ, କଳା, ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି ।

**ମୀନ**
ରେବତୀ ନକ୍ଷତ୍ର ବିଭିନ୍ନ କାମ ହାତକୁ ନେଇ କଳ୍ପନା ରାଇଜରେ ଘୂରିବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ପାରିବାରିକ ସମସ୍ୟା ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଭଗତ ସିଂହ, ସୁଖଦେବ ଏବଂ ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଚୈତ୍ର କୃଷ୍ଣ ନବମୀ ରବିବାର। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୧ ଗତେ ଘ.୦୯.୫୨ ମଧ୍ୟେ, ଘ.୦୧.୨୩ ଗତେ ଘ.୦୧.୫୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୨୪ ଗତେ ଘ.୦୫.୫୪ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଡିଲିମିଟେଶନ ଆଉ ...

ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଯୋଗଦେଇଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚୁଆଲି ସାମିଲ ହୋଇଥିଲେ। କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରାଗଲେ କଠୋର ପଦକ୍ଷେପ ଜରିଆରେ ଲୋକ ସଂଖ୍ୟା କମାଇଥିବା ରାଜ୍ୟଗୁଡ଼ିକ ପାଇଁ ଠିକ୍ ହେବନାହିଁ ବୋଲି ନବୀନ ତାଙ୍କ ବାର୍ତ୍ତାରେ କହିଥିଲେ। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ ଡିଏମ୍‌କେର ଡିଲିମିଟେଶନ ଆଭିମୁଖ୍ୟକୁ ସମର୍ଥନ କରୁଥିଲେ ମଧ୍ୟ ବୈଠକରେ ଯୋଗଦେଇ ନାହିଁ।

କେରଳ ମୁଖ୍ୟମନ୍ତ୍ରୀ ବିଜୟନ ଡିଲିମିଟେଶନକୁ 'ଡେମୋକ୍ଲିସ୍‌ଙ୍କ ଖଣ୍ଡା' ସହ ତୁଳନା କରିଥିଲେ। ଏହି ଖଣ୍ଡ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଝୁଲୁଥିବା ସେ କହିଥିଲେ। ଭାଜପା ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ଚାହୁଁଛି। ଏହା ସାମ୍ବିଧାନିକ ସିଦ୍ଧାନ୍ତ କିମ୍ବା ଗଣତାନ୍ତ୍ରିକ ଅନିବାର୍ଯ୍ୟତା ଆଧାରରେ କରାଯାଉ ନ ଥିବା ବିଜୟନ କହିଥିଲେ। ସେହିପରି ଶିବକୁମାର କହିଥିଲେ, ଦକ୍ଷିଣ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସାକ୍ଷରତା ଉଦ୍ୟମ ପାଇଁ କଠୋର ପଦକ୍ଷେପ ନେଇ ଦୀର୍ଘବର୍ଷ ହେଲା ଜାତୀୟ ସ୍ୱାର୍ଥକୁ କାଏମ ରଖିଆସିଛି। ଆମେ ଆମ ଆସନ ସଂଖ୍ୟା କମାଇବାକୁ ଦେଇପାରିବୁ ନାହିଁ। ଅର୍ଥନୈତିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ଆମେ କ୍ରମାଗତ ଭାବେ ଆଗରେ ରହିଆସିଛୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଜେଏସି ବୈଠକକୁ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ବୈଠକ ସ୍ଥଳ ବାହାରେ ଭାଜପା କର୍ମୀମାନେ କଳାପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ସେମାନଙ୍କ ପ୍ରଶାସନିକ ବିଫଳତାକୁ ଲୁଚାଇବାକୁ ଯାଇ ଡିଲିମିଟେଶନକୁ ଅସ୍ତ୍ର କରୁଥିବା ଭାଜପା ଅଭିଯୋଗ କରିଛି। ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତଥା ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରରାଜନ ସେମାନଙ୍କ ଏଭଳି କାର୍ଯ୍ୟକୁ ଦୁର୍ନୀତି ଘୋଡାଇବା ଅଭିଯାନ ବୋଲି କହିଛନ୍ତି। ଷ୍ଟାଲିନ୍ ନିଜ ରାଜ୍ୟର ସମସ୍ୟାଠାରୁ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ସଙ୍କଟ ସୃଷ୍ଟି କରୁଛନ୍ତି ବୋଲି ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମଲାଇ କହିଛନ୍ତି।

## ଆସନ ସଂଖ୍ୟା ନିର୍ଣ୍ଣୟରେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ: ନବୀନ

ଭୁବନେଶ୍ୱର,୨୨।୩ (ରବିନାରାୟଣ ଜେନା)

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଖସଡ଼ା। ହେଲେ ଲୋକ ସଭା ଆସନ ସଂଖ୍ୟା ନିର୍ଣ୍ଣୟ ବେଳେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ ନୁହେଁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ଶନିବାର ସୀମା ପୁନଃ ନିର୍ଦ୍ଧାରଣ(ଡିଲିମିଟେଶନ)କୁ ନେଇ ଚେନ୍ନାଇରେ ବସିଥିବା ବୈଠକ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତା ଜାରିକରି ନବୀନ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ କରିବା ପାଇଁ ବହୁତ ଭଲ କାମ କରୁଥିବା ରାଜ୍ୟରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ଲାଗି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ।



ନବୀନ ପଟ୍ଟନାୟକ

ଯଦିଓ ଏହା ଏକ ସକାରାତ୍ମକ ଜାତୀୟ କାର୍ଯ୍ୟସୂଚୀ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ । ରାଜ୍ୟଗୁଡ଼ିକ ଜାତୀୟ କାର୍ଯ୍ୟସୂଚୀ ସଫଳ ରୂପାୟନ କରିବାରେ ନିଜ ପକ୍ଷରୁ ବହୁତ ଗୁରୁତ୍ୱ ଦେଉଛନ୍ତି। ଏକ୍ଷେତ୍ରରେ କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ, ପଶ୍ଚିମବଙ୍ଗ, ପଞ୍ଜାବ ଓ ଓଡ଼ିଶା ଅନ୍ୟତମ।

ନବୀନ କହିଛନ୍ତି, ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି, ଆସନ କମିଲେ ତାହା ତାଙ୍କ ପ୍ରତି ଅନ୍ୟାୟ ହେବ। ଆମର ମତ ହେଉଛି, ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ। ଓଡ଼ିଶା ଜନସଂଖ୍ୟା ହ୍ରାସରେ ଦୀର୍ଘବର୍ଷ ଧରି ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ଯଦି ଜନସଂଖ୍ୟା ଆଧାରରେ ଏହା ନିର୍ଣ୍ଣୟ କରାଯିବ ତେବେ ଓଡ଼ିଶା ଲୋକ ସଭା ଆସନ କମିଯିବ। ବିଜୁ ଜନତା ଦଳ ରାଜ୍ୟର ସ୍ୱାର୍ଥ ପାଇଁ ସବୁ ପ୍ରକାର ପ୍ରତିବାଦ କରିବାକୁ ପ୍ରସ୍ତୁତ। ଏହି ପରିପ୍ରେକ୍ଷୀରେ ଜନସଂଖ୍ୟାକୁ ଏକମାତ୍ର ଆଧାର ଭାବେ ଆସନ ଲାଗି ଧରା ନ ଯାଉ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରିବାର ଆବଶ୍ୟକ ରହିଛି ବୋଲି ନବୀନ କହିଛନ୍ତି; ଯଦ୍ଦ୍ୱାରା ଆମର ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେକୌଣସି ସନ୍ଦେହ ଦୂର ହୋଇପାରିବ। ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ନବୀନ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ନବୀନ କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ସମ୍ବୋଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ବୈଠକରେ ଓଡ଼ିଶା ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ।

## ରାଜ୍ୟରେ ଦିନକୁ ...


୬୩୬, ମୟୂରଭଞ୍ଜରେ ୫୯୪, ରାୟଗଡ଼ାରେ ୪୦୮, ବାଲେଶ୍ୱରରେ ୩୬୧, କେନ୍ଦୁଝରରେ ୩୨୮, କନ୍ଧମାଳରେ ୩୦୮ ଏବଂ ନୟାଗଡ଼ରେ ୩୦୮ ବାଲ୍ୟବିବାହ ସମ୍ପନ୍ନ ହୋଇଛି। ଏହି ତାଲିକାର ସବୁଠୁ ତଳେ ରହିଛି ଝାରସୁଗୁଡ଼ା ଜିଲା, ଯେଉଁଠି ୬ବର୍ଷରେ ଏଭଳି ୫୭ ଘଟଣା ଘଟିଥିବା ସରକାରୀ ତଥ୍ୟ ଦର୍ଶାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନମ୍ରତା ଚଢ଼ା କହିଛନ୍ତି ଯେ, ବାଲ୍ୟବିବାହ ରାତାରାତି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରିବ ନାହିଁ। ଆମକୁ ଏଭଳି ପରିବେଶ ତଥା କନ୍ୟାସନ୍ତାନ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ସୋସାଇଟି ଗଠନ କରିବାକୁ ପଡ଼ିବ, ଯାହା ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ଦେବ ନାହିଁ। ଆଦିବାସୀ ବିଶେଷକରି ଶିକ୍ଷା, ସାମାଜିକ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ପିଭିଟିଜି ବର୍ଗ ଆଦିବାସୀଙ୍କ କ୍ଷେତ୍ରରେ ଅପ୍ରାପ୍ତ ବୟସ୍କ ପିଲାଙ୍କ ବିବାହ ଏକ ପ୍ରଥା ଭାବେ ରହିଆସିଛି। ସେହିପରି ସାଧାରଣତଃ ଜୀବିକା ପାଇଁ ଅନ୍ୟ ସ୍ଥାନକୁ ପଳାୟନ କରୁଥିବା ଅଭିଭାବକମାନେ ସେମାନଙ୍କ କନ୍ୟାସନ୍ତାନଙ୍କୁ ବୈଧ ବୟସ ପୂର୍ବରୁ ବିବାହ କରାଇ ଦେଉଛନ୍ତି। କାରଣ ସେମାନେ ଆଶା କରୁଛନ୍ତି ଯେ, ଏହାଦ୍ୱାରା ସେମାନଙ୍କ କନ୍ୟାସନ୍ତାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ। ଏହାସହ ଝିଅମାନେ ବିବାହ ପୂର୍ବରୁ ଅନ୍ୟ କାହାସହିତ ପଳାଇ ଯାଇ ପରିବାର ପାଇଁ ନିନ୍ଦା ଆଣିବାର ଭୟ ଆଉ ରହିବ ନାହିଁ ବୋଲି ପ୍ରବାସୀ ଅଭିଭାବକମାନେ ଭାବୁଥିବା ସାମାଜିକ କର୍ମୀ ଚଢ଼ା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ବାଲ୍ୟବିବାହ ରୋକିବା ପାଇଁ ପ୍ରତି ତିନିମାସରେ ପଞ୍ଚାୟତ, ବ୍ଲକ ଓ ଅଙ୍ଗନୱାଡି ସ୍ତରରେ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରୁଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆବାସିକ ହଷ୍ଟେଲଗୁଡ଼ିକର ୱାର୍ଡେନ୍/ମାଟ୍ରୋନମାନେ ଚିଫ୍ ମ୍ୟାରେଜ୍ ପ୍ରୋହିବିଶନ ଅଫିସର ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ସ୍କୁଲ ଓ କଲେଜଗୁଡ଼ିକର ମୁଖ୍ୟମାନଙ୍କୁ ଚିଫ୍ ମ୍ୟାରେଜ୍ ଇନ୍‌ଫରମେଶନ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବାଲ୍ୟବିବାହ ନିରୋଧ ଆଇନ ଅନୁଯାୟୀ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ପ୍ରତି ୬ ମାସରେ ଥରେ ଅନୁଷ୍ଠିତ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି।

## ବିନୋଦ ଶୁକ୍ଳାଙ୍କୁ ...

ପୁରସ୍କାର ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟିର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ମାଧବ କୌଶିକ, ଦାମୋଦର ମୌଜୋ, ପ୍ରଭା ବର୍ମା, ଅନାମିକା, ଏ. କ୍ରିଷ୍ଣା ରାଓ, ପ୍ରଫୁଲ ଶିଲେଦାର, ଜାନକୀ ପ୍ରସାଦ ଶର୍ମା ଏବଂ ଜ୍ଞାନପୀଠ ନିର୍ଦ୍ଦେଶକ ମଧୁସୂଦନ ଆନନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିନୋଦ ଶୁକ୍ଳା ୧୯୯୯ରେ ତାଙ୍କ ପୁସ୍ତକ 'ଦିୱାର ମେଁ ଏକ ଖିଡ଼କୀ ରହତି ଥି' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।




# ନିଷ୍କ୍ରିୟ ମୋବାଇଲ ନମ୍ବରରେ ଏପ୍ରିଲ ୧ରୁ ମିଳିବନି ୟୁପିଆଇ ସେବା

ଭୁବନେଶ୍ୱର,୨୨।୩
(ଅନୁରାଧା ମହାରଣା)

ଆର୍ଥିକ ଠକେଇ ରୋକିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍(ୟୁପିଆଇ) ସହ ଜଡ଼ିତ ଅନେକ ନିୟମ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ବ୍ୟାଙ୍କରେ ଲିଙ୍କ୍ ହୋଇଥିବା ଉପଭୋକ୍ତାଙ୍କ ମୋବାଇଲ ନମ୍ବର ଦୀର୍ଘ ସମୟ ଧରି ନିଷ୍କ୍ରିୟ ଥିଲେ, ସେମାନେ ଏପ୍ରିଲ ୧ରୁ ୟୁପିଆଇ ସେବାରୁ ବଞ୍ଚିତ ହେବେ। ନିଷ୍କ୍ରିୟ କିମ୍ବା ପରିବର୍ତ୍ତିତ ମୋବାଇଲ ନମ୍ବର ଅପସାରଣ ପାଇଁ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସପି) କମ୍ପାନୀ ମାର୍ଚ୍ଚ ୩୧ ପୂର୍ବରୁ ସେମାନଙ୍କ ଡାଟାବେସ୍ ଅପ୍‌ଡେଟ୍ କରିବାକୁ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ନିର୍ଦ୍ଦେଶ ଦେଇଛି। ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟ୍‌ଫର୍ମ (ଡିଆଇପି)ରେ ଉପଲବ୍ଧ ମୋବାଇଲ ନମ୍ବର ରିଭୋକେଶନ ଲିଷ୍ଟ (ଏମ୍‌ଏନ୍‌ଆର୍‌ଏଲ୍) ବ୍ୟବହାର



କରିବାକୁ କୁହାଯାଇଛି। ଫଳରେ ନିଷ୍କ୍ରିୟ ମୋବାଇଲ ନମ୍ବର ସହିତ ଲିଙ୍କ୍ ହୋଇଥିବା ୟୁପିଆଇର ବ୍ୟବହାର ବନ୍ଦ ହୋଇଯିବ। ବ୍ୟାଙ୍କ ଏବଂ ଗୁଗଲ ପେ', ଫୋନ ପେ' ଭଳି ୟୁପିଆଇ ଆପ୍ ସପ୍ତାହରେ ଅତି କମ୍‌ରେ ଥରେ ମୋବାଇଲ ନମ୍ବର ରେକର୍ଡ ଅପ୍‌ଡେଟ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ୟୁପିଆଇ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡିକ ସନ୍ଦିଗ୍ଧ ମୋବାଇଲ୍ ନମ୍ବର ଚିହ୍ନଟ ଏବଂ ଅପସାରଣ କରିବା ପାଇଁ ଏମ୍‌ଏଆର୍‌ଏଲ୍ କିମ୍ବା ଡିଆଇପିର ସହାୟତା ନେବେ। କଲ୍ ଓ ଏସ୍‌ଏମ୍‌ଏସ୍ ଇତ୍ୟାଦି ସେବା ପାଇଁ ବ୍ୟବହୃତ ହେଉ ନ ଥିବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ୟୁପିଆଇ ନେଟ୍‌ୱାର୍କରୁ ଅପସାରିତ କରାଯିବ। ତେବେ ସେବା ଜାରି ରଖିବାକୁ ଚାହୁଁଥିବା ଉପଭୋକ୍ତାମାନେ ଏପ୍ରିଲ ୧ ପୂର୍ବରୁ ୟୁପିଆଇ ସହିତ ସଂଯୁକ୍ତ ବ୍ୟାଙ୍କ୍ ଆକାଉଣ୍ଟ ଓ ସେମାନଙ୍କର ନୂଆ ମୋବାଇଲ ନମ୍ବର ଅପ୍‌ଡେଟ କରାଇବା କିମ୍ବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ସକ୍ରିୟ କରାଇବାକୁ ପରାମର୍ଶ ଦିଆଯାଇଛି।

# ମା-ବାପାଙ୍କୁ ଡାକିବାକୁ ଯାଇ ବଜ୍ରପାତରେ ଚାଲିଗଲା ପୁଅର ଜୀବନ

ବ୍ରହ୍ମଗିରି,୨୨।୩(ସ୍ୱାଧୀନ ଚମ୍ପତିରାୟ)

ବିଲକୁ ଯାଇଥିବା ମା'ବାପାଙ୍କୁ ଡାକିବାକୁ ଯାଇ ବଜ୍ରାଘାତରେ ପୁଅର ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ। ମୃତକ ହେଲେ ଉକ୍ତ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗାଁର ମନୋଜ ନାୟକ (୨୩)।

ସୂଚନାଯୋଗ୍ୟ, କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କ୍ଷୟକ୍ଷତି ହୋଇଥିବା ବେଳେ ବ୍ରହ୍ମଗିରି ବ୍ଲକରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ବିଜୁଳି ମାଡ଼ ହୋଇଛି। ଅନେକ ଚାଷଜମିରେ ପାଣି ହୋଇଯାଇଛି। ମନୋଜଙ୍କ ମା'ବାପା ତାଙ୍କ ପୋଟଳ ଜମିରେ କେତେ ପାଣି ହୋଇଛି ବୋଲି ଦେଖିବାକୁ ଯାଇଥିଲେ। ସେହି ସମୟରେ ବିଜୁଳି ମାରିବା ଯୋଗୁ ମନୋଜ ମା'ବାପାଙ୍କୁ ଡାକିବାକୁ ଯାଇଥିଲେ। ସେ ଯିବା ରାସ୍ତାରେ ବଜ୍ରପାତରେ ଆହତ ହୋଇ ଅଧା ଜଳିଯାଇଥିଲେ। ପୁଅର ଅବସ୍ଥା ଦେଖି ମା'ବାପା ବିକଳରେ ଚିତ୍କାର କରିଥିଲେ। ଅନ୍ୟ ଜମିରେ କାମ କରୁଥିବା ଲୋକେ ମନୋଜଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେବଣାନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ମନୋଜଙ୍କ ମା'ବାପା ବିଶ୍ୱାସ ନ କରିବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି/ଚିକିଟି,୨୨।୩
(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ ନାରାୟଣପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ରାଜେଶ ଗୌଡ଼ଙ୍କ ଶନିବାର ମଧ୍ୟାହ୍ନ ୧୨ଟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜେଶ ଗ୍ରାମ ନିକଟସ୍ଥ ବୋମକେଇ ଗ୍ରାମ ଶିବାନନ୍ଦ ନୋଡାଲ ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ପଦ୍ମନାଭପୁର ଗ୍ରାମ ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଖବରରୁ ଜଣାପଡିଛି, ସାଙ୍ଗମାନଙ୍କ ସହ ରାଜେଶ ନିକଟସ୍ଥ କୁମରଡ଼ା ଗ୍ରାମରେ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟରେ ମ୍ୟାଚ ଖେଳିବାକୁ ଘରୁ ଯାଇଥିଲେ। ସେଠାରେ ରାସ୍ତା କଡର ଏକ ଚାଷଜମିକୁ ସମତୁଲ କରି ଗ୍ରାମର ଯୁବକମାନେ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ମ୍ୟାଚ ଚାଲିଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ହଠାତ୍ କାଳବୈଶାଖୀ ଝଡପବନ ସହ ବଜ୍ରପାତ ହୋଇଥିଲା। ଫଳରେ ରାଜେଶ ସେଠାରେ ଟଳି ପଡ଼ିଥିଲେ। ସମସ୍ତେ ଖେଳ ଛାଡ଼ି ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ଖବର ପାଇ ରାଜେଶଙ୍କୁ ଉଦ୍ଧାର କରି ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏନେଇ ସୂଚନା ପାଇ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ୍‌ଆଇ ଜଗବନ୍ଧୁ ବାର୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରାଜେଶଙ୍କ ମୃତଦେହ ଜବତ କରିଛନ୍ତି। କେ.ନୂଆଗାଁ ଥାନାରେ ନଂ.୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଛି।

# ଲଗାଣ ବର୍ଷା: ଦୁଇଦିନ ଶିମିଳିପାଳ ବନ୍ଦ

ବାରିପଦା,୨୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାଳବୈଶାଖି ବର୍ଷା ଯୋଗୁ ଦୁଇ ଦିନ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରଖାଯାଇଛି। ଶନିବାର ଓ ରବିବାର ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ପ୍ରବେଶ ବାରଣ କରାଯାଇଛି। ଶିମିଳିପାଳର ପିଠାବଟା ଓ କାଳିକାପ୍ରସାଦ ଉଭୟ ଦୁଇଟି ଗେଟ୍ ବନ୍ଦ ରହିବ ବୋଲି ବାରିପଦା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ପବନ ଘଡ଼ଘଡ଼ି ସହ କୁଆପଥର ମାଡ଼ରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଭଞ୍ଜବସା ରେଞ୍ଜରେ ସର୍ବାଧିକ ୭୩.୪୦ମି.ମି. ବର୍ଷା ରେକର୍ଡ କରାଯାଇଛି। ନଅଁଣାରେ ୩୭.୮ ମି.ମି., ଡୋଭରେ ୧୨.୮ ମି.ମି., ପିଠାବଟାରେ ୩୩.୦୨ମି.ମି., ବଡଗାଁରେ ୨୦.୫୭ମି.ମି., ବାରିପଦାରେ ୫୦.୨୯ମି.ମି., ଡୁକୁରାରେ ୩୩.୭୮ମି.ମି. ଓ ସାତକୋଶିଆରେ ୩୦.୪୮ମି.ମି. ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳରେ କିଛି ଦିନ ପର୍ଯ୍ୟନ୍ତ ବନାଗ୍ନିର ଆଶଙ୍କା ଦୂର ହୋଇଛି।

# ଭାଷା ଉପରେ ନିର୍ଭର କରେ ସୃଜନଶୀଳତା: ରାଜ୍ୟପାଳ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ପର୍ବ 'ତତ୍ତ୍ୱ'

ବାରଙ୍ଗ,୨୨।୩(ଲିଙ୍ଗରାଜ ରାଉତ)

ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତତ୍ ସମ୍ପର୍କିତ ଗବେଷଣା। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ। ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ମଧ୍ୟ ଆମର ଧ୍ୟେୟ ହେବା ଉଚିତ୍। ଭାଷା-ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସାହିତ୍ୟ ପର୍ବ 'ତତ୍ତ୍ୱ'ରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଏହା କହିଥିଲେ। 'ତତ୍ତ୍ୱ: ଦି ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ର ରାଜ୍ୟପାଳ ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ।



ଆୟୋଜିତ ସାହିତ୍ୟ ପର୍ବରେ ମଞ୍ଚାସୀନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସମେତ ଅନ୍ୟମାନେ।

ସାହିତ୍ୟ ଓ ସଂସ୍କୃତିର ଏହି ଉତ୍ସବକୁ ଏକ 'ପର୍ବ' ଭାବରେ ପାଳନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ପ୍ରାଧାପିକା ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ୫ଟି ଅଧିବେଶନରେ ବିଭକ୍ତ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଅଧିବେଶନରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ ଗୀତା ଅଧ୍ୟୟନ ଦ୍ୱାରା ମାନସିକ ଶାନ୍ତି ପ୍ରଦାନ ନେଇ ବ୍ୟାଖ୍ୟା କରିଥିଲେ। ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟି ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଙ୍ଗୀତ ପରିବେଷଣ କରିଥିବାବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ବୁଝାଇଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ ପ୍ଲେ 'ରାମଲାଲା କି ମାତା' ମଞ୍ଚସ୍ଥ ହୋଇଥିଲା। ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।






"ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା



# ଆମେରିକା ସହିପାରୁନି



ଆକାର ପଟେଲ

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୨୦୦୯ ପର୍ଯ୍ୟନ୍ତ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଆମେରିକା ଓ ୟୁରୋପର ଅଂଶ ୫୦%କୁ ଟପିଯାଇଥିଲା। ୨୦୦୯ରେ ଏହା ୫୧% ଥିଲା ଓ ଏହା ପରେ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଏହା ୪୩% ଥିଲା ଏବଂ ଆଗକୁ ହ୍ରାସ ପାଇବ। ଆର୍ଥିକ କ୍ଷେତ୍ରରେ ୟୁରୋପ ମାନ୍ଦା ପଡ଼ିଯାଉଛି। ଗତ ବର୍ଷ ଏବଂ ଏହାର ପୂର୍ବ ବର୍ଷ ପ୍ରତ୍ୟେକରେ ସାମଗ୍ରିକ ଭାବେ ୟୁରୋପୀୟ ସଂଘ(ଇୟୁ)ର ଜିଡିପି ୧ ପ୍ରତିଶତରୁ କମ୍ ଅଭିବୃଦ୍ଧି ହୋଇଥିଲା। ଚଳିତ ବର୍ଷ ଏହା ୧ ପ୍ରତିଶତ ବୃଦ୍ଧି ଘଟିପାରେ ବୋଲି ଆକଳନ କରାଯାଉଛି। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ଏହା ଅଧିକ ବୃଦ୍ଧି ଘଟିବା ସମ୍ଭାବନା ନାହିଁ। ବ୍ରିଟେନ୍‌ର ଜିଡିପି ୨୦୨୩ରେ ୧ ପ୍ରତିଶତରୁ କମ୍, ୨୦୨୪ରେ ବି ୧ %ରୁ କମ୍ ଅଭିବୃଦ୍ଧି ହୋଇଥିଲା ଏବଂ ଚଳିତ ବର୍ଷ ୧ ପ୍ରତିଶତ ବୃଦ୍ଧି ହୋଇପାରେ। ଗତବର୍ଷ ଆମେରିକାର ଅଭିବୃଦ୍ଧି ୨% ହୋଇଥିଲାବେଳେ ଚଳିତ ବର୍ଷ ଏହା ମାନ୍ଦା ଅବସ୍ଥାର ସମ୍ମୁଖୀନ ହୋଇଛି ଏବଂ ବୁଝାପଡୁଛି ଯେ, ଏହାର ଅର୍ଥ ବ୍ୟବସ୍ଥା ସଙ୍କୁଚିତ ହୋଇଛି। ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ, କାନାଡା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୦%। ଅର୍ଥାତ୍ ୨୦୦୯ରେ ପାଶ୍ଚାତ୍ୟ ତୁଳନାରେ ଅର୍ଥ ବ୍ୟବସ୍ଥାରେ ୯୦ ପ୍ରତିଶତ ଲୋକ ରହୁଥିବା ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକର ଏକ କ୍ଷୁଦ୍ର ଅଂଶ ଥିଲା। କିନ୍ତୁ ଏଥିରେ ଶୀଘ୍ର ପରିବର୍ତ୍ତନ ଘଟୁଛି। ଏହିସବୁ ଦେଶ ମଧ୍ୟରେ ଅଭିବୃଦ୍ଧିରେ ସବୁଠୁ ଆଗରେ ଅଛି ଚାଇନା। ୧୯୯୦ରେ ବୈଶ୍ୱିକ ଜିଡିପିରେ ଏହାର ଅଂଶ ଥିଲା ୧%, ୨୦୦୦ରେ ୩%, ୨୦୧୦ରେ ୯% ଏବଂ ଏବେ ଏହା ୧୭%ରେ ପହଞ୍ଚିଛି। ୧୯୯୦ରେ ଅଭିବୃଦ୍ଧି କ୍ଷେତ୍ରରେ ଚାଇନା ସହ ଭାରତ ସମାନ ଥିଲା, କିନ୍ତୁ ବର୍ତ୍ତମାନ ବୈଶ୍ୱିକ ଜିଡିପି (ପାଖାପାଖି ୧୦୮ ଟ୍ରିଲିୟନ ଡଲାର)ରେ ଭାରତର ଅଂଶ ୩.୬%। ଭାରତ ଆପାତତଃ ଭଲ କରିଛି, କିନ୍ତୁ ବିଗତ ୩୦ ବର୍ଷ ହେଲା ବୈଶ୍ୱିକ ଅଭିବୃଦ୍ଧିର ପ୍ରକୃତ ଇଞ୍ଜିନ ଭାବେ ଚାଇନା ରହିଆସିଛି। ଚାଇନାର ଆଖିଦୃଶିଆ ଅଭିବୃଦ୍ଧି ପାଶ୍ଚାତ୍ୟ ପାଇଁ ଚିନ୍ତାର କାରଣ ହୋଇଛି। ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଦକ୍ଷିଣ ପୂର୍ବ ଏସିଆରେ ଚାଲିଥିବା ଚାଇନାର ଭିତ୍ତିଭୂମି ପ୍ରୋଜେକ୍ଟଗୁଡ଼ିକ ଉପରେ ପାଶ୍ଚାତ୍ୟର ଗଣମାଧ୍ୟମଗୁଡ଼ିକର ଲଗାତର ଆକ୍ରମଣରୁ ଏହା ସ୍ପଷ୍ଟ ହେଉଛି। ଏହିସବୁ ଭୟ ବା ଚିନ୍ତା ଆମେରିକା ଏବଂ ୟୁରୋପର ରାଜନୀତିରେ ମଧ୍ୟ ପ୍ରକାଶ ପାଉଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ଭଲ ପାଇବା ବିଶେଷକରି ଦୁଇଟି ବିଷୟ ଉପରେ ଆଧାରିତ। ଗୋଟିଏ ହେଉଛି ଅଣଶ୍ୱେତାଙ୍ଗ ଦେଶଗୁଡ଼ିକରୁ ପ୍ରବାସୀଙ୍କୁ ବନ୍ଦ କରିବା ଏବଂ ଯେଉଁମାନେ ଏବେ ଆମେରିକାରେ ଅଛନ୍ତି ସେମାନଙ୍କୁ ଦେଶାନ୍ତର କରିବା। ଅନ୍ୟ ବିଷୟଟି ହେଉଛି ଆମେରିକାକୁ ରପ୍ତାନି କରୁଥିବା ଗରିବ ଦେଶଗୁଡ଼ିକର ଠକାମିକୁ ବନ୍ଦକରିବାର ଇଚ୍ଛା। ଆମେରିକାର ମୁଣ୍ଡ ପିଛା ଜିଡିପି ମେକ୍ସିକୋଠାରୁ ୬ଗୁଣ ବେଶି ଏବଂ ବାର୍ଷିକ କାନାଡାଠାରୁ ଏହା ୩୦ ହଜାର ଡଲାର ଅଧିକ ରହୁଛି, କିନ୍ତୁ ସେମାନେ ଏଥିରେ ଅସନ୍ତୁଷ୍ଟ ହେଉଛନ୍ତି।

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ ଆମେରିକାର ମୁଣ୍ଡ ପିଛା ଜିଡିପି ୯୦,୦୦୦ ଡଲାରରୁ କମ୍ ରହିବା ସମ୍ଭାବନା ରହିଛି। ଭାରତର ବାର୍ଷିକ ମୁଣ୍ଡ ପିଛା ଜିଡିପି ୩,୦୦୦ ଡଲାରରୁ କମ୍ ରହିବ। ଯାହା ଆକଳନ କରାଯାଉନା କାହିଁକି, ବିଶ୍ୱରେ ଆମେରିକୀୟମାନେ ସବୁଠୁ ଅଧିକ ସଫଳ ହେଉଛନ୍ତି ଓ ସୁଯୋଗ ପାଉଛନ୍ତି, ତଥାପି ସେମାନେ ଅନ୍ୟମାନଙ୍କ ଉତ୍‌ଥାନକୁ ସହିପାରୁନାହାନ୍ତି। ସେମାନଙ୍କ ମୁଖ୍ୟ ଟାର୍ଗେଟ ହେଉଛି ଚାଇନା। ମାନୁଫାକ୍ଚରିଂରେ ଚାଇନିଜ୍‌ମାନେ ଯେଭଳି କାମ କରୁଛନ୍ତି ଆମେରିକାରେ ଟ୍ରମ୍ପ ତାହା କରିବାକୁ ଚାହୁଁଛନ୍ତି। ୧୯୯୦ରେ ମାନୁଫାକ୍ଚରିଂରେ ଆମେରିକା ଅର୍ଥ ବ୍ୟବସ୍ଥାର ଅଂଶ ୧୬% ଥିଲା, ଏବେ ଏହା ୧୦%। ମାନୁଫାକ୍ଚରିଂ ଉତ୍ପାଦନ ୧୯୯୦ରେ ୧ ଟ୍ରିଲିୟନ ଡଲାର ଥିବାବେଳେ ଏବେ ଏହା ୩ ଟ୍ରିଲିୟନ ଡଲାର। ଏଣୁ ଅନ୍ୟ ଅର୍ଥ ବ୍ୟବସ୍ଥା ତୁଳନାରେ ଆମେରିକାର ମାନୁଫାକ୍ଚରିଂରେ ଅଭିବୃଦ୍ଧି ଘଟିଛି, କିନ୍ତୁ ମନ୍ଥର ଗତିରେ। ମାନୁଫାକ୍ଚରିଂ କ୍ଷେତ୍ରରେ ଚାକିରି ପ୍ରାୟ ୧୮ ମିଲିୟନରୁ ହ୍ରାସପାଇ ପାଖାପାଖି ୧୨ ମିଲିୟନ ରହିଛି। ଏଣୁ ଆମେରିକାର ଅଳ୍ପ ସଂଖ୍ୟକ ମାନୁଫାକ୍ଚରିଂ କର୍ମଚାରୀ ୧୯୯୦ ତୁଳନାରେ ଏବେ ୩ ଗୁଣ ଅଧିକ ଉତ୍ପାଦନ କରୁଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ସ୍ୱୟଂଚାଳିତ ପଦ୍ଧତି ଓ ଦକ୍ଷତାର ବିକାଶ। ୧୯୯୦ରେ ଆମେରିକା ୮୦ ମିଲିଅନ ଟନ୍ ଷ୍ଟିଲ୍ ଉତ୍ପାଦନ କରୁଥିଲା, ବର୍ତ୍ତମାନ ପ୍ରାୟ ସେତିକି ଅଛି। ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକରେ କାମ କରୁଥିବା ଆମେରିକୀୟଙ୍କ ସଂଖ୍ୟା ୧୯୮୦ରେ ୫,୧୨,୦୦୦ ଥିଲାବେଳେ ୧୯୯୦ରେ ୨,୭୦,୦୦୦ ଓ ୨୦୨୪ରେ ୭୦,୦୦୦ ଥିଲା। ମାନୁଫାକ୍ଚରିଂରେ ଏବଂ ଅନ୍ୟତ୍ର ଆମେରିକା ତାହାର କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଚାଇନାର ଏବକାର କାର୍ଯ୍ୟ ଢାଞ୍ଚାକୁ ଯଦି ଗ୍ରହଣ କରେ ତେବେ ଆର୍ଥିକ ଉତ୍ପାଦନ ହ୍ରାସ ପାଇବ।

ତଥାପି ଏ ବିଷୟରେ ଟ୍ରମ୍ପ ପ୍ରଶାସନ ଚେଷ୍ଟା କରୁଛି। ଏହା ଦୁଇଟି ଉପାୟରେ କରାଯାଉଛି। ପ୍ରଥମଟିରେ ସବୁ ପ୍ରତିଦ୍ୱନ୍ଦ୍ୱିତାକୁ ବନ୍ଦ କରାଯାଉଛି। ଚାଇନାର ବୈଦ୍ୟୁତିକ କାର୍‌ଗୁଡ଼ିକ ଆମେରିକାକୁ ଆମଦାନୀ ହେଲେ ୧୦୦% ଟିକସ ଲାଗିବ ଅର୍ଥାତ୍ ସେସବୁର ମୂଲ୍ୟ ୨ଗୁଣରୁ ଅଧିକ ହୋଇଯିବ। ଯଦି ବି ଜଣେ ଆମେରିକୀୟ ସେହି ଟିକସ ଦିଅନ୍ତି ତେବେ ସେମାନେ ଚାଇନାର କାର୍ ଚଳାଇପାରିବେ ନାହିଁ, କାରଣ ଚାଇନିଜ କାର୍ ସଫ୍ଟୱେର ଉପରେ ପ୍ରତିବନ୍ଧକ ରହିଛି। ପ୍ରତିବନ୍ଧକର ଉଦ୍ଦେଶ୍ୟ ହେଉଛି ଉଭୟ ଆମେରିକାର କମ୍ପାନୀଗୁଡ଼ିକର ସୁରକ୍ଷା କରିବା ଏବଂ ଚାଇନାକୁ ବନ୍ଦ କରିବା। ଦ୍ୱିତୀୟ ଉପାୟ ହେଉଛି, ବିଶ୍ୱସ୍ତରୀୟ ଟାରିଫ୍ ମାଧ୍ୟମରେ, ଯାହା ଏପ୍ରିଲ ୨ରେ ସାମ୍ନାକୁ ଆସିବ। ଏହା ୟୁରୋପରେ ଥିବା ଆମେରିକାର ମିତ୍ର ଦେଶ, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ । ଚଳିତ ଜାନୁଆରୀ ପର୍ଯ୍ୟନ୍ତ ଆମେରିକାର ବାଣିଜ୍ୟ ଅଂଶୀଦାର ରହିଥିବା ଏହିସବୁ ଦେଶ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆମେରିକାର ଏହି ପ୍ରତିକ୍ରିୟା ଆଗକୁ ଗରିବ ଦେଶଗୁଡ଼ିକ ତୁଳନାରେ ତଳକୁ ଖସିବନି ବୋଲି ନିଶ୍ଚିତ କରିବ ତ? ଅବଶ୍ୟ ନୁହେଁ। ଚାଇନା, ଭାରତ, ଆଫ୍ରିକା ଏବଂ ଲାଟିନ ଆମେରିକାର ଅଭିବୃଦ୍ଧି ଜାରି ରହିବ। ଆମେ ମାନବ ଇତିହାସରେ ଏକ ନୂଆ ଯୁଗରେ ପ୍ରବେଶ କରିଛୁ। ଆମେରିକା ଓ ୟୁରୋପର ପ୍ରଭୁତ୍ୱ ଏବଂ ସେମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇବ। ପାଶ୍ଚାତ୍ୟ ୧୦୦ ବର୍ଷ ପୂର୍ବେ ଯାହା କରିପାରିଥିଲା ତାହା ଆଉ କରିପାରିବ ନାହିଁ।

Email:aakar.patel@gmail.com

# ବୁଢ଼ା ହେଲେ ଜାଣିବ



ଚିତ୍ର ଚରିତ୍ର
ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରାୟ ଦୁଇବର୍ଷ ତଳେ ଅଶୀବର୍ଷ ବୟସରେ ପାଦଥାପିଲା ବେଳେ ସିନେମା ଜଗତର ମହାନାୟକ ଅମିତାଭ ବଚ୍ଚନଙ୍କୁ ସାମାଜିକ ଗଣମାଧ୍ୟମରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ମଧ୍ୟରୁ ଜଣେ ଯୁବକ ଲେଖିଥିଲେ- ''ଏତେ ବୁଢ଼ା ହେଲା ପରେ ମଧ୍ୟ ଆପଣଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଓ ଯୁବସୁଲଭ ଉଦ୍ଦାମତା ପାଇଁ ଆପଣ ଅନନ୍ୟ, ଅସାଧାରଣ।'' ଅଗଣିତ ପ୍ରଶଂସକଙ୍କ ଶୁଭେଚ୍ଛା ବାର୍ତ୍ତାର ପ୍ରତିବେଦନରେ ଜଣ ଜଣ କରି ସମସ୍ତଙ୍କୁ ଉତ୍ତର ଦେବାକୁ ସମ୍ଭବ ନ ଥିଲେ ବିଗ୍ ବି ବଚ୍ଚନ ସାହେବ । ସେଇ ଯୁବକଙ୍କୁ ଉତ୍ତର ଦେଇଥିଲେ- ''ହେ ମୋର ପଚାଶ ବର୍ଷ ପରେ ଏଇ ସଂସାରକୁ ଆସିଥିବା ନବଯୁବକ! ବୁଢ଼ାଙ୍କୁ ବୁଢ଼ା କହିଲେ କେମିତି ଲାଗେ ତୁମେ ବୁଢ଼ା ହେଲେ ଜାଣିବ।''

ଅମିତାଭଙ୍କ ଏଇ ମନ୍ତବ୍ୟ ଏକ ହାଲୁକା ପରିହାସ ପରି ଉପରକୁ ପ୍ରତୀୟମାନ ହେଉଥିଲେ ମଧ୍ୟ ତାହା ମଧ୍ୟରେ ଲୁଚିରହିଥିବା ବାସ୍ତବତାର ଏକ କରୁଣ ସତ୍ୟ ଥିଲା ବେଶ୍ ଭାବୋଦ୍ଦୀପକ ଓ ଗମ୍ଭୀର। ସଂସାରର ସବୁ ବୁଢ଼ାଙ୍କ ଅଭିଶପ୍ତ ତଥା ଅବହେଳିତ ବାର୍ଦ୍ଧକ୍ୟର ବିକଳ ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିଲା ଯେମିତି ବଚ୍ଚନଙ୍କ ସେଇ କଥା ପଦକରେ! ଅନୁରଣିତ ହେଉଥିଲା ଯେମିତି ପୀଡ଼ାଦାୟୀ ହତାଶାର ଅବରୁଦ୍ଧ ହାହାକାର। ପ୍ରକୃତରେ ବାର୍ଦ୍ଧକ୍ୟର ବେଦନା ବୁଝିବା ପାଇଁ ଯୌବନର ଜୟଗାନ କରୁଥିବା ଯୁବାବର୍ଗଙ୍କ ପାଖରେ ନା ଥାଏ ସମୟ ନା ସ୍ପୃହା। ଜୋତା ପିନ୍ଧିଥିବା ଲୋକଟି ସିନା ଜାଣେ ଜୋତା କେଞ୍ଚିବାର ଯନ୍ତ୍ରଣା, ତେଣିକି ସେ ନିପଟ ପଲ୍ଲୀର ଅଜଣା ଅଶୁଣା ବୁଢ଼ାଟିଏ ହେଉ ଅବା ଯଶ, ଖ୍ୟାତି, ପ୍ରତିଷ୍ଠା ପ୍ରତିପତ୍ତିର ପାହାଡ଼ ଉପରେ ବସିଥିବା ମହାନାୟକ ଅମିତାଭ ବଚ୍ଚନ!

ସରକାରୀ ଯୋଜନା ବା ପ୍ରଶାସନିକ ବ୍ୟବସ୍ଥାରେ ବରିଷ୍ଠ ନାଗରିକ ଭାବେ ନାମିତ ବୁଢ଼ାଙ୍କ ପାଇଁ କିଛି ସୁବିଧା ସୁଯୋଗ ଉପଲବ୍ଧ ବୋଲି ଉପରକୁ ଯେତେ ପ୍ରତୀୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ସମାଜର ବେଶ୍ ଭାଗ ଲୋକଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରତିଫଳିତ ହେଉଥାଏ ବାର୍ଦ୍ଧକ୍ୟର ବିଡ଼ମ୍ବନା। ବୃଦ୍ଧମାନେ ଯେମିତି ଏ ସଂସାରରେ ଅବାଞ୍ଛିତ ଅତିଥି, ସମାଜର ବୋଝ, ଏମିତି ଏକ ଅବଧାରଣା ସୃଷ୍ଟି ହୋଇଥାଏ ବିଭିନ୍ନ କ୍ଷେତ୍ରରେ। କେଇ ବର୍ଷ ପୂର୍ବରୁ କରୋନା ଯେତେବେଳେ ଆବାଳ ବୃଦ୍ଧବନିତାଙ୍କୁ ସନ୍ତ୍ରସ୍ତ କରିରଖିଥିଲା, ସେତେବେଳେ ଆମ ଦେଶରେ କରୋନା ଆକ୍ରାନ୍ତ ଅତି ବୟସ୍କ ବୃଦ୍ଧଙ୍କଠୁଁ ଅଳ୍ପବୟସ୍କ ରୋଗୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ



ଡାକ୍ତରଙ୍କ ଉପରେ ଏକ ଅଲିଖିତ ନିର୍ଦ୍ଦେଶ ଜାରି କରାଯାଇଥିଲା। ଲାଗୁଥିଲା, ସତେଯେମିତି ବୁଢ଼ା ରୋଗୀଙ୍କୁ ସ୍ପଷ୍ଟ ଭାବେ ଶୁଣାଇ ଦିଆଯାଉଥିଲା- ''ଢେର ଦିନ ବଞ୍ଚିଲଣି। ଏବେ ଟୋକାମାନଙ୍କୁ ବାଟ ଛାଡ଼ି ଆରପୁରକୁ ଲେଉଟିଯାଅ!'' ସେଇ କରୋନା କାଳରେ ଜଣେ ବୃଦ୍ଧ ଭାବେ ଏଇ ଲେଖକଙ୍କୁ ମିଳିଥିବା ଏକ ବୁକୁବିନ୍ଧକାରୀ ମନ୍ତବ୍ୟ ଏଯାଏ ବି ସ୍ମୃତିପଟ୍ଟରେ ସଂଜୀବିତ ହୋଇ ରହିଛି। ବିପଜ୍ଜନକ ସଂକ୍ରମଣ ଏଡ଼ାଇବା ପାଇଁ ଯେତେବେଳେ ଭିଡ଼ଭାଡ଼, ହାଟବଜାର, ଏପରିକି ସାଧାରଣ ଚଳପ୍ରଚଳ ଉପରେ ଅଙ୍କୁଶ ଲାଗିଥିଲା, ସେତେବେଳେ ଦିନେ ସନ୍ଧ୍ୟାରେ କ୍ଷୀର ଆଣିବାକୁ ଗଲାବେଳେ ଦୁଇଟି ବାଇକ୍ ଉପରେ ଲଗାଲଗି ହୋଇ ଚାରିଜଣ ଯୁବକଙ୍କୁ ବିନା ମାସ୍କରେ ଆଳାପ କରୁଥିବା ଦେଖି ଏ ଲେଖକ ଅଭିଭାବକୀୟ ଆକଟ କରି ଏମିତି ନ କରିବାକୁ ଚେତାଇ ଦେଇଥିଲା। ସେ ଆଶା କରୁଥିଲା, ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନେ ପରସ୍ପରଠୁଁ ବିଚ୍ଛିନ୍ନ ହୋଇ ବସିବେ। ମାତ୍ର କରୋନାର ଭୟାବହତାକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଇ ଯୁବକଙ୍କ ମଧ୍ୟରୁ ଜଣେ କହିଲା, ''ତୁମେ ତୁମ ବାଟରେ ଯାଉ ନ ମଉସା! ବୁଢ଼ା ହେଲଣି, ତଥାପି ଏ ମାଷ୍ଟ୍ରିଆ ଗୁଣ ଯାଉନାହିଁ''! ଚାରିଙ୍କ ମଧ୍ୟରୁ କେହି ଜଣେ ବୋଧହୁଏ ମୁଁ ଜଣେ ଅବସରପ୍ରାପ୍ତ କଲେଜ ମାଷ୍ଟର ବୋଲି ଅବଗତ ଥିଲେ।

ବାର୍ଦ୍ଧକ୍ୟର ବିଡ଼ମ୍ବନା ପ୍ରସଙ୍ଗରେ ଆଉ ଏକ ଆଖିଦେଖା ଘଟଣା । ଅଳ୍ପଦିନ ତଳେ ରାଜଧାନୀର ଏକ ଏଟିଏମ୍ କାଉଣ୍ଟର ଆଗରେ ଟଙ୍କା ଉଠାଇବା ପାଇଁ ଏ ଲେଖକ ଧାଡ଼ିରେ ଛିଡ଼ା ହୋଇଥିଲାବେଳେ ଜଣେ ଯୁବକ ମେଶିନ ଆଡ଼କୁ ମାଡ଼ି ଚାଲିଲେ। ଧାଡ଼ିରେ ଛିଡ଼ା ହୋଇଥିବା ପ୍ରାୟ ଦଶଜଣ ଅସନ୍ତୁଷ୍ଟ ହେଲେ ବି କେହି ପ୍ରତିବାଦ କରିବାକୁ ଉଚିତ ମଣିଲେ ନାହିଁ। ମାତ୍ର ଏଇ ଲେଖକ ଯେତେବେଳେ ସେଇ ଯୁବକ ଜଣଙ୍କୁ ଧାଡ଼ିରେ ଛିଡ଼ା ହେବା ପାଇଁ ତାଗିଦ କଲେ, ସେତେବେଳେ ଯୁବକଟି ଗର୍ଜିଉଠିଲେ- ''ଉପରକୁ ଯିବା ବୟସ ହେଲାଣି! ଏମିତି ରାଗୁଚୁ କାହିଁକି?''

ବୁଢ଼ାମାନେ ତାଙ୍କ ଗଡ଼ିଯାଉଥିବା ବୟସକୁ ନେଇ କ'ଣ ଏଡ଼େ ଅବାଞ୍ଛିତ? ତାଙ୍କ ପରିପକ୍ୱ ଚେତନାର ଆହ୍ୱାନରେ ଯୁବପିଢ଼ିଙ୍କୁ ନିୟମ ମାନି ଚଳିବା ପାଇଁ ଚେତାଇ ଦେବାକୁ କ'ଣ ଏଡ଼େ ଅଯୋଗ୍ୟ? ଭୁଲ୍‌କୁ ଭୁଲ୍ ବୋଲି ଚିହ୍ନାଇଦେବା ବା ସ୍ଥଳ ବିଶେଷରେ ଖରାପ ବିରୋଧରେ ସ୍ୱର ଉଠାଇ ସାମାନ୍ୟ କ୍ରୋଧ ପ୍ରକଟ କରିବାକୁ ସେମାନେ ସ୍ୱାଧୀନ ନୁହନ୍ତି? କେବଳ ଏଇଥିପାଇଁ ଯେ ସେମାନଙ୍କ ବୟସ ଅତିକ୍ରାନ୍ତ! ସେମାନେ ବୁଢ଼ା!

କେବଳ ବାହାରେ ନୁହେଁ, ଘର ଭିତରେ ବି ବାର୍ଦ୍ଧକ୍ୟର ଅପମାନ ହେଉଛି। ଏବେ ତ ପରିଣତ ବୟସର ଅନେକ ବାପାମା' ପରିତ୍ୟକ୍ତ ଜୀବନ ଜିଇବାକୁ ବିବଶ ହେଉଛନ୍ତି। ପୁଅମାନେ ନିଜ ନିଜର ସଂସାର ନେଇ ବାହାରେ। ବୁଢ଼ା ମା'ବାପା ଏକା ଏକା, କେଉଁଠି ଭାଗ୍ୟ ସାହାରାରେ ତ ଅନ୍ୟ କେଉଁଠି ନିଜ ଘରର ଭଡ଼ାଟିଆଙ୍କ ହେପାଜତରେ! ଯେଉଁଠି ବି ନିଜ ଅସାମର୍ଥ୍ୟ ଅବା ବାଧ୍ୟବାଧକତାରୁ ପୁଅଟିଏ ମା'ବାପାଙ୍କ ପାଖରେ ରହୁଛି, ସେଠି ବହୁ କ୍ଷେତ୍ରରେ ବାର୍ଦ୍ଧକ୍ୟ ଏକ ଅଭିଶାପରେ ପରିଣତ ହେଉଛି। ସେଦିନ କାନକୁ ଭଲ ଶୁଭୁ ନ ଥିବା ବୁଢ଼ା ବାପା ଜଣେ ତାଙ୍କ ପୁଅକୁ କ'ଣ ପଚାରିଦେଲେ। ପୁଅଟି ବି ଉତ୍ତର ଦେଲା। ମାତ୍ର ଶୁଣି ନ ପାରିବାରୁ ବାପା ଆଉଥରେ ପଚାରିଦେଲେ। ବାସ୍ ଏତିକିରେ ପୁଅ ପାଟି କରିଉଠିଲା, ''କାନକୁ ଯଦି ଶୁଭୁନାହିଁ, ସବୁ କଥା ଜାଣିବାକୁ ଏତେ ଆଗ୍ରହ କାହିଁକି?''

ଏ କେବଳ ଜଣେ ବୁଢ଼ାବାପାର ଦୁର୍ଭାଗ୍ୟ ନୁହେଁ। ସଂସାରର ସବୁ ବୁଢ଼ାବାପାଙ୍କ ଦୁର୍ଦ୍ଦଶା ଉଣା ଅଧିକେ ବୋଧହୁଏ ଏହିଭଳି। ଅଥଚ ଏଇ ବାପାମାନେ ଯେତେବେଳେ ଯୁବା ବୟସରେ ଥିଲେ, ପୁଅଟିର ବୟସ ଯେତେବେଳେ ଥିଲା ଚାରିବର୍ଷ; ସେତେବେଳେ ଅଗଣାରେ ବସିଥିବା ଗୋଟିଏ କାଉକୁ ଦେଖାଇ 'ଏଇଟା କ'ଣ' ବୋଲି ବାପାକୁ ପଚାରିଥିଲା। ବାପା କହୁଥିଲେ 'କାଉ'। ପୁଅ ପୁଣି ପଚାରୁଥିଲା ସେଇ ଗୋଟିଏ ପ୍ରଶ୍ନ। ଥରେ ନୁହେଁ, ବାରମ୍ବାର। ବାପା ସାମାନ୍ୟ ବିରକ୍ତି ପ୍ରକାଶ ନ କରି ବାରମ୍ବାର କହି ଚାଲିଥିଲେ- 'କାଉ'। ମାତ୍ର ଆଜି ସେଇ ପୁଅ ବଡ଼ ହେଲାପରେ ତା' ବୁଢ଼ା ବାପାଙ୍କ ଶୁଣିବାର ଅସାମର୍ଥ୍ୟକୁ ନେଇ ପୁଣି ଏତେ ବିରକ୍ତ! ବାର୍ଦ୍ଧକ୍ୟର ବିଡ଼ମ୍ବନା ଆଉ କାହାକୁ କହନ୍ତି କି!

ବୁଢ଼ାଙ୍କୁ 'ବୁଢ଼ା' କହି ହତାଦର କଲେ ତାଙ୍କର କେବଳ ଅସମ୍ମାନ ହେବନି,ବରଂ ଅପମାନ ହେବ । ସଂସାରର ବିଧାନ ଅନୁଯାୟୀ ପୁଅଟିଏ କାଳକ୍ରମେ ବାର୍ଦ୍ଧକ୍ୟରେ ପହଞ୍ଚିବ। ସେଇ ବୃଦ୍ଧାବସ୍ଥାରେ ତାକୁ ଆହତ କଲାଭଳି ବାକ୍ୟବାଣ ପ୍ରୟୋଗ କରାଗଲେ, ସେ ପୁଅ ହେଉ ଅବା ଅନ୍ୟ କେହି ଉଦ୍ଦାମ ଯୁବକ; ବୟସ ଭାରରେ ନଇଁ ପଡ଼ିଥିବା ଅସହାୟ ବୁଢ଼ାଟିର ଅନ୍ତରରୁ ବାହାରି ଆସିବ ସେଇ ଯୁବକମାନଙ୍କ ଉଦ୍ଦେଶ୍ୟରେ ଏକ ଅପ୍ରକାଶ୍ୟ ଚେତାବନୀ- ''ମୋ ବେଳକାଳ ସରୁଛି, ତୋ ବୁଢ଼ାକାଳ ଆସୁଛି!'' ଏହି ଅବ୍ୟକ୍ତ ଚେତାବନୀର ଅଶ୍ରୁତ ପ୍ରତିଧ୍ୱନି ସଂସାରର ସବୁ ଯୁବା ପୁଅଙ୍କ କାନରେ ପଡ଼ନ୍ତା ସିନା!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇଶିଆଣୀ, ଭୁବନେଶ୍ୱର
ମୋ: ୮୮୯୫୬୭୪୧୦୫

# ବିଜ୍ଞାନ ଓ ମଣିଷ



ଡ. ନରେନ୍ଦ୍ର ସେଠୀ

ଆମର ନିତ୍ୟ ବ୍ୟବହୃତ ଟିଭି, ଶୀତତାପ ନିୟନ୍ତ୍ରିତ ମେଶିନ, ଲାଇଟ ବଲ୍‌ବ, ମାଇକ୍ରୋଓ୍ୱେଭ ଓଭନ ଏବଂ ଫ୍ୟାନ୍ ପ୍ରଭୃତି ସବୁ ବିଜ୍ଞାନର ଗୋଟେ ଗୋଟେ ଉପହାର। ଅଜାଣତରେ ବିଜ୍ଞାନ ପ୍ରତିଟି ମୁହୂର୍ତ୍ତରେ ଆମ ଜୀବନ ସହିତ ଜଡ଼ିତ ଅଛି। ତେବେ ମଣିଷ ସହିତ ବିଜ୍ଞାନର ପରିଚୟ ଆବଶ୍ୟକତା ଥିଲା ଓ ତାହା ପ୍ରସ୍ତର ଯୁଗରୁ ଆରମ୍ଭ ହୋଇଥିଲା । ସମ୍ଭବତଃ ମଣିଷର ବିଜ୍ଞାନ ସହିତ ପ୍ରଥମ ପରିଚୟ ସେହିଦିନ ହୋଇଥିଲା, ଯେଉଁଦିନ ସେ ପଥରକୁ ମୁନିଆ କରି ପଶୁ ଶିକାର କରିବାର କୌଶଳ ପ୍ରସ୍ତର ଯୁଗରେ ଜାଣିଲା । ତା'ପରେ ଚକର ଆବିଷ୍କାର ମଣିଷ ଜୀବନକୁ ଆହୁରି ସୁଗମ କରିଦେଲା। ନିଆଁକୁ ଆୟତ୍ତ କରି ରଖିବାର କୌଶଳ ମଧ୍ୟ ମଣିଷର ପ୍ରାରମ୍ଭିକ ବିଜ୍ଞାନ ସଫଳତା ଭିତରେ ଅନ୍ୟତମ ।

କୌଣସି ଦେଶର ଆର୍ଥିକ ଅଭିଭୃଦ୍ଧି ଏହାର ବୈଜ୍ଞାନିକ ଗବେଷଣା ଉପରେ ନିର୍ଭର କରେ ବୋଲି କହିଲେ ସାଧାରଣ ଜନମାନସରେ ସନ୍ଦେହ ସୃଷ୍ଟି ହୁଏ । ଯେତେବେଳେ ଭାରତର ବୁଣାକାର ହସ୍ତତନ୍ତରେ ଲୁଗା ବୁଣି ସାରା ବିଶ୍ୱରେ ଚହଳ ସୃଷ୍ଟି କରୁଥିଲେ ଠିକ୍ ସେତିକିବେଳେ ଆଧୁନିକ ସ୍ପିନିଂ ମିଲ୍ ୟୁରୋପରେ ଭାରତୀୟ ହସ୍ତତନ୍ତକୁ ରସାତଳକୁ ଠେଲି ଦେଇଥିଲା। ଊନବିଂଶ ଶତାବ୍ଦୀରେ ଜେମ୍ସ ୱାଟ୍‌ଙ୍କ ଦ୍ୱାରା ବାଷ୍ପୀୟ ଇଞ୍ଜିନ୍‌ର ଉଦ୍ଭାବନ ହେଲା, ଏହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିଲା। ବ୍ରିଟିଶ ବୈଜ୍ଞାନିକ ମାଇକେଲ ଫାରାଡେ ଊନବିଂଶ ଶତାବ୍ଦୀରେ ଚୁମ୍ବକୀୟ ଓ ବିଦ୍ୟୁତ୍ ଶକ୍ତି ଉପରେ ଫାରାଡେ ନିୟମ ଆବିଷ୍କାର କରି ସମଗ୍ର ପୃଥିବୀରେ ଦ୍ୱିତୀୟ ବଡ଼ ବିଜ୍ଞାନ ବିପ୍ଳବ ଆଣିଥିଲେ; ଯାହା ସମଗ୍ର ମାନବ ସମାଜକୁ ପ୍ରଭାବିତ କରିଥିଲା। ଯଦି ଏକ ଧାତବ ତାରକୁ ଚୁମ୍ବକୀୟ କ୍ଷେତ୍ରରେ ଗତି କରାଯାଏ ତାହାଲେ, ଇଲେକ୍ଟ୍ରୋନଗୁଡ଼ିକ ଗତି କରନ୍ତି ଓ ଫଳରେ ଏକ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି କରେ । ଏହି ସରଳ ଆବିଷ୍କାର ସମଗ୍ର ଦୁନିଆରେ ବୈଦ୍ୟୁତିକ ବିପ୍ଳବକୁ ଜନ୍ମ ଦେଲା; ଯାହାର ଫଳ ସ୍ୱରୂପ ଜେନେରେଟର ତିଆରି ହେଲା, ବଡ଼ ବଡ଼ ଡ୍ୟାମ୍ ନିର୍ମାଣ ହେଲା, ତାପଜ ଓ ଜଳବିଦ୍ୟୁତ୍ ବିଜୁଳି କେନ୍ଦ୍ରଗୁଡ଼ିକ ଗଢ଼ି ଉଠିଲା। ଚୁମ୍ବକୀୟ କ୍ଷେତ୍ରରେ ଏକ ଚଳନ୍ତା ତାରର କରାମତିରେ ସୃଷ୍ଟି ହେଉଥିବା ବିଦ୍ୟୁତ୍ ତରଙ୍ଗ ମଣିଷ ଜୀବନକୁ ଏତେ ପ୍ରଭାବିତ କଲା ଯେ ଯାହା ବିନା ଏବେ ନିମିଷେ ରହିବା କାଠିକରପାଠ। ତେଣୁ ୟୁରୋପର ଶିଳ୍ପ ବିପ୍ଳବ ଓ ଆର୍ଥିକ ଅଗ୍ରଗତିର ପଛରେ ବିଜ୍ଞାନର ଚମତ୍କାର ହିଁ ଥିଲା।

ମଣିଷ ଯେ ଦିନେ ଉଡ଼ିପାରିବ ତାହା ୧୭୯୯ରେ ବ୍ରିଟିଶ ବୈଜ୍ଞାନିକ ଜର୍ଜ କାଲେ ଆଧୁନିକ ବିଜ୍ଞାନ ତଥ୍ୟରେ ପ୍ରମାଣିତ କଲାପରେ ୧୯୦୩ରେ ରାଇଟ ଭ୍ରାତା ଦ୍ୱୟ ପ୍ରଥମ ଉଡ଼ାଜାହାଜ ନିର୍ମାଣ କରି ମାତ୍ର ୧୨୦୦ ମିଟର ପର୍ଯ୍ୟନ୍ତ ଉଡ଼ାଇଥିଲେ।



ବିଜ୍ଞାନର ଏହି ଚମତ୍କାରକୁ ମଣିଷ ସଭ୍ୟତା ଥିବା ଯାଏ ଉପଯୋଗ କରୁଥିବ। ୧୮୬୭ରେ ସ୍ୱିଡେନ ଦେଶର ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲ ନାଇଟ୍ରୋଗ୍ଲିସେରିନ ସହିତ କିସେଲଗୁହର ସହିତ ମିଶର ଡିନାମାଇଟ ନାମକ ବିସ୍ଫୋଟକ ଆବିଷ୍କାର କଲେ ଓ ଏହାର ସଫଳ ନିୟନ୍ତ୍ରିତ ବିସ୍ଫୋରଣ କରି ସମଗ୍ର ଦୁନିଆରେ ଚହଳ ସୃଷ୍ଟିକଲେ । ଏହି ଡିନାମାଇଟ୍‌ର ବ୍ୟବହାର ନିର୍ମାଣ, ଖଣି ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବିପ୍ଳବ ଆଣିଥିଲା; ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ କାର୍ଯ୍ୟକୁ ସକ୍ଷମ କରିଥିଲା ଏବଂ ଶେଷରେ ନୋବେଲ ପୁରସ୍କାର ସୃଷ୍ଟିକୁ ପ୍ରେରଣା ଦେଇଥିଲା। ଡିନାମାଇଟ ନ ଥିଲେ ଏତେ ଦ୍ରୁତ ଗତିରେ ପାହାଡ଼ ପଥର କାଟି ରାସ୍ତା କିମ୍ବା ଅନ୍ୟ ନିର୍ମାଣ ସମ୍ଭବ ହୋଇ ନ ଥା'ନ୍ତା।

ସ୍ମାର୍ଟ ଫୋନ ମଣିଷ ସମାଜରେ ଏତେ ବୈପ୍ଳବିକ ପରିବର୍ତ୍ତନ ଆଣି ସାରିଛି, ଏହା ବିନା ଆମର ଦୈନନ୍ଦିନ ଜୀବନ ଅଧୁରା । ଆଧୁନିକ କମ୍ପୁଟରର ମୂଳଦୁଆ ଊନବିଂଶ ଶତାବ୍ଦୀରେ ଚାର୍ଲସ କ୍ୟାବେଜଙ୍କ ଦ୍ୱାରା ପଡ଼ିଥିଲା । ୧୯୪୦ ବେଳକୁ ଭାକ୍ୟୁମ୍ ଟ୍ୟୁବ୍ ଆଧାରିତ ପ୍ରଥମ ପିଢ଼ିର କମ୍ପୁଟର, ୧୯୫୦ ଦଶକରେ ଟ୍ରାଞ୍ଜିଷ୍ଟର ଆଧାରିତ ଦ୍ୱିତୀୟ ପିଢ଼ିର କମ୍ପୁଟର ଓ ପରେ ପରେ ଚିପ୍ସ ମାଇକ୍ରୋଚିପ୍ସ ଆଧାରିତ ଆଧୁନିକ କମ୍ପୁଟର ପଦାର୍ପଣ କରି ଦୁନିଆରେ ଚହଳ ସୃଷ୍ଟି କଲା । ଭାରତର ଆର୍ଥିକ ଅଭିଭୃଦ୍ଧିରେ କମ୍ପୁଟର ଶିଳ୍ପର ଅନନ୍ୟ ଯୋଗଦାନ ରହିଛି । ୨୦୧୩ରେ ବିଶ୍ୱର ସ୍ମାର୍ଟ ଫୋନ କାରବାର ୬୦୨ ବିଲିୟନ ଡଲାର ଥିଲା । ୧୯୮୩ରେ ଆମେରିକାର ନାସାର ଗବେଷଣାଗାରଗୁଡ଼ିକରେ ଥିବା ବୈଜ୍ଞାନିକଙ୍କ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ ପାଇଁ ହୋଇଥିବା ଏକ ଛୋଟ ପ୍ରୟାସ ଇଣ୍ଟରନେଟ୍‌କୁ ଜନ୍ମ ଦେଇଥିଲା। ସେତେବେଳେ କେହି କଳ୍ପନା କରି ନ ଥିଲେ ଏହି ଇଣ୍ଟରନେଟ୍ ସମଗ୍ର ବିଶ୍ୱକୁ ବଦଳାଇ ଦେବ ଓ ସମଗ୍ର ବିଶ୍ୱକୁ ପରସ୍ପର ସହିତ ସଂଯୋଗ କରିବ । ବିଜ୍ଞାନର ଏହି କେତୋଟି ବୈଜ୍ଞାନିକ ଅବଦାନ ଉପରେ ସମଗ୍ର ବିଶ୍ୱର ଅର୍ଥନୀତି ନିର୍ଭରଶୀଳ। ଏବେ ବିଶ୍ୱରେ ବିଜ୍ଞାନର ଅନ୍ୟତମ ଆବିଷ୍କାର କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ବିଶ୍ୱର ଆର୍ଥିକ ମେରୁଦଣ୍ଡ ହେବାକୁ ଯାଉଛି । କୃତ୍ରିମ ବୁଦ୍ଧିମତ୍ତା ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିବ ।

କରୋନା ସମୟରେ ଟିକା ଓ ଔଷଧ ଭାରତରେ ନିର୍ମାଣ ହୋଇ ସମଗ୍ର ବିଶ୍ୱକୁ ରପ୍ତାନି ହେଲା । ଜର୍ମାନୀର ବର୍ଲିନ ସହରରେ ହାନ୍ ଓ ଷ୍ଟ୍ରାସମାନ୍ ନାମକ ଦୁଇ ବୈଜ୍ଞାନିକ ଏକ ସୂକ୍ଷ୍ମ ପରମାଣୁକୁ ବିଖଣ୍ଡନ କରି ବିପୁଳ ନାଭିକୀୟ ଶକ୍ତିର ସନ୍ଧାନ କଲେ। ଯଦିଓ ଏହାର ବିଭୀଷିକା ହିରୋସୀମା ଓ ନାଗାସାକିରେ ମଣିଷ ଦେଖିବାକୁ ପାଇଲା। ଏହି ବିପୁଳ ଶକ୍ତିର ବିନିଯୋଗ କରି ମଣିଷ ତା'ର ବୈଦ୍ୟୁତିକ ଶକ୍ତି ଚାହିଦା ମେଣ୍ଟାଇବାରେ ସଫଳ ହୋଇଛି । ବିଶ୍ୱର ପ୍ରାୟ ୯ ପ୍ରତିଶତ ବିଦ୍ୟୁତ ୪୪୦ରୁ ଅଧିକ ପରମାଣୁ ବିଜୁଳି ଘରେ ଉତ୍ପାଦନ ହୋଇଥାଏ । ତେଣୁ ବିଜ୍ଞାନ ଗବେଷଣା ସର୍ବଦା ମଣିଷର ଆବଶ୍ୟକତାକୁ ମେଣ୍ଟାଇବାର ଏକମାତ୍ର ଉପାୟ କହିଲେ ଭୁଲ୍ ହେବ ନାହିଁ ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଭାରତର ଅନେକ ଦୁର୍ଗମ ଗାଁ ଏବେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିଲା ବେଳେ ବେସରକାରୀ ସ୍ତରରେ ଅନେକ ବ୍ୟକ୍ତି ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ଏଭଳି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ମହିଳା ହେଉଛନ୍ତି ମେଘାଳୟର ଲାକମେନ ମ୍ୟାରି ନଙ୍ଗଖାଲ। ସେ ତାଙ୍କ ଗାଁ କିର୍‌ଦେମାଖ୍‌ଲାର ଜଳ ସଙ୍କଟ ଦୂର କରିବାରେ ସକ୍ଷମ ହୋଇପାରିଛନ୍ତି। ଲାକମେନ ଏହି ଗାଁର ପ୍ରାଥମିକ ସ୍କୁଲରେ ୧୫ ବର୍ଷ ହେଲା ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେଥିରୁ ସମୟ ବାହାର କରି ଲୋକଙ୍କ ସହଯୋଗରେ ସେ ଚେକ୍ ଡ୍ୟାମ୍ ଓ ପାଣିଟାଙ୍କି ନିର୍ମାଣ କରିଛନ୍ତି। ଏହା ସହ ୬ଟି ଝରଣା କୁଣ୍ଡର ପୁନରୁଦ୍ଧାର କରିଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ନେତୃତ୍ୱରେ ଗ୍ରାମବାସୀ ୧୬,୦୦୦ ଗଛ ଲଗାଇଛନ୍ତି। ଏହି ଗାଁର ମହିଳାମାନେ ପାଣି ପାଇଁ ଦିନକୁ ଦୁଇବେଳା ପାହାଡ଼ ଚଢ଼ି ଝରଣାକୁ ଯାଉଥିଲେ। ଏବେ ଲାକମେନ୍ ଜଳ ସଂରକ୍ଷଣ ପଦ୍ଧତି ଯୋଗୁ ସେମାନେ ଏଥିରୁ ମୁକ୍ତ ହୋଇଛନ୍ତି। ଯେଉଁ ସମୟରେ ସେମାନେ ମାଠିଆ ନେଇ ପାଣି ଆଣିବାକୁ ଯାଉଥିଲେ, ସେହି ସମୟକୁ ସେମାନେ ଏବେ ଉତ୍ପାଦକତା କାର୍ଯ୍ୟ, ଶିକ୍ଷା କିମ୍ବା ମନୋରଞ୍ଜନରେ କଟାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୭୬

- ଟେଲିଫୋନ ଭବନ ହତାରେ କଟକ ଟ୍ରଙ୍କ୍ ଟେଲିଫୋନ ଏକ୍ସଚେଞ୍ଜ ରାଧାନାଥ ରଥଙ୍କ ଦ୍ୱାରା ଉଦ୍‌ଘାଟିତ।
- ନାଗାଲାଣ୍ଡର କୋନିଆ ଓ ଛଙ୍କି ଅଞ୍ଚଳରେ ୫୫ ନିୟୁତ ଟନ କୋଇଲା ଖଣି ଆବିଷ୍କୃତ।
- ଲୋକସଭା ସଭ୍ୟ ପଦରୁ ସୋସିଆଲିଷ୍ଟ ନେତା ମଧୁଲିମାୟେଙ୍କ ଇସ୍ତଫା ପ୍ରଦାନ।
- ଚବିଶପ୍ରଗଣା ଜିଲା ଅନର୍ଗତ ସୁନ୍ଦରବନର ଉତ୍ତରପୂର୍ବ ଭାଗରେ ଅବସ୍ଥିତ 'ନାଜାତ'ଠାରେ ଭାରତର ସର୍ବପ୍ରଥମ ଭାସମାନ ବ୍ୟାଙ୍କ ଉଦ୍‌ଘାଟିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | |
| 7 | | 3 | | 4 | | 1 | | |
| | | 4 | | 8 | | 2 | | |
| | 2 | | | | 7 | | 3 | |
| 1 | | | | | | | | 8 |
| | | | | | 2 | 4 | | |
| | 7 | | 1 | | 9 | | 4 | 6 |
| 6 | | 2 | | | 4 | | 8 | |
| | | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 4 | 3 | 6 | 2 | 5 | 1 |
| 5 | 1 | 6 | 7 | 2 | 8 | 9 | 3 | 4 |
| 3 | 2 | 4 | 1 | 5 | 9 | 8 | 7 | 6 |
| 1 | 3 | 2 | 8 | 6 | 5 | 7 | 4 | 9 |
| 6 | 8 | 7 | 9 | 4 | 1 | 5 | 2 | 3 |
| 9 | 4 | 5 | 2 | 7 | 3 | 6 | 1 | 8 |
| 7 | 9 | 8 | 3 | 1 | 2 | 4 | 6 | 5 |
| 2 | 5 | 1 | 6 | 8 | 4 | 3 | 9 | 7 |
| 4 | 6 | 3 | 5 | 9 | 7 | 1 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## 'ଉଡାନ ଯାତ୍ରୀ କାଫେ' ର ଆବଶ୍ୟକତା

ମହାଶୟ,

ସାଧାରଣତଃ ବିମାନବନ୍ଦରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବହୁତ ମହଙ୍ଗା ହୋଇଥାଏ । ଯେପରି କି ପାଣି ବୋତଲର ମୂଲ୍ୟ ଶହେ ଟଙ୍କା, ଚାହା/କଫିର ମୂଲ୍ୟ ୨୫୦ ଟଙ୍କାରୁ ଅଧିକ ଇତ୍ୟାଦି । ଅନେକ ଯାତ୍ରୀ ଉକ୍ତ ମହଙ୍ଗା ଖାଦ୍ୟ କିଣିବା ପାଇଁ ଅସମର୍ଥ ହୋଇଥାନ୍ତି ଏବଂ ଅନେକ ସମୟରେ ଭୋକିଲା ଅବସ୍ଥାରେ ଯାତ୍ରା କରିଥାଆନ୍ତି । ଏହି ସମସ୍ୟାର କିଛିଟା ସମାଧାନ ହେଉଛି ଉଡାନ ଯାତ୍ରୀ କାଫେ, ଯାହା ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ । ନିକଟରେ କୋଲକୋତା ଓ ଚେନ୍ନାଇ ବିମାନବନ୍ଦରରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ ହୋଇଛି । ଉକ୍ତ କାଫେରେ ସୁଲଭ ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇଥାଏ। ଯେପରି କି ପାଣିବୋତଲ, ଚାହା ପ୍ରତ୍ୟେକର ମୂଲ୍ୟ ୧୦ ଟଙ୍କା, କଫି, ସମୋସା, ବରା, ମିଠା ଇତ୍ୟାଦି ପ୍ରତ୍ୟେକ ୨୦ ଟଙ୍କାରେ ବିକ୍ରି ହୋଇଥାଏ। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ବିମାନବନ୍ଦରଗୁଡ଼ିକରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

-ନବନିତ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରେଳ ବିଭାଗରେ ଚାକିରି ନାଁରେ ୧୩ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୨୨।୩(ସୂର୍ଯ୍ୟକାନ୍ତ ବେହେରା): ରେଳ ବିଭାଗରେ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଅଜୟ କୁମାର ନାୟକ(୬୦)। ତାଙ୍କଠାରୁ ଟଙ୍କା କାରବାର ହୋଇଥିବା ବ୍ୟାଙ୍କ ଟ୍ରାଞ୍ଜାକ୍ସନ ରିସିପ୍ଟ ସହ ଅଭିଯୋଗକାରୀଙ୍କ ଆଧାରକାର୍ଡ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଜାମିନ ନ ମିଳିବାରୁ ଅଜୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିରେ ପଡ଼ିଥିବା ବିକାଶ ଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

# ସ୍ତ୍ରୀଙ୍କୁ ସନ୍ଦେହ କରି ୩ବର୍ଷ ପୁଅର ଗଳାକାଟି ହତ୍ୟା

ପୁଣେ(ମହାରାଷ୍ଟ୍ର),୨୨।୩

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ଏବଂ ଶେଷରେ କ୍ରୋଧ ସମ୍ଭାଳି ନ ପାରି ନିଜର ୩ବର୍ଷୀୟ ଏକମାତ୍ର ଶିଶୁପୁତ୍ରର ଗଳାକାଟି ହତ୍ୟା କଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମହାରାଷ୍ଟ୍ର ପୁଣେ ଅଞ୍ଚଳରେ। ମାଧବ ଟିକେତି ନାମକ ଜଣେ ୩୮ବର୍ଷୀୟ ଇଞ୍ଜିନିୟର ଏହି ବର୍ବର କାଣ୍ଡ ଘଟାଇଥିବାବେଳେ ପୋଲିସ ତାଙ୍କୁ ପୁଣେ ଚନ୍ଦନ ନଗରରେ ଥିବା ଏକ ଲଜ୍‌ରେ ମଦ୍ୟପାନ କରୁଥିବା ସମୟରେ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ମୂଳ ବାସିନ୍ଦା ମାଧବ ପୁଣେରେ ସ୍ତ୍ରୀ ସ୍ୱରୂପା ଏବଂ ୩ ବର୍ଷର ଶିଶୁପୁତ୍ର ହିମ୍ମତଙ୍କ ସହ ରୁହନ୍ତି। ମାଧବ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଅଧିକାଂଶ ସମୟରେ ଘରେ ଅନୁପସ୍ଥିତ ରହୁଥିଲେ। ତେବେ ସ୍ତ୍ରୀ ସ୍ୱରୂପାଙ୍କ ଅନ୍ୟ




ଜଣେ ପୁରୁଷଙ୍କ ସହ ସମ୍ପର୍କ ଥିବାନେଇ ମାଧବ ବହୁ ଦିନ ହେବ ସନ୍ଦେହ କରି ଆସୁଥିଲେ। ଏହି ସନ୍ଦେହକୁ ନେଇ ଗତ ଗୁରୁବାର ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଝଗଡ଼ା ଉଗ୍ରରୂପ ନେବା ପରେ ମାଧବ ତାଙ୍କ ପୁଅ ହିମ୍ମତଙ୍କୁ ଧରି ଘରୁ କୁଆଡ଼େ ଚାଲି ଯାଇଥିଲେ। ଘରୁ ଯିବା ପରେ ସେ ଏକ ବାର୍‌ରେ କିଛି ସମୟ ଧରି ମଦ୍ୟପାନ କରିଥିଲେ। ପରେ ସେ ପୁଅକୁ ଧରି ସୁପରମାର୍କେଟ ଆଡ଼କୁ ଯାଇଥିଲେ। ଏହାପରେ ଚନ୍ଦନ ନଗର ପାର୍ଶ୍ୱରେ ଥିବା ଏକ ଜଙ୍ଗଲକୁ ଯାଇଥିଲେ। ବହୁ ସମୟ ଧରି ମାଧବ ପୁଅକୁ ଧରି ଘରକୁ ନ ଫେରିବା ଏବଂ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସ୍ୱରୂପା ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ସେ ନିକଟସ୍ଥ ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିଥିଲା। ଗୁରୁବାର ଅପରାହ୍ନ ୨ଟା୩୦ମିନଟରେ ଶେଷ ଥର ପାଇଁ ପୁଅକୁ ଧରି ଯାଉଥିବା ଏକ ସିସିଟିଭି ଫୁଟେଜରୁ ଜଣାପଡ଼ିଥିବାବେଳେ ୫ଟା ବେଳେ ଏକାକୀ କପଡ଼ା କିଣୁଥିବାର ଅନ୍ୟ ଏକ ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଥିଲା। ପରେ ପୋଲିସ ମାଧବଙ୍କ ମୋବାଇଲ ଫୋନ ଲୋକେଶନକୁ ଟ୍ରାକିଂ କରି ତାଙ୍କୁ ଚନ୍ଦନ ନଗରର ଏକ ଲଜ୍ ନିକଟରୁ ଚେତାଶୂନ୍ୟ ଅବସ୍ଥାରେ ଠାବ କରିଥିଲା। ଚେତା ଫେରିବା ପରେ ତାଙ୍କୁ ପୋଲିସ ଜେରା କରିଥିଲା। ଜେରା ସମୟରେ ପୁଅର ଗଳାକାଟି ହତ୍ୟା କରିଥିବା ମାଧବ ସ୍ୱୀକାର କରିଥିଲେ। ପୋଲିସ ମାଧବଙ୍କୁ ଧରି ମୃତଦେହ ଫିଙ୍ଗାଯାଇଥିବା ସ୍ଥାନକୁ ଯାଇ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାଧବଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମୁଖ୍ୟ ସାକ୍ଷୀ ସରୋଜ, ଆହତ ଜୀବନଙ୍କ ପୁନଃ ବୟାନ ରେକର୍ଡ

**ନବ ଦାସ ହତ୍ୟା ମାମଲା**

**ମୁଖ୍ୟ ଡାକ୍ତରଖାନାରେ ମିଳୁନି ଇସିଜି ରିପୋର୍ଟ**

ଝାରସୁଗୁଡ଼ା,୨୨।୩ ଆଶିଷ ରଞ୍ଜନ ଦାଶ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଶନିବାର ୫ମ ଦିନରେ ମଧ୍ୟ ତନାଘନା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ସକାଳ ପ୍ରାୟ ୯ଟାରେ ବ୍ରଜରାଜନଗର ଓରିଏଣ୍ଟ ଥାନାରେ ପହଞ୍ଚିଥିଲା। ସେଠାରେ ମୁଖ୍ୟ ସାକ୍ଷୀ ସରୋଜ ସାହୁଙ୍କୁ ପ୍ରଥମେ ପଚରାଉଚରା କରିଥିଲେ। ନବଙ୍କୁ ପ୍ରଥମେ ସରୋଜ ଫୁଲମାଳ ପିନ୍ଧାଇଥିଲେ, ଗୁଳିକାଣ୍ଡ ପରେ ତତ୍କାଳୀନ ବ୍ରଜରାଜନଗର ଆଇଆଇସିଙ୍କ ବନ୍ଧୁକ ନେଇ ଉପରକୁ ଟେକି ଧରିଥିଲେ ଏବଂ ଗୋପାଳ ଦାସ ଗୁଳି କରିବା ସମୟରେ ତାଙ୍କ ପାଖରେ ଥିବା ସରୋଜଙ୍କ ପୁନଃ ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ ଟିମ୍। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଛନ୍ତି, ସରୋଜ ପୂର୍ବରୁ ଯାହା ବୟାନ ଦେଇଛନ୍ତି, ତାହା ପ୍ରାୟ ସମାନ ରହିଛି। କିଛି ନୂଆ ତଥ୍ୟ ପାଇଁ ଆମେ ସରୋଜଙ୍କ ଧାରା ୧୬୧ରେ ବୟାନ ରେକର୍ଡ କରିଛୁ। ଏହାପରେ ଅପରାହ୍ନରେ ଗୋପାଳ ଦାସ ନବଙ୍କୁ ଗୁଳି କରିବା ସମୟରେ ଗୁଳି ଜୀବନ ନାୟକଙ୍କ ବେକରେ ଲାଗି ଯାଇ ନବଙ୍କ ବାମ ପାର୍ଶ୍ୱ ଛାତିରେ ବାଜିଥିଲା ଓ ନବ ପ୍ରାଣ ହରାଇଥିଲେ। ଜୀବନ ମଧ୍ୟ ଗୁରୁତର ହୋଇ ବୁର୍ଲାରେ ଚିକିତ୍ସିତ ହୋଇଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବା ଅନୁଯାୟୀ, ଜୀବନ ମଧ୍ୟ ପୂର୍ବରୁ ଯାହା କହିଥିଲେ, ଏବେ ମଧ୍ୟ ତାହା କହିଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ମଲ୍ଲିକ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୧୫ରୁ ଊର୍ଦ୍ଧ୍ୱ ସାକ୍ଷୀମାନଙ୍କ ଧାରା ୧୬୧ରେ ବୟାନ ରେକର୍ଡ ହୋଇସାରିଛି। ଆଗକୁ ମଧ୍ୟ କେତେଜଣ ଲୋକଙ୍କ ବୟାନ ରେକର୍ଡ କରାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଇସିଜି ରିପୋର୍ଟର କୌଣସି କାଗଜାତ ପତ୍ର ତଥା ପ୍ରମାଣ ହସ୍ତଗତ ହୋଇ ନ ଥିବା କହିଛି କ୍ରାଇମବ୍ରାଞ୍ଚ ଟିମ୍।

# ସରକାରୀ ଅର୍ଥରେ ବେଟିଂ

## ୩.୨୬କୋଟି ଟଙ୍କା ଆତ୍ମସାତ୍ ଅଭିଯୋଗରେ ପିଇଓ ଗିରଫ

ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୁଳ-ରାମପୁର ବ୍ଲକ ପୋଡ଼ାପଦର ଓ ତଳନାଗି ପଞ୍ଚାୟତରେ ସରକାରୀ ଅନୁଦାନ ୩କୋଟି ୨୬ଲକ୍ଷ ୮୭ହଜାର ୧୦୦ ଟଙ୍କା ଆତ୍ମସାତ୍ କଲେ। ପରେ ଉକ୍ତ ଟଙ୍କାକୁ କ୍ରିକେଟରେ ବେଟିଂ କରିବା ଅଭିଯୋଗରେ ପୂର୍ବତନ ପିଇଓ ଦେବାନନ୍ଦ ସାଗରଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ କୋରାପୁଟ ଭିଜିଲାନ୍ସରେ ୨ଟି ପୃଥକ୍ ମାମଲା (ନଂ.୧୨/୨୫ ଏବଂ ନଂ. ୧୩/୨୫) ରୁଜୁ ହୋଇଥିବା ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ଆର. କେ. ପଣ୍ଡା ସୂଚନା ଦେଇଛନ୍ତି।

ସରକାରୀ ଆକାଉଣ୍ଟରୁ ଦେବାନନ୍ଦ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଏହି ଟଙ୍କାକୁ ଆତ୍ମସାତ୍ କରିଛନ୍ତି। ଚେକ୍ ଓ ସ୍ଥାନୀୟ ସରପଞ୍ଚଙ୍କ ଡିଜିଟାଲ ଦସ୍ତଖତ ବ୍ୟବହାର କରି ଏହି ଟଙ୍କାକୁ ସେ ଆତ୍ମସାତ୍ କରିଥିଲେ। ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଆସିବାପରେ ସେ ଏକ ଆପ୍ ଜରିଆରେ କ୍ରିକେଟ ବେଟିଂ କରି ଏହି ଟଙ୍କାକୁ ଆତ୍ମସାତ୍ କରି ଦେଇଥିଲେ।


ଗିରଫ ପିଇଓ ଦେବାନନ୍ଦ ସାଗର।

ଏଥିରେ ପୋଡ଼ାପଦର ପଞ୍ଚାୟତର ୧କୋଟି ୫୫ଲକ୍ଷ ୭୫୮ ଟଙ୍କା ରହିଥିବାବେଳେ ତଳନାଗି ପଞ୍ଚାୟତର ୧କୋଟି ୭୧ଲକ୍ଷ ୮୬ହଜାର ୩୪୨ ଟଙ୍କା ରହିଛି। ପଞ୍ଚାୟତର ଏହା ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନ(ସିଏଫ୍‌ସି) ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ(ଏସ୍‌ଏଫ୍‌ସି)ର ଟଙ୍କା ହୋଇଥିବାବେଳେ ଏହା ଆର୍ଥିକ ବର୍ଷ ୫।୫।୨୦୧୮ ରୁ ୧୭।୩।୨୦୨୨ ମଧ୍ୟରେ ହୋଇଥିବା ଜଣାପଡିଛି। ବିଭିନ୍ନ ଦିଗକୁ ନେଇ ଏହି ଘଟଣାର ତଦନ୍ତ ଚାଲିଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ପ୍ରମୋଦ କୁମାର ଆଇନ୍ଦଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ରେ ଥୁଆମୂଳ- ରାମପୁର ବ୍ଲକର ବଡଛତ୍ରଙ୍ଗ, ବିରିକୋଟ ଓ ଲାଞ୍ଜିଗଡ ବ୍ଲକର ପାହାଡ଼ପଦର ପଞ୍ଚାୟତରେ ସମ୍ପୃକ୍ତ ପିଇଓ ଦେବାନନ୍ଦ କାର୍ଯ୍ୟରତ ଥିବାବେଳେ ୧କୋଟି ୪ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏବେ ପୁଣି ଟଙ୍କା ଆତ୍ମସାତ୍ କରି ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଟାଙ୍ଗିଆରେ ହାଣି ୨ ମହିଳାଙ୍କୁ ହତ୍ୟା

ହେମଗିର,୨୨।୩(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ଡୁମୁଲିଆରେ ଶନିବାର ସନ୍ଧ୍ୟାରେ ୨ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେମାନେ ହେଲେ ବିଳାସିନୀ ସୁଏର(୪୫) ଓ ରୁକ୍ମଣୀ ଭୈଶାଳ(୬୫)। ହେମଗିର ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାର ଅଧିକ ତଦନ୍ତ କରୁଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, କୌଣସି କଥାକୁ କେନ୍ଦ୍ରକରି ଖୁଡ଼ୀ ବିଳାସିନୀ ଓ ତାଙ୍କ ମା' ରୁକ୍ମଣୀଙ୍କ ସହ ଅଭିଯୁକ୍ତଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ୨ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବସ୍ ଷ୍ଟପରୁ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା) : ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ କରିବା ପୂର୍ବରୁ ଅବକାରୀ ଟିମ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ମାନସ ବେହେରା। ତାଙ୍କଠାରୁ ୭କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟସ୍ଥ ବସ୍ ଷ୍ଟପରେ ଅପେକ୍ଷା କରିଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ ତାଙ୍କୁ କାବୁ କରିଥିଲା।

# ସମୁଦୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।


ଗିରଫ ଅଭିଯୁକ୍ତ ଗିରିଧାରୀ ସାହୁ।

ନାକଟିଦେଉଳ,୨୨।୩(ବୈକୁଣ୍ଠନାଥ ସାହୁ): ସମ୍ପର୍କ ଡୋରିରେ ଲାଗିଲା ରକ୍ତର ଛିଟା। ଟାଙ୍ଗିଆ ଚୋଟରେ ଚାଲିଯାଇଛି ସମୁଦୀଙ୍କ ଜୀବନ। ଶନିବାର ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଲ ଗ୍ରାମରେ। ପାରିବାରିକ ବିବାଦରୁ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ଗଞ୍ଜାବାହାଲ ଗ୍ରାମର ମୁରଲୀଧର ଧଳ(୫୦)। ଅଭିଯୁକ୍ତ କିସିଣ୍ଡା ଥାନା କେଲୋ ଗ୍ରାମର ଗିରିଧାରୀ ସାହୁ(୫୬)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ଗଞ୍ଜାବାହାଲ ଗ୍ରାମର ମୁରଲୀଙ୍କ ପୁଅର କିସିଣ୍ଡା ଥାନା କେଲୋ ଗ୍ରାମର ଗିରିଧାରୀ ସାହୁଙ୍କ ଝିଅ ସହିତ ପ୍ରେମ ସମ୍ପର୍କ ଥିଲା। ଏସମ୍ପର୍କରେ ଜାଣିବା ପରେ ମୁରଲୀ ଝିଅର ବାପା ଗିରିଧାରୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଉଭୟ ପରିବାର ସହମତିରେ ବାହାଘର କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଏହି ପ୍ରସ୍ତାବକୁ ଗିରିଧାରୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହାର କିଛିଦିନ ପରେ ଉଭୟ ପୁଅଝିଅ କୋର୍ଟରେ ବିବାହ କରିଥିଲେ। ଏଥିପାଇଁ ଗିରିଧାରୀ ସବୁବେଳେ ମୁରଲୀଙ୍କୁ ଦୋଷଦେଇ ଆସୁଥିଲେ। ଇତିମଧ୍ୟରେ ବିବାହକୁ ୩ବର୍ଷ ବିତି ଯାଇଥିବାବେଳେ ସେମାନଙ୍କ ଏକ ୨ବର୍ଷର ପୁଅ ରହିଛି। ଏହାସତ୍ତ୍ୱେ ବି ଗିରିଧାରୀଙ୍କ ରାଗ କମି ନ ଥିଲା। ମୁରଲୀଙ୍କୁ ଜୀବନରେ ମାରିଦେବାକୁ ସେ ବିଭିନ୍ନ ସମୟରେ ଧମକଚମକ ଦେଇଆସୁଥିଲେ। ଏପରିକି ପୂର୍ବରୁ ଥରେ ସେ ଗିରିଧାରୀଙ୍କୁ ଆକ୍ରମଣ ଉଦ୍ୟମ ମଧ୍ୟ କରିଥିଲେ। ହେଲେ ମୁରଲୀ କୌଶଳକ୍ରମେ ଖସି ଯାଇଥିଲେ। ତେବେ ଶନିବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ମୁରଲୀ ଏକାକୀ ବାଇକ୍‌ରେ କିସିଣ୍ଡାରୁ ନିଜ ଗାଁକୁ ଫେରୁଥିବା ବେଳେ ଗାଁମୁଣ୍ଡ ନୂତନ ଗଞ୍ଜାବାହାଲ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗିରିଧାରୀ ତାଙ୍କ ବାଟ ଓଗାଳିଥିଲେ। ପୂର୍ବରୁ ପ୍ରସ୍ତୁତ ରହିଥିବା ଗିରିଧାରୀ ଏକ ଟାଙ୍ଗିଆରେ ମୁରଲୀଙ୍କୁ ଚୋଟ ପରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ ହିଁ ମୁରଲୀ ଟଳି ପଡ଼ିଥିଲେ। ଖବରପାଇ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ଥାନା ଅଧିକାରୀ ଅମୁନସେନ କିରୋ, ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ, କିସିଣ୍ଡା ଥାନା ଏସଆଇ ଗୋଲକ ବିହାରୀ ପ୍ରଧାନ ସଦଳବଳ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ପୂର୍ବ ରାଗରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ରେଢ଼ାଖୋଲ ଏସ୍‌ଡିପିଓ ମେହେର କହିଛନ୍ତି।

कार्यालय मुख्य अभियंता
लोक स्वास्थ्य यांत्रिक विभाग, रायपुर परिक्षेत्र, रायपुर (छ.ग.)
ई-प्रोक्यूरमेंट निविदा आमंत्रण सूचना शुद्धि पत्रक - 1
इस कार्यालय द्वारा आमंत्रित निविदा क्रं. 34/दिनांक 07.03.2025, सिस्टम निविदा क्रं. 165191 की तिथियों में निम्नानुसार संशोधन किया जाता है -
Revised Important Events and Time Schedule - Bid Start Date: 24.03.2025, Pre Bid Meeting Date: 01.04.2025, Bid Due Date: 15.04.2025, PHY Doc. Submission Last Date: 17.04.2025, PQ Document Download Date: 17.04.2025.
स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)
G-242506099/3

झारखण्ड सरकार
पेयजल एवं स्वच्छता प्रमंडल, सरायकेला
''शुद्धि पत्र''
P.R. No-346656 Drinking Water and Sanitation (24-25): D
एतद द्वारा सर्वसाधारण को सूचित किया जाता है कि ई0 निविदा सूचना संख्या– DWSD/SKL/MVS/29/2024-25 दिनांकः–18.02.2025 को निम्नवत् तिथि को इस हद तक संशोधित समझा जाय।

| | पूर्व में | संशोधित |
|---|---|---|
| बीड प्राप्त की अंतिम तिथि एवं समय | दिनांक 20.03.2025 03.00 बजे तक। | दिनांक 28.03.2025 03.00 बजे तक। |
| सरकार के सचिव, सूचना प्रोधोगिकी एवं ई–गवर्नेस, झारखण्ड मंत्रालय, के ज्ञापांक–120 दिनांक–03.10. 2023 के आलोक में विपत्र का मूल्य एवं अग्रधन की राशि ऑनलाईन जमा करने की अन्तिम तिथि एवं समय | दिनांक 21.03.2025, 03.00 बजे अपराहन तक | दिनांक 29.03.2025, 03.00 बजे अपराहन तक |
| निविदा खोलने की तिथि एवं समय | दिनांक 22.03.2025, 03.00 बजे तक। | दिनांक 29.03.2025, 03.00 बजे तक। |

पढ़ा जाय। शेष यथावत रहेगी।
PR 349002 Drinking Water and Sanitation(24-25).D
कार्यपालक अभियन्ता
पेयजल एवं स्वच्छता प्रमण्डल,सरायकेला

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-238
କାର୍ଯ୍ୟର ନାମ: ସମ୍ବଲପୁର ରେଳ ଷ୍ଟେସନ ଠାରେ ରୁଟ୍ ସଂଖ୍ୟା 1 ଏବଂ 3 ରେ କମ୍ ବାଲାଷ୍ଟ (Ballast) ବ୍ୟବସ୍ଥା ସହିତ ଜଡ଼ିତ ବିଦ୍ୟୁତ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 10,23,195.50, EMD/ବିଡ୍ ସିକ୍ୟୁରିଟି (ଟଙ୍କାରେ): 20,500/-, କାର୍ଯ୍ୟ ଶେଷ ହେବା ଅବଧି: ସ୍ୱୀକୃତିପତ୍ର ଜାରୀ ହେବା ତାରିଖ ଠାରୁ ଛଅ ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.04.2025ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ସମ୍ବଲପୁର
PR-1115/P/24-25

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧
ସୁନା ନିଲାମ ବିଜ୍ଞପ୍ତି
ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରିଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୨୪.୦୩.୨୦୨୫ରିଖ ପୂର୍ବରୁ ସେମାନଙ୍କର ବକେୟା ଦେୟଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | ପାରାଦୀପଗଡ଼ ଶାଖା | |
| ୧ | ମନୋରଞ୍ଜନ ଜେନା, ପିତା: ନେତ୍ରାନନ୍ଦ ଜେନା, ସା: ସିଗତାଳି, ପାରାଦୀପ ଲକ୍, ଜଗତସିଂହପୁର/ ୧୫୮୧୨୬୬୦୦୦୦୦୮୯ | ୧୩.୧୧.୨୦୨୧ |

ସ୍ଥାନ: କଟକ
ତାରିଖ: ୨୧.୦୩.୨୦୨୫
ସ୍ୱା/- ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

OFFICE OF THE EXECUTIVE ENGINEER
BUILDING CONSTRUCTION DEPARTMENT
BUILDING DIVISION, HAZARIBAG
e-Procurement Cell
e-Procurement Notice
Tender Reference No:-BCD/EE/HAZARIBAG/ 74 /2024-25 Date:- 21-03-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist- Hazaribagh For The Year 2024-2025 | 20712825/- | 414300/- | 10000/- | 9 Month |

| | | |
|---|---|---|
| A. | Date of Publication of Tender on website | 26-03-2025 |
| B. | Last date/Time for receipt of bids | 11-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

*Further details and subsequent amendments can be seen on website* http://jharkhandtenders.gov.in
Nodal Officer, e-Procurement Cell, Office of the Executive Engineer, Building Construction Department, Building Division, Hazaribag
PR 349010 (Building) 24-25 (D)

Government of Odisha
Higher Education Department
Important notice for the applicants seeking admission into B.Ed./ B.H.Ed./M.Ed. Courses at State Public Universities and Colleges (Teacher Education Courses) participating under SAMS for the Academic Session 2025-26

No. N-: It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through on Entrance Test. Accordingly, the candidates are hereby instructed to fill-up the Common Application Form by visiting the SAMS portal as per the timeline mentioned below.
N.B.: Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2025-26 are as follows.
1. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
2. The Phase-I admission will consists of 4 rounds of selection. In the 3rd round, the de-reservation of seats will be carried out in absence of the eligible applicants of a specific category. In the last round (4th round), if vacancy arises, a waiting list admission round will be conducted.
3. From the AY: 2025-26, counselling based online admission will be implemented in the aforementioned T.E. Courses. For applicants who got a seat in a round are advised to choose one of the following options.
**Freeze:** If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
**Slide:** If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wiat for the subsequent round of selection.
4. Whenever a seat is allocated, applicants are compulsorily required to choose one of the option - Freeze or Slide - carefully. If the applicant will not choose any of the option that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail proces of "Freeze" & "Slide' is mentioned in the Information Brochure available on the SAMS portal.
5. While applying for the CAF for 2 years B.Ed., B.H.Ed. & M.Ed. Courses, applicants are advised to check the eligibility criteria for each course mentioned in the Information Brochure available on the SAMS portal.
6. The candidates, whose final U.G. results are awaited (not published), can also apply online in the CAF to appear the Entrance Examination. But they must upload their marks and provide their preference of HEIs (Choice Locking) by logging into the "Existing Students Login" as per the timeline fixed by the Higher Education Department.
7. For this academic year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during choice filling timeline and updation of graduation marks.
8. For the academic session 2025-26, the admission process for 2 years B.Ed., B.H.Ed. and M.Ed. courses will start early, irrespective of the declaration of final results. However, applicants whose results are not declared during the admission period must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Information Brochure, their admission will be cancelled by the concerned University/ College. Further, those seat can be allotted to others eligible applicants.

Timeline for admission into 2 year B.Ed., B.H.Ed., M.Ed. Courses for the Academic Session 2025-26 under SAMS
The timeline for 2 year B.Ed., B.H.Ed., M.Ed. Courses e-Admission for the year 2025-26 under 'Student Academic Management System (SAMS)' is given below. Any changes in the timeline will be published on the website **https://te.samsodisha.gov.in/**. The applicants are advised to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the website **www.samsodisha.gov.in** | 24 Mar 2025 (12.00 Noon) (Monday) |
| 2 | Last date of applying online CAF through **www.samsodisha.gov.in** | 10 April 2025 (11.45 P.M.) (Thursday) |
| 3 | Editing of the CAF (if required) for the CAF submitted earlier (No fresh CAF will be allowed during this period) | 11 April 2025 (10.00 A.M.) to (11.45 P.M.) (Friday) |
| 4 | Submission of applicant's data to State Selection Board (SSB) by OCAC to conduct the Entrance Examination | 18 April 2025 (Friday) |
| 5 | Availability of Hall Ticket on the website of the State Selection Board (SSB) i.e. **https://ssbodisha.ac.in** and on SAMS portal for downloading the Admit Card | 23 May 2025 (12.00 Noon onwards) (Friday) |
| 6 | Conduct of Entrance Test - 2025 for B.Ed. & B.H.Ed. | 01 Jun 2025 (Sunday) |
| 7 | Conduct of Entrance Test - 2025 for M.Ed. | 04 Jun 2025 (Wednesday) |
| 8 | Handing Over Entrance Marks to OCAC by SSB, Odisha | 10 June 2025 (Tuesday) |
| 9 | Publication of Entrance Test Score on SAMS TE Portal, Updation of Graduation/Equivalent marks, Choice Filling of HEIs and Publication of provisional Allotment of Seats for different rounds | Dates will be notified by the Higher Education Department later |

For more details please Contact: e-Admission Helpline (Toll Free) Number 155335 / 1800-345-6770
N.B.: • The candidates, whose final U.G. results are awaited (not published), can also apply Online in the CAF to appear the Entrance Examination. But they must upload their marks and provide their preference of HEIs (Choice Locking) by logging into the "Existing Students Login" later as per the timeline fixed by the Higher Education Department.
OIPR-11001/11/0044/2425
Sd./- Deputy Director, PTC Section

## ବ୍ୟବସାୟୀଙ୍କ ପରଲୋକ

ଧାମନଗର,୨୨।୩ (ଦେବେନ୍ଦ୍ର ଆନ୍ଧିଆ)

ଧାମନଗର ବ୍ଲକ ଅଧୀନ ବଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ବ୍ୟବସାୟୀ ନିତ୍ୟାନନ୍ଦ ବେହେରା(୭୨)ଙ୍କ ଶନିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ଗତ ଫେବୃଆରୀ ୮ରେ ତାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ


ନିତ୍ୟାନନ୍ଦ ବେହେରା

ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସେ ଜଣେ ସରଳ, ଦରଦୀ ମଣିଷ ସହ ଉତ୍ତମ ବ୍ୟବହାର ପାଇଁ ସ୍ଥାନୀୟ ଅଞ୍ଚଳରେ ସମ୍ପୃକ୍ତ ପ୍ରିୟପାତ୍ର ଥିଲେ। ତାଙ୍କର ୪ ପୁଅ ଓ ଏକମାତ୍ର ଝିଅ। ସ୍ଥାନୀୟ ଅଞ୍ଚଳରେ କାହାର ଅସୁବିଧା ଖବର ପାଇଲେ ସେ ସଙ୍ଗେ ସଙ୍ଗେ ସାହାଯ୍ୟର ହାତ ବଢ଼ାଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ରଞ୍ଜିତ ଯେନା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବାରିକ, ପୂର୍ବତନ ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, କୁଳମଣି ବେହେରା, ଖବରଦାତା ପ୍ରଦୀପ ମହାପାତ୍ର, ଶିକ୍ଷକ ନେତା ସୁରେନ୍ଦ୍ର ସେଠୀ, ରୂପକ ମିଶ୍ର ପ୍ରମୁଖ ପହଞ୍ଚି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ତିହିଡ଼ି ବଜାରରୁ ହଟିଲା ଜବରଦଖଲ


ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତିହିଡ଼ି ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

- ୧୨୩ ଦୋକାନ ଉଚ୍ଛେଦ କରାଗଲା
- ବ୍ୟବସାୟୀଙ୍କ ଥଇଥାନ ନେଇ ପ୍ରଶ୍ନବାଚୀ

ତିହିଡ଼ି,୨୨।୩ (ସଞ୍ଜିତ ବଳ)

ତିହିଡ଼ି ବଜାରକୁ ପ୍ରଶାସନ ପକ୍ଷରୁ ଅବରୋଧମୁକ୍ତ କରାଯାଇଛି। ତିହିଡ଼ି ଥାନାଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଉଭୟପାର୍ଶ୍ୱରେ ସରକାରୀ ଜାଗାରେ ଥିବା ୧୨୩ଟି ଦୋକାନକୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ପକ୍ଷରୁ ଶୁକ୍ରବାର ମାଇକ୍ ଦ୍ୱାରା ଜାଗା ଖାଲି କରିବାକୁ ସତର୍କ ସୂଚନା ଜାରି କରାଯାଇଥିଲା। ଏହାବ୍ୟତୀତ ପୂର୍ବରୁ ବଜାରର ବିଭିନ୍ନ ସ୍ଥାନରେ ନୋଟିସ୍ ମଧ୍ୟ ଲଗାଯାଇଥିଲା। ନୋଟିସ୍‌ରେ ୧୨୩ଜଣ ଦୋକାନୀଙ୍କ ନାଁ ଉଲ୍ଲେଖ ଥିବାବେଳେ ୩ଦିନ ମଧ୍ୟରେ ଜାଗା ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାକୁ ଅବମାନନା କଲେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଶୁକ୍ରବାର ସକାଳଠାରୁ ରାତି ପର୍ଯ୍ୟନ୍ତ ଅଧିକାଂଶ ବ୍ୟବସାୟୀ ଦୋକାନ ଭାଙ୍ଗି ଜାଗା ଖାଲି କରିଥିଲେ। ଶନିବାର ସକାଳ ୯ଟାଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ଥାନାଠାରୁ ଜେସିବି ସହାୟତାରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ପ୍ରକାଶ ଯେ, ତିହିଡ଼ି ବଜାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗା ଜବରଦଖଲ କରି ଦୋକାନୀମାନେ ବହୁବର୍ଷ ହେଲା ବିଭିନ୍ନ ପ୍ରକାର ବ୍ୟବସାୟ ଚଳାଉଥିଲେ। ୨୦୧୨ରେ ଉଭୟପାର୍ଶ୍ୱ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ଦିଆଯିବା ପରେ ଦୋକାନ ଉଚ୍ଛେଦ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ବ୍ୟବସାୟୀଙ୍କୁ ମଧ୍ୟ ଖାଙ୍କିହାଟ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯାଇଥିଲା। ତେବେ ଦୋକାନ ଗୃହ ପାଇବାରୁ ବାଦ୍ ପଡ଼ିଥିବା ବ୍ୟବସାୟୀମାନେ କିଛିଦିନ ପରେ ପୁନର୍ବାର ଜାଗା ମାଡ଼ି ବସି ବ୍ୟବସାୟ ଆରମ୍ଭ କରିଥିଲେ। ସେସବୁ ଦୋକାନ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବାରୁ କେତେକ ବ୍ୟବସାୟୀ ୨୦୨୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ଅଦ୍ୟାବଧି ଥଇଥାନ ହୋଇପାରିନାହାନ୍ତି। ଅପରପକ୍ଷେ ଜବରଦଖଲ ପାଇଁ ବଜାରରେ ଟ୍ରାଫିକ, ଡ୍ରେନେଜ୍ ପରି ବିଭିନ୍ନ ପ୍ରକାର ସମସ୍ୟା ଉପୁଜିଥିଲା। ଉଚ୍ଛେଦ ପରେ ବ୍ୟବସାୟୀଙ୍କ ଥଇଥାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ଚାନ୍ଦବାଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତିହିଡ଼ି ଥାନା ଭାରପ୍ରାପ୍ତ ଅଧିକାରୀ ଅରୁନ୍ଧତୀ ବେହେରା, ଏସ୍‌ଆଇ ପ୍ରବୀଣ ଗିରି, ପ୍ରକାଶ ନାୟକ, ଏଏସ୍‌ଆଇ କନକକାନ୍ତ ଶତପଥୀ, ପାର୍ଥ ବେହେରାଙ୍କ ସହ ତହସିଲ କର୍ମଚାରୀମାନେ ଉଚ୍ଛେଦ ବେଳେ ଉପସ୍ଥିତ ରହିବା ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବଜ୍ରପାତରେ ଜଳିଗଲା ଘର

ଆଗରପଡ଼ା,୨୨।୩ (ସୁଶାନ୍ତ ଦାଶ)

ବନ୍ତ ତହସିଲ ଅଧୀନ ଗୋପୀନାଥପୁର ପଞ୍ଚାୟତର ସାହୁପଡ଼ା ୪ନଂ. ୱାର୍ଡରେ କାଳବୈଶାଖୀ ଯୋଗୁ ବଜ୍ରପାତରେ ୨ ବଖରା ଘର ଜଳିଯାଇଛି। ଶୁକ୍ରବାର ରାତି ୮ଟାରେ ବଜ୍ରପାତ ଘଟି ଗ୍ରାମର ଭାଗବତ ଦାସଙ୍କ ଘରେ ନିଆଁ ଲାଗିଯାଇଥିଲା। ଘରେ ପାଳିଥିବା ଗାଈ, ଛେଳି, କୁକୁଡ଼ା ଜଳି ଯାଇଥିବା ବେଳେ ଆସବାବପତ୍ର, ଟଙ୍କା, ଗହଣା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି।

## ସେନା କର୍ମଚାରୀଙ୍କ ଶେଷକୃତ୍ୟ



ଧାମନଗର, ୨୨।୩ (ଦେବେନ୍ଦ୍ର ଆନ୍ଧିଆ)

ଭାରତୀୟ ସେନା କର୍ମଚାରୀ ଧାମନଗର ବ୍ଲକର ସୋହଡ଼ା ପଞ୍ଚାୟତସ୍ଥିତ ଦଶନ୍ଦିକୁଳ ଗ୍ରାମର ମୃତ୍ୟୁଞ୍ଜୟ ଦାଶ(୩୭) ଆତ୍ମହତ୍ୟା କରିଥିବା ବେଳେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶନିବାର ଶେଷକୃତ୍ୟ କରାଯାଇଛି। ମୃତ୍ୟୁଞ୍ଜୟ ରାଜସ୍ଥାନର ଯଦୁପୁରରେ ଭାରତୀୟ ସେନା କର୍ମଚାରୀ ଭାବେ କାମ କରୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ମୃତ୍ୟୁଞ୍ଜୟ ୨୦୧୬ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୩ ବର୍ଷ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ ହୋଇଥିଲା। ସ୍ତ୍ରୀ କେସ୍ କରି ମୃତ୍ୟୁଞ୍ଜୟଙ୍କ ଦରମାରୁ ଅଧା ଟଙ୍କା ନେଇଯାଉଥିଲେ। ଏପରି ମୃତ୍ୟୁଞ୍ଜୟ ମାନସିକ ଚାପରେ ରହିଆସୁଥିଲେ। ଏହି ଘଟଣାକୁ ନେଇ ଗତ ୨୦ ତାରିଖରେ ସେ ଯଦୁପୁରରେ ଆତ୍ମହତ୍ୟା କରିଥିଲେ। ଭାରତୀୟ ସେନା ପକ୍ଷରୁ ତାଙ୍କ ବାପା ଦୁଃଶାସନ ଦାଶଙ୍କୁ ସୂଚନା ଦିଆଯାଇଥିଲା। ଶନିବାର ପୂର୍ବାହ୍ନରେ ଧାମନଗର ଥାନାରେ ମରଶରୀର ପହଞ୍ଚିବା ପରେ ସେଠାରେ ପୁଷ୍ପଗୁଚ୍ଛ ଦିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଗ୍ରାମବାସୀଙ୍କ ଦ୍ୱାରା ଶୋଭାଯାତ୍ରାରେ ମରଶରୀରକୁ ଗ୍ରାମକୁ ନିଆଯାଇଥିଲା। ବିଭାଗୀୟ ଅଧିକାରୀ ବାଲେଶ୍ୱର ୟୁନିଟ ପକ୍ଷରୁ ସମ୍ମାନ ଜଣାଯାଇଥିଲା। ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିନୋଦ ନାୟକ, ଡ. ସଞ୍ଜୟ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର, ଜିଲା ସମ୍ପାଦକ ଅରବିନ୍ଦ ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ୨୭ରୁ ବାସୁଦେବପୁର ମହୋତ୍ସବ

ବାସୁଦେବପୁର,୨୨।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଆନୁକୂଲ୍ୟରେ ୩ୟ ବାର୍ଷିକ ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ' ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଶୁକ୍ରବାର ପୌର କାର୍ଯ୍ୟାଳୟ ପରିସରରେ ପୌରାଧକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତ, ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ଅସିତ କୁମାର ଦାଶ, ଅବସରପ୍ରାପ୍ତ ଅଧକ୍ଷ ଭାଗୀରଥି ପଲେଇଙ୍କ ସମେତ ବିଭିନ୍ନ ୱାର୍ଡ କାଉନସିଲର ବୈଠକରେ ଯୋଗ ଦେଇଥିଲେ।

## ଭିତ୍ତିପ୍ରସ୍ତର ପୂର୍ବରୁ ଭାଙ୍ଗିଦେଲେ ଫଳକ


ବିଦ୍ୟାଳୟର ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ଫଳକକୁ ସରପଞ୍ଚ ଓ ସମିତିସଭ୍ୟ ଭାଙ୍ଗୁଛନ୍ତି।

### ସରପଞ୍ଚ, ସମିତିସଭ୍ୟଙ୍କ ନାଁ ନ ଥିବାରୁ ଅସନ୍ତୋଷ

ଭଦ୍ରକ/ନଳାଙ୍ଗ,୨୨।୩ (ସନାତନ ରାଉତ/ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀସ୍ଥିତ ମିନତି ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଲଗାଯାଇଥିବା ଫଳକକୁ ସରପଞ୍ଚ ଓ ସମିତିସଭ୍ୟ ଭାଙ୍ଗି ଦେଇଛନ୍ତି। ଶନିବାର ଅପରାହ୍ନ ୪ଟାରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଥିବାବେଳେ ଫଳକରେ ସେମାନଙ୍କ ନାଁ ନ ଥିବାରୁ ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଫଳକ ଭାଙ୍ଗି ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୩୪ ଲକ୍ଷ ୧୪ ହଜାର ୭୮୭ ଟଙ୍କା ବ୍ୟୟ ଅଟକଳରେ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ହେବାର ଥିଲା। ପୂର୍ବାହ୍ନ ୧୦ଟାରେ ଫଳକ ଲାଗିଥିଲା। ସେଥିରେ ମୁଖ୍ୟଅତିଥି ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ବିଡିଓ ରଶ୍ମିରଞ୍ଜନ ମଲ୍ଲିକଙ୍କ ନାମ ଉଲ୍ଲେଖ ରହିଥିଲା। ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ନାମ ସେଥିରେ ଉଲ୍ଲେଖ ନ ଥିଲା। ଏହାକୁ ନେଇ ସରପଞ୍ଚ ଗୌରୀ ମଲିକ ଓ ସମିତିସଭ୍ୟ ଦଶରଥ ସେଠୀଙ୍କ ସମେତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସରପଞ୍ଚ ମଲିକ କହିଛନ୍ତି, ଫଳକରେ ନାଁ ଲେଖିବା ପାଇଁ ଠିକାଦାର ନାମ ପଚାରି ବୁଝିଥିଲେ। କିନ୍ତୁ ଆଜି ଫଳକରେ ସରପଞ୍ଚ, ସମିତିସଭ୍ୟଙ୍କ ନାଁ ନ ଥିବାରୁ ବିଡିଓଙ୍କୁ ଫୋନ୍‌ରେ ଜଣାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେଥିପାଇଁ ଫଳକ ଭାଙ୍ଗି ଦିଆଯାଇଥିବା ସେ କହିଛନ୍ତି। ସମିତିସଭ୍ୟ ସେଠୀ ମଧ୍ୟ ଅନୁରୂପ ପ୍ରତିକ୍ରିୟା ରଖିଛନ୍ତି। ଅପରପକ୍ଷେ ଫଳକ ଭଙ୍ଗାଯିବାରୁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ବାତିଲ୍ ହୋଇଥିବା ବେଳେ ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## 'ଶିକ୍ଷା ପ୍ରତି ଅନୁରାଗୀ ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୁଏ'

ଧୁଷୁରୀ, ୨୨।୩ (ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ପରମେଶ୍ୱର ଶିଶୁ ବିଦ୍ୟାପୀଠରେ ବାର୍ଷିକୋତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟଅତିଥି ଓ ଆଇନଜୀବୀ ଦେବାଶିଷ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷା ବିକାଶ ପରିଷଦର ରାଜ୍ୟ ସଂଯୋଜକ ସୁଦର୍ଶନ ପ୍ରଧାନ, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସିଆର୍‌ସିସି ବ୍ରଜକିଶୋର ଶିଅଳ ସମ୍ମାନିତ ଅତିଥି, ଧୁଷୁରୀ ପ୍ରେସ୍ ୟୁନିଅନର ସଭାପତି ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ତ୍ରିଲୋଚନ ଦାସ, ବରିଷ୍ଠ ନାଗରିକ କାଶୀନାଥ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନେ ଶିକ୍ଷା ପ୍ରତି ଅନୁରାଗୀ ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ସଞ୍ଚାଳନ କରିଥିଲେ ପ୍ରଶାନ୍ତ କୁମାର ପଲାଇ। ପ୍ରତିଷ୍ଠାତା ସଦସ୍ୟ ଅନିଲ କୁମାର ଦାସ, ବିଦ୍ୟାଧର ବାରିକ ଓ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ଦାସ, ଗୁରୁମା' ବିଳାସିନୀ ସାହୁ, ଶୈଳସିନୀ ଦାସ, ସବିତା ଖଟୁଆ, ମିନୁଲତା ଖଟୁଆ, ବର୍ଷାରାଣୀ ସାହୁ, ଲିଜାରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଷୀରୋଦିନୀ ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।


ବିଦ୍ୟାପୀଠ ବାର୍ଷିକୋତ୍ସବରେ ଅତିଥି ଓ ଶିକ୍ଷୟିତ୍ରୀ।

## ଗୋଲିଆଡ଼ିରେ ଇଫ୍‌ତାର ପାର୍ଟି



ଇଫ୍‌ତାର୍ ପାର୍ଟିରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ସାବରଙ୍ଗ,୨୨।୩ (କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ସାବରପୁର, ଗୋଲିଆଡ଼ିଠାରେ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ରମଜାନ ମାସ ଉପଲକ୍ଷେ ଇଫ୍‌ତାର ପାର୍ଟି ଶନିବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, କାଉନସିଲର ଭକ୍ତଚରଣ ପଟ୍ଟନାୟକ, ଚନ୍ଦନ ସେନ, ସାମାଜିକ କର୍ମୀ ରତିକାନ୍ତ ବାରିକ୍, ଥାନାଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଆଇ ପୁନମ୍ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଉପବାସ ଭାଙ୍ଗିବା ପରେ ସମସ୍ତଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏମ୍‌ଡି ତୋହିଦ୍‌ଖାନ, ଅମିନୁଦ୍ଦିନ ଖାନ୍, ତାଜୁ ଖାନ୍, ସେକ୍ ଗୋଲାମ ସୋଫିଆନ୍, ସେକ୍ ଅହମ୍ମଦ, କମିରୁଦ୍ଦିନ ଖାନ୍, ଶାହୀଦ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲାରେ କିଣାଗଲାଣି ୩୨,୬୮,୭୩୩ କୁଇଣ୍ଟାଲ ଧାନ

### ଧାନ ବିକ୍ରି ଟଙ୍କା ପାଇନାହାନ୍ତି ୮୮୨୪ ଚାଷୀ

ଭଦ୍ରକ,୨୨।୩ (ସନାତନ ରାଉତ)

ଭଦ୍ରକ ଜିଲାରେ ଶନିବାର ସୁଦ୍ଧା ୧୫୩ଟି ସରକାରୀ ମଣ୍ଡିରେ ୩୨ ଲକ୍ଷ ୬୮ ହଜାର ୭୩୩ କୁଇଣ୍ଟାଲ ୨୦ କେଜି ଧାନ କିଣାଯାଇଛି। ଜିଲାର ମୋଟ ୭୫ ହଜାର ୫୭୪ ଜଣ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରିଥିବା ବେଳେ ୬୬ ହଜାର ୭୫୦ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ସହ ଏମ୍‌ଏସ୍‌ପି ମିଳିସାରିଛି। ବାକି ୮୮୨୪ ଚାଷୀ ଧାନ ବିକ୍ରି ଟଙ୍କା ପାଇବାକୁ ଅପେକ୍ଷାରେ ଅଛନ୍ତି।

ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ମୋଟ ୮୯ ହଜାର ୮୭୨ ଜଣ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମଞ୍ଜୁର ହୋଇଥିଲା। ସେଥିମଧ୍ୟରୁ ସର୍ବାଧିକ ବାସୁଦେବପୁର ବ୍ଲକରେ ୧୩,୫୪୦ ଚାଷୀ ଧାନ ବିକିଥିବା ବେଳେ ଭଦ୍ରକରେ ୧୩,୦୯୫, ଚାନ୍ଦବାଲିରେ ୧୧,୪୨୬, ବନ୍ତରେ ୧୧,୪୨୦, ତିହିଡ଼ିରେ ୧୦,୬୮୫, ଭଣ୍ଡାରିପୋଖରୀରେ ୯୭୯୩ ଓ ସବୁଠାରୁ କମ୍ ଧାମନଗର ବ୍ଲକରେ ୫୬୧୫ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ସେହିପରି ଭଦ୍ରକ ବ୍ଲକରୁ ସର୍ବାଧିକ ୫ ଲକ୍ଷ ୯୮ ହଜାର ୯୧୭ କୁଇଣ୍ଟାଲ ୩୧ କେଜି ଧାନ କିଣା ସରିଛି। ବାସୁଦେବପୁର ବ୍ଲକରୁ ୫ ଲକ୍ଷ ୬୦ ହଜାର ୧୬୮ କୁଇଣ୍ଟାଲ ୨୯ କେଜି, ବନ୍ତରୁ ୫ ଲକ୍ଷ ୪୦ ହଜାର ୨୫ କୁଇଣ୍ଟାଲ ୧୮ କେଜି, ଭଣ୍ଡାରିପୋଖରୀରୁ ୪ ଲକ୍ଷ ୭୯ ହଜାର ୪୯୪ କୁଇଣ୍ଟାଲ ୪୯ କେଜି, ତିହିଡ଼ିରୁ ୪ ଲକ୍ଷ ୪୪ ହଜାର ୧୬୩ କୁଇଣ୍ଟାଲ ୭୭ କେଜି, ଚାନ୍ଦବାଲିରୁ ୪ ଲକ୍ଷ ୩୫ ହଜାର ୭୩୩ କୁଇଣ୍ଟାଲ ୪୦ କେଜି ଓ ଧାମନଗରରୁ ସବୁଠାରୁ କମ୍ ୨ ଲକ୍ଷ ୧୦ ହଜାର ୨୩୦ କୁଇଣ୍ଟାଲ ୭୬ କେଜି ଧାନ କିଣାଯାଇଛି।

## 'ଜଳ ସଂରକ୍ଷଣ କରିବା ସମସ୍ତଙ୍କ ଦାୟିତ୍ୱ'



ଜଳ ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅଧିକାରୀ ଓ ନାଭାଲ୍ ୟୁନିଟ୍ ଏନ୍‌ସିସିର ବିଦ୍ୟାର୍ଥୀ।

### ବିଶ୍ୱ ଜଳ ଦିବସ

ଭଦ୍ରକ,୨୨।୩ (ସନାତନ ରାଉତ)

ଜଳ ବିନା ଜିଇଁବା ଅସମ୍ଭବ। ଚାଷ କାର୍ଯ୍ୟଠାରୁ ଆରମ୍ଭ କରି କଳ କାରଖାନା, ନିର୍ମାଣ କାର୍ଯ୍ୟ ଆଦି ସବୁ କ୍ଷେତ୍ରରେ ଜଳ ଆବଶ୍ୟକ। ନଦୀ, ଗଡ଼ିଆ, ପୋଖରୀ, ସମୁଦ୍ର ଭଳି ଅନେକ ଜଳ ଉତ୍ସ ଥିଲେ ବି ଦୂଷିତ ପରିବେଶ ପାଇଁ ବର୍ଷାର ଅଭାବ, ଜଳ ବ୍ୟବହାରର ଦୁରୁପଯୋଗ ଆଦି କାରଣରୁ ଜଳର ଅଭାବ ପରିଲକ୍ଷିତ ହେଉଛି। ନିଜ ଚାହିଦା ମେଣ୍ଟାଇବା ସହ ଉତ୍ତରପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣ କରିବା ଏବଂ ଜଳ ଉତ୍ସକୁ ପ୍ରଦୂଷଣମୁକ୍ତ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି।

ଭଦ୍ରକ ଜିଲା ପ୍ରଶାସନ ଓ ଏନ୍‌ସିସି କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ ପରିସରରେ ୨(୦) ନାଭାଲ୍ ୟୁନିଟ୍ ଏନ୍‌ସିସିର ବିଦ୍ୟାର୍ଥୀମାନଙ୍କୁ ନେଇ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ପୂର୍ବରୁ ବିଦ୍ୟାର୍ଥୀମାନେ ସାଳନ୍ଦୀ ନଦୀର ସାହାପୁର ଘାଟ ସଫେଇ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଏନ୍‌ସିସି ନାଭାଲ ୟୁନିଟ୍‌ର ଯୁବ କମାଣ୍ଡିଂ ଅଧିକାରୀ ସୁଦୀପ କୁମାର ସାହୁ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହିଦିବସ ପାଳନ ଉପଲକ୍ଷେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଧ୍ୟ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା।

## ସାମିଲ ହେବ ୮୦ରୁ ଊର୍ଦ୍ଧ୍ୱ ମେଢ଼

ଭଦ୍ରକ,୨୨।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

ଆସନ୍ତା ଏପ୍ରିଲ ୬ରେ ଶ୍ରୀରାମ ନବମୀ। ମାର୍ଚ୍ଚ ୨୩ରୁ ମାତୃଭୂମି ପାଇଁ ଗଣଦୌଡ଼ରୁ ଆରମ୍ଭ ହେବ ଭଦ୍ରକର ଗଣପର୍ବ ଶ୍ରୀରାମ ନବମୀ ମହୋତ୍ସବ। ୩୦ରେ ହିନ୍ଦୁ ନବବର୍ଷ, ସାଧୁସନ୍ଥ ଓ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩୧ରେ ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା ଏବଂ ଏପ୍ରିଲ ୪ରେ ପ୍ରସିଦ୍ଧ ମହିଳା କଳସ ଶୋଭାଯାତ୍ରା ହେବ। ଏପ୍ରିଲ ୫ରେ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ସହ ୬ରେ ନଗର ସଂକୀର୍ତ୍ତନ ହେବାକୁ ଥିବାବେଳେ ଏଥର ୮୦ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଆଧାରରେ


ବୈଠକରେ ଉପସ୍ଥିତ ମହୋତ୍ସବ କମିଟି ଓ ଶାନ୍ତି କମିଟିର କର୍ମକର୍ତ୍ତା।

### ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି ବୈଠକ

ମହାଯଜ୍ଞ କମିଟିର ସମ୍ପାଦକ ଶରତ ପଢ଼ିଆରୀ ମହୋତ୍ସବ ପାଳନର କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ। ମାର୍ଚ୍ଚ ୩୦ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ଗାନ୍ଧୀପଡ଼ିଆରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର ବସିବ। ସାହି ବସ୍ତି ଗଳି ରାସ୍ତାରେ ଗଛ, ଡାଳ କଟାଯିବା, ରାସ୍ତା ଆଲୋକୀକରଣ, ମରାମତି, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ଯୋଗାଣ, ରାସ୍ତା ଅବରୋଧ ଉଚ୍ଛେଦ, ଅବକାରୀ ଧରପଗଡ଼, ମଦ ଦୋକାନ ବନ୍ଦ ଆଦି ବିଷୟରେ କମିଟି ସଭାପତି ନିତ୍ୟାନନ୍ଦ ନାୟକ, ମେଢ଼ କମିଟି ସଂଯୋଜକ ତୁଷାରକାନ୍ତ ଦାସ, କମିଟି ସଦସ୍ୟ ଜଗନ୍ନାଥ ଦାସ, ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଶାନ୍ତି କମିଟି ସଦସ୍ୟ ଅତିସ୍ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ସୁଧାକର ରାଉତ ପ୍ରମୁଖ ପ୍ରସ୍ତାବ ଦେବା ପରେ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁସ୍‌ଲିମ୍ ଜମାତ୍‌ର ସମ୍ପାଦକ ମୋକିତ ଖାଁଙ୍କ ସମେତ କର୍ମକର୍ତ୍ତାମାନେ ଏହି ପର୍ବ ପାଳନରେ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ସିସିଟିଭି, ପୋଲିସ କଣ୍ଟ୍ରୋଲ ରୁମ୍, ସାମାଜିକ ଗଣମାଧ୍ୟମର ଦୁରୁପଯୋଗ ଉପରେ କାର୍ଯ୍ୟାନୁଷ୍ଠାନ, ଡ୍ରୋନ୍ ବ୍ୟବହାର, କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ଆଦି ଉପରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଆଇବି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ସିଟି ଡିଏସ୍‌ପି ସମ୍ବିତ କୁମାର ମାଝୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## କାଳବୈଶାଖୀରେ ରାଇସ୍ ମିଲ୍ କ୍ଷତିଗ୍ରସ୍ତ

ବଉଳା,(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଶୁକ୍ରବାର ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ସାରଙ୍ଗଧର ରାଇସ୍ ମିଲ୍ ବାଲିବରେଇର ସାମଗ୍ରୀ ନଷ୍ଟ ହେବା ସହିତ ଟିଣ ଛପର ଉଡ଼ିଯାଇଛି। ରାଇସ୍ ମିଲ୍‌ର ପେଡି ଇଲେଭେଟର, ମୋଟର ଗିୟର ବକ୍ସ, ପାଇପ୍ ଲାଇନ, ଏୟାର ଭେଣ୍ଟିଲେଟର, ପେନାଲ ରୁମ୍, ଆଦି ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଯାଇଛି।

**କେନ୍ଦୁଝର**

### ସଂକ୍ଷେପରେ

## କାଳବୈଶାଖୀ ତାଣ୍ଡବ ଘରର ଛପର ଉଡ଼ିଲା

ଆନନ୍ଦପୁର,୨୨।୩(ସୁଶାନ୍ତ କୁମାର ସାହୁ ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। ଅନେକ ଘରର ଚାଳ ଛପର ଉଡ଼ିଯାଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ସରବରାହ ବ୍ୟାଘାତ ଘଟିଛି। ଶୁକ୍ରବାର ରାତି ୮ଟା ୩୦ରେ ପବନ ସାଙ୍ଗକୁ କୁଆ ପଥର ବର୍ଷା ମାଡ଼ରେ କଣ୍ଟିପାଳ ପଞ୍ଚାୟତର ବାରୁଆଁ ଗ୍ରାମର ଜଗନ୍ନାଥ ନାୟକଙ୍କ ୪ ବଖରା ଆଜେବେଷ୍ଟ ଉଡ଼ିଯାଇଛି। ଗ୍ରାମର କରବୀର ନାୟକଙ୍କ ଘରେ ଏକ ଗଛ ପଡ଼ି ଘର ଭାଙ୍ଗି ଯାଇଥିଲା। ତା ସହିତ କାଳିଆ ହୋ, ସୁମିତ୍ରା ହୋଙ୍କ ଘରର ଆଜ୍‌ବେଷ୍ଟ ଉଡ଼ାଇ ନେଇଥିବା ବେଳେ ସେହିପରି ବାଉଁଶଗଡ଼ ପଞ୍ଚାୟତର ବାଲିଯୋଡ଼ି ଗ୍ରାମରେ ୧୧ କେଭି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବା ବେଳେ ଗ୍ରାମର ଅର୍ଜୁନ ହୋଙ୍କ ୩ ବଖରା ଘରର ଆଜେବେଷ୍ଟ ଉଡ଼ାଇ ଦେଇଛି।

## ବ୍ୟାପକ ଫସଲ ନଷ୍ଟ

ପାଟଣା,୨୨।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ବକାଳବୈଶାଖୀ ପ୍ରଭାବରେ ମୁରୁସୁଆଁ ପଞ୍ଚାୟତ ଡେଣ୍ଡୁଆ ଓ ଯମୁନା ପଶି ପଞ୍ଚାୟତ କୋଡ଼ଖମଣ ଗ୍ରାମରେ ଗଛ ପଡ଼ି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ପବନରେ ୧୨ରୁ ଉର୍ଦ୍ଧ୍ୱ ଘରର ଛପର ଉଡ଼ିଯାଇଛି। ଦିଗପଶି ପଞ୍ଚାୟତ ହିଞ୍ଜଳ ଗଡ଼ିଆ ଗ୍ରାମରେ ଗଛ ପଡ଼ି ଏକ ଘର ଭାଙ୍ଗି ଯାଇଛି। ଏଥିସହ କୋଡ଼ଖମଣ ଗ୍ରାମର ବ୍ୟାପକ ତରଭୁଜ, ବିଲାତି, ଭେଣ୍ଡି ଓ ସୂର୍ଯ୍ୟମୁଖୀ ଫସଲ ନଷ୍ଟ ହୋଇଛି। କୋଡ଼ଖମଣ ଗ୍ରାମର କୂଳମଣି ମହାନ୍ତ ହାଟରୁ ଫେରୁଥିବା ବେଳେ ତାଙ୍କ ଉପରେ ଗଛ ଡାଳ ପଡି ଯିବାକରୁ ସେ ଗୁରୁତର ହୋଇଛନ୍ତି। ଡେଣୁଆର ଲକ୍ଷ୍ମୀଧର ସାହୁଙ୍କ ଘର ଉପରେ ଏକ ଗଛ ଖସି ପଡ଼ିବାରୁ ଘର ଭାଙ୍ଗିଯାଇଛି। କୋଡ଼ଖମଣ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ, ଦିବାକର ମହାନ୍ତ, ମଧୁସୂଦନ ମହାନ୍ତ, ଘନଶ୍ୟାମ ମହାନ୍ତ, ଅଲେଖ ମହାନ୍ତ, ଘାସିଆ ନାଏକ ଓ ବୋଇତ ପାତ୍ରଙ୍କ ଟାଇଲ ଘର ଭାଙ୍ଗିଯାଇଛି।

# ମୁକୁଳା ପୋଲ ନେଲା ଜୀବନ

ଆନନ୍ଦପୁର,୨୨।୩(ସୁଶାନ୍ତ କୁମାର ସାହୁ)

ମୁକୁଳା ପୋଲ ନେଲା ଜୀବନ। ପ୍ରଶାସନ ଅବହେଳାରୁ ଅକାଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତର ତରତରା ଛକଠାରୁ ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମଠାରୁ ବୈତରଣୀ ନଦୀ ବନ୍ଧକୁ ସଂଯୋଗ ରାସ୍ତାରେ। ମୃତକ ହେଲେ ବଞ୍ଚୋ ଗ୍ରାମର ଗଣେଶ୍ୱର ବିଶ୍ୱାଳ (୭୦)। ଘଟଣାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଗ୍ରାମବାସୀ କ୍ଷତିପୂରଣ ଦାବି କରିଛନ୍ତି।

ପ୍ରକାଶ ଯେ, ଚଳିତ ମାର୍ଚ୍ଚ ୮ ତାରିଖ ଶନିବାର ଅପରାହ୍ନ ୧ଟାରେ ବଞ୍ଚୋ ଗ୍ରାମର ଗଣେଶ୍ୱର ବିଶ୍ୱାଳ(୭୦) ବନ୍ଧ ପାର୍ଶ୍ୱରୁ ଗ୍ରାମ ଅଭିମୁଖେ ଚାଲି ଚାଲି ଆସୁଥିଲେ। ଅସାବଧାନତା ବସତଃ ମୁକୁଳା ପୋଲ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲରେ ସୁରକ୍ଷା ବାଡ଼ା ନ ଥିବାରୁ ସେ ୧୫ ଫୁଟ ରାସ୍ତା ତଳକୁ ଖସିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସ୍ଥାନୀୟ ବାସିନ୍ଦା ସହଜରେ ଗ୍ରହଣ କରିପାରିନାହାନ୍ତି। ଠିକାଦାର ନା ବିଭାଗ ମୃତ୍ୟୁ ପାଇଁ ଦାୟୀ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ଓ ଠିକାଦାରଙ୍କ ଅବହେଳାରୁ ବୟସ୍କ ବ୍ୟକ୍ତିଙ୍କ ଜୀବନ ଯାଇଥିବା ଦାବି କରି ମୃତବ୍ୟକ୍ତିଙ୍କୁ କ୍ଷତିପୂରଣ ଦିଆଯିବାକୁ ସ୍ଥାନୀୟ ବାସିନ୍ଦାଙ୍କ ଦାବି କରିଛନ୍ତି। ଘଟଣା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନିରେ ଘଟଣାକୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ନଜରରେ ରଖି ସରପଞ୍ଚ ପ୍ରଶାନ୍ତ ରାଉତ ମୁକୁଳା ପୋଲର ବାଡ଼ା ପ୍ରସ୍ତୁତ କରିବାକୁ ଉଦ୍ୟମ କରିଛନ୍ତି।

### ପୋଲରୁ ଖସି ଗୁରୁତର ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



ମୁକୁଳା ପୋଲ ଓ ମୃତକ ଗଣେଶ୍ୱର ବିଶ୍ୱାଳ(ଇନସେଟ୍)।

## ଷ୍ଟାଡ଼ିୟମ ନିର୍ମାଣ ଦାବିରେ ରାସ୍ତାରୋକୋ



ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଛନ୍ତି।

ପାଟଣା,୨୨।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରଧାପୁରଠାରେ ନିର୍ମାଣାଧୀନ ଷ୍ଟାଡ଼ିୟମ କଡ଼ରୁ ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀ କେନ୍ଦେଇପଶି-କେନ୍ଦୁଝର ରାସ୍ତାର ସରଧାପୁର ଛକ ନିକଟରେ ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ଅନେକ ଯାତ୍ରୀବାହୀ ବସ୍, ଭାରିଯାନ ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା।

ଅଭିଯୋଗ ମୁତାବକ, ସରଧାପୁରଠାରେ ନିର୍ମାଣାଧୀନ ଷ୍ଟାଡ଼ିୟମ କଡ଼ରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଫଳରେ ଷ୍ଟାଡ଼ିୟମ ନିର୍ମାଣରେ ବାଧା ଉପୁଜୁଛି। ଜବରଦଖଲ ଉଚ୍ଛେଦ କରି ଷ୍ଟାଡ଼ିୟମ ନିର୍ମାଣ ପାଇଁ ପୂର୍ବରୁ ଚାକୁଣ୍ଡାପାଳ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇ ନ ଥିବାରୁ ଷ୍ଟାଡ଼ିୟମ ପାଚେରି ନିର୍ମାଣରେ ସମସ୍ୟା ସୃଷ୍ଟି କରିଥିବାରୁ ଲୋକେ ରାସ୍ତାରୋକୋ କରିଛନ୍ତି। ତୁରୁମୁଙ୍ଗା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଜବରଦଖଲ ଉଚ୍ଛେଦ ପ୍ରତିଶ୍ରୁତି ଦେବାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ): ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କର ଶ୍ରଦ୍ଧାଞ୍ଜଳି ସଭା ଭାଜପା କୃଷକ ମୋର୍ଚ୍ଚା ତରଫରୁ କେନ୍ଦୁଝର ଜିଲା ଆନନ୍ଦପୁର ବଡ଼ଦାଣ୍ଡସ୍ଥିତ ଆନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ରମାକାନ୍ତ ନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଭାଜପା ସଂଗଠନ ମଜବୁତ ହେବା ସହିତ ତୃଣମୂଳସ୍ତର ପର୍ଯ୍ୟନ୍ତ ସଂଗଠନ ଶକ୍ତିଶାଳୀ ହେଇପାରିଛି। କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁରର ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ, ବରିଷ୍ଠ ଭାଜପା ନେତା ସୁବ୍ରତ ମହାନ୍ତି, ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ନାୟକ, ଆନନ୍ଦପୁର ମ୍ୟୁନିସିପାଲିଟିର ଉପନଗରପାଳ ଦୁର୍ଗା ଚରଣ ଦଲେଇ, ଭାଜପା ଜିଲା ଉପ ସଭାପତି ନିରାକାର ଦଲେଇ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଉତ୍ପାତ କରୁଛି ଗୋଠଛଡ଼ା ଦନ୍ତା

ଚମ୍ପୁଆ,୨୨।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନର ଚକୁଳିଆ ଗ୍ରାମରେ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ଦନ୍ତା ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ବେଳେ ଏକ ଗୋରୁର ମଧ୍ୟ ମୃତ୍ୟୁ ଘଟିଛି। ଲୋକେ ଭୟଭିତ ଅବସ୍ଥାରେ ରହିଥିବା ବେଳେ ଦନ୍ତା ପାଇଁ ବନ ବିଭାଗ ନାକେଦମ ହେଲାଣି। ସୂଚନା ଅନୁଯାୟୀ, ଉଖୁଣ୍ଡା ସେକ୍ସନ ଚକୁଳିଆ ଗ୍ରାମର ମାଗୁଣି ଗିରିଙ୍କ ଗୃହକୁ ଶନିବାର ଭୋର ସମୟରେ ଦନ୍ତା ଭାଙ୍ଗି ଦେଇଥିବା ବେଳେ ତାଙ୍କର ଏକ ଗାଈକୁ ଆକ୍ରମଣ କରି ମାରିଦେଇଛି। ସୀତାରାମପୁରରେ ଏକ ଘର ଭାଙ୍ଗିବା ସହ ବଡ଼ଜୁମୁରିଆର ଜିତେନ ଗୋପକୁ ସୀତାରାମପୁରରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଜିତେନଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବନପାଳ ପ୍ରଦୀପ ବାରିକ ସୂଚନା ଦେଇଛନ୍ତି। ସେହିପରି ମୟୂରଭଞ୍ଜ ପଟୁ ଚମ୍ପୁଆ ରେଞ୍ଜକୁ ଆସିଥିବା ୪ ଟିକିଆ ହାତୀପଲ ଉକ୍ତ ସେକ୍ସନର ବରପଦା ଅଞ୍ଚଳରେ ବ୍ୟାପକ ଫସଲହାନୀ କରିଥିବା ଦେଖିବାକୁ ମିଳିଛି। ବନବିଭାଗ ହାତୀପଲ ଉପରେ ନଜର ରଖିଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଚମ୍ପୁଆ ରେଞ୍ଜରେ ହାତୀପଲ ବର୍ଷ ସାରା ଉପଦ୍ରବ କରୁଛନ୍ତି।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ ଜଳ ଦିବସ

କେନ୍ଦୁଝର,୨୨।୩(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ସମସ୍ତ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ଲଳିତ୍ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଶୈକ୍ଷିକ ଅଧିକାରୀ ଡ. ଧର୍ମବୀର ମୋହନ ସିଂ ଜଳର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର ଜେନା ଜଳର ସଂରକ୍ଷଣ ଓ ସୁବିନିଯୋଗ ସମ୍ପର୍କିତ ସଚେତନ ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଶକ୍ତି ରଞ୍ଜନ ବେହେରା, ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର୍ ଲିଟୁ ମଲ୍ଲିକ, ଗଣିତ ବିଭାଗର ସହକାରୀ ପ୍ରଫେସର୍ ସତ୍ୟବ୍ରତ ପୁଟି, ଅଧ୍ୟାପକ ରଜତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ବିଭାଗର ଛାତ୍ରୀଙ୍କ ପାଇଁ ଜଳ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦିକା କୁମାରୀ ତିତିଶ୍ୟା ମନୋଜ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ୍ ଜାଭିୟର୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ

କେନ୍ଦୁଝର,୨୨।୩(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରସ୍ଥିତ ନିଉ କଲୋନୀସ୍ଥିତ ସେଣ୍ଟ ଜାଭିୟର୍ସ ଗ୍ରୁପର ଏକ ନୂତନ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନରେ +୨ ବିଜ୍ଞାନ ପାଠପଢ଼ା ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବ। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟ ଖସଡ଼ା ଅନୁଯାୟୀ +୨ ବିଜ୍ଞାନ ପାଠ ପଢ଼ା ହେବ। ଚେୟାରମ୍ୟାନ ଇଂ. ଦେବବ୍ରତ ବେହେରାଙ୍କ ପୁତ୍ର ବୈଭବ ବିକ୍ରାନ୍ତ ପୂଜାର୍ଚ୍ଚନାରେ ମୁଖ୍ୟ କର୍ତ୍ତାଭାବେ ଯୋଗଦାନ କରିଥିଲେ। ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୮ ଜଣ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ସିଏଚ୍ଏସ୍‌ଇଠାରୁ ଅନୁମତି ମିଳିଛି। ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୃଷକ ଚନ୍ଦ୍ରଶେଖର ବେହେରା ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଟ୍ରଷ୍ଟି ସୁସ୍ମିତା ବେହେରା ଶିକ୍ଷାର ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ନିବେଦିତା ମିଶ୍ର, ଉପସଭାପତି କିରନ ଭାରତୀ ସହଯୋଗ କରିଥିଲେ।

**ମୟୂରଭଞ୍ଜ**

# 'ଜଙ୍ଗଲକୁ ସୁରକ୍ଷା ଦେଲେ ଖାଦ୍ୟ ସଙ୍କଟ ରହିବ ନାହିଁ'

### ବିଶ୍ୱ ବନ ଦିବସ ପାଳିତ

ବାରିପଦା, ୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ଥିବା ବିଭିନ୍ନ ବନଖଣ୍ଡ ଅଞ୍ଚଳରେ ଶୁକ୍ରବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଜଙ୍ଗଲ ଓ ଖାଦ୍ୟ ଶୀର୍ଷକ ବାର୍ତ୍ତା ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହାକୁ ପାଳନ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଥିବା ସଙ୍କଳ୍ପ ମଣ୍ଡପରେ ବନଦିବସ ପାଳନ କରାଯାଇଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ବାରିପଦା ବନଖଣ୍ଡ ଅଧୀନରେ ଥିବା ରାଇକମା ଆଶ୍ରମ ବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଉଦଳା ଓ ଦେବଳା ଗ୍ରାମ ପଞ୍ଚାୟତ, କରଞ୍ଜିଆ ଡିଭିଜନ ଅଧୀନରେ ଥିବା ଠାକୁରମୁଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଓ ବେଗୁନିଆବଣି ପଞ୍ଚାୟତ, ଶିମିଳିପାଳ ଉତ୍ତର ଡିଭିଜନ ଅଧୀନରେ ଥିବା ଅସ୍ତକୁଅଁର ଗ୍ରାମପଞ୍ଚାୟତ, ରାଇରଙ୍ଗପୁର ଡିଭିଜନ ଅଧୀନରେ ଥିବା ସାନପଖଣା ଗ୍ରାମପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯାଇଛି । ସେହିପରି ବାରିପଦାସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପରିବେଶ ପ୍ରହରୀ ଓ ସ୍ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ବନଦିବସ ପାଳନ କରାଯାଇଛି । ସଙ୍ଗଠନର ମୁଖ୍ୟ ତଥା ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ, ସମ୍ମାନିତ ଅତିଥି ଭାବେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ମୁଖ୍ୟବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା ଜରୁରୀ ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, କାର୍ଯ୍ୟକ୍ରମ ଆବାହକ ମଣ୍ଡଳୀର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ଓ ପ୍ରଦୀପ କୁମାର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲ ନିଆଁ, ଶିକାର, ଗଛ କଟାକୁ ରୋକାଯାଇପାରିଲେ ପ୍ରକୃତିର ଅବଦାନ ଜଙ୍ଗଲକୁ ସୁରକ୍ଷା ଦେଲେ ଖାଦ୍ୟର ସଙ୍କଟ ରହିବ ନାହିଁ। ଗାଁ ଲୋକେ ଏହାର ଉପକାରିତା ଓ ଅପକାରିତାକୁ ହୃଦୟଙ୍ଗମ କରିପାରିଲେ ଜୀବଜଗତ ତିଷ୍ଠି ରହିବ। ଏହାର କ୍ଷତି କରିବା ପରିବର୍ତ୍ତେ ଜଙ୍ଗଲର ଶତ୍ରୁକୁ ସମୂଳେ ପ୍ରଶମିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ସେହିପରି ଶିମିଳିପାଳ ଆଭ୍ୟନ୍ତରୀଣ ତଥା ପାଦଦେଶରେ ରହୁଥିବା ଲୋକମାନେ ଶିକାର ଉଦ୍ଦେଶ୍ୟରେ ରଖିଥିବା ବନ୍ଧୁକକୁ ବନବିଭାଗ ନିକଟରେ ଜମା କରିବାକୁ କହିଛନ୍ତି । ଏଥିରେ ଉପସ୍ଥିତ ଥିବା ଜଙ୍ଗଲ କମିଟି ଗୁଡିକ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନ ପକ୍ଷରୁ ଆଞ୍ଚଳିକ ସ୍ତରରେ ସମସ୍ୟାଗୁଡିକର ମୁକାବିଲା କରିବା ପାଇଁ ଏକମାସ ମଧ୍ୟରେ ପରିବେଶ ପ୍ରହରୀ ନାମକ ଅନୁଷ୍ଠାନ କାର୍ଯ୍ୟ କରି ଜଙ୍ଗଲ ନଷ୍ଟ ଓ ଜନ୍ତୁ ଶିକାର ଦିଗରେ ପ୍ରଶମିତ କରାଯାଇପାରିବ ବୋଲି ପଟ୍ଟନାୟକ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୫୦ଟି ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ । ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ କମିଟିର ୫୦ଜଣ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୋହନ ମୁର୍ମୁ, ସଞ୍ଜୟ ଦ୍ୱାରୀ, ହରିହର ଦାସ, ମନରଞ୍ଜନ ନାଏକ, ବୈଦ୍ୟନାଥ ମାର୍ଣ୍ଡି, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଧୀର ନାଏକ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପଦ୍ମଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଜଙ୍ଗଲ ସୁରକ୍ଷାରେ ନିୟୋଜିତ ଗ୍ରାମବାସୀ।

## ସଫେଇ ଆଳରେ ଲୁଟିନେଲେ ସୁନା ଅଳଙ୍କାର

ଉଦଳା,୨୨।୩(ସନ୍ତୋଷ କୁମାର ବାଛିନୀ)

ଅଫିସର ବେଶରେ ଆସିଲେ। ଘର ଲୋକଙ୍କୁ ଡାକିଲେ, କମ୍ପାନୀରୁ ଆସିଛନ୍ତି କହି ପ୍ରଥମେ ପିତ୍ତଳ ସାମଗ୍ରୀ, ପରେ ରୁପା ଓ ସୁନା ଗହଣା ସଫା କଲେ। ଆଉ ସଫେଇ ଆଳରେ ଲୁଟି ନେଇଗଲେ ମହିଳାଙ୍କ ସୁନା ଅଳଙ୍କାର। ଶୁକ୍ରବାର ପୂର୍ବାହ୍ନରେ କପ୍ତିପଦା ଥାନା ଅଧୀନ ତଳିଆ ଗ୍ରାମରେ ଏଭଳି ଘଟଣା ଘଟିଥିବା ବେଳେ ସିସିଟିଭିରେ ଲୁଟେରାଙ୍କ କାରନାମା ଦୃଶ୍ୟ କଏଦ୍ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମର ମିନତି ବେହେରାଙ୍କ ପରିବାର ଲୋକ ଘରେ ଥିବାବେଳେ ଦୁଇଜଣ ଅଫିସର ବେଶରେ ଆସି ତାଙ୍କ ଘରେ ପହଞ୍ଚିଥିଲେ। କମ୍ପାନୀରୁ ଆସିଛନ୍ତି କହି ଘରର ପିତ୍ତଳ ସାମଗ୍ରୀ ସଫା କରିଥିଲେ। ପରେ ସଫା କରିବା ପାଇଁ ରୁପା ଅଳଙ୍କାର ମାଗିଥିଲେ। ରୁପା ଅଳଙ୍କାର ସଫା କରି ଦେଖାଇବା ପରେ ସେମାନେ ମିନତିଙ୍କ ପରିବାର ଲୋକଙ୍କ ବିଶ୍ୱାସ ଜିତିଥିଲେ। ତା'ପରେ ସୁନାଗହଣା ସଫା କରିବାକୁ ମାଗିଥିଲେ। ମିନତି ପିନ୍ଧିଥିବା ୩ ଲକ୍ଷରୁ ଅଧିକ ଟଙ୍କାର ହାରକୁ ଲୁଟେରାମାନେ ତାଙ୍କ ବେକରୁ ଖୋଲି ସଫା କରିବା ପାଇଁ କିଛି ପାଉଡରରେ ରଖିଥିଲେ। ଏକ ଖୋଳରେ ପୂରାଇ କିଛି ସମୟ ପରେ ଖୋଲିବାକୁ କହି ଚାଲିଯାଇଥିଲେ। ସେମାନେ ଘରୁ ବାହାରିବା ମାତ୍ରେ ମିନତିଙ୍କ ପରିବାର ଲୋକ ଖୋଳ ଖୋଲି ସେଥିରେ ସୁନାହାର ନ ଥିବା ଦେଖି ଲୁଟ୍‌ର ଶିକାର ହୋଇଥିବା ଜାଣିପାରିଥିଲେ। ହେଲେ ସେତେବେଳକୁ ୨ ଲୁଟେରା ଚାଲି ଯାଇଥିଲେ। ତେବେ ସେମାନଙ୍କ ଉପରେ ସନ୍ଦେହ ହେବାରୁ ମିନତିଙ୍କ ବୋହୂ ପଚାରିବାରୁ ଫେରି ଯାଉଥିବା ଲୁଟେରାଙ୍କ ମଧ୍ୟରୁ ଜଣେ ଫେରି ଆସି ତାଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲେ। ଏନେଇ ମିନତିଙ୍କ ଅଭିଯୋଗ ପରେ କପ୍ତିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।



ସିସିଟିଭିରେ କଏଦ୍ ହୋଇଥିବା ଦୃଶ୍ୟ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ବୈଶିଙ୍ଗା,୨୨।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ନିକଟରେ ୧୮ ନଂ. ଜାତୀୟ ରାଜପଥରୁ ଶନିବାର ଅପରାହ୍ନ ୨ଟା ସମୟରେ ବୈଶିଙ୍ଗା ପୋଲିସ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ ଘାଟରେ ବାଲି ସୈରାତ ନିଲାମ ହୋଇଥିବା ସତ୍ତ୍ୱେ ଏନ୍‌ଜିଟିଙ୍କ କଟକଣା ଯୋଗୁ ବାଲି ଉଠାଇବା ଉପରେ ପ୍ରଶାସନ ରୋକ ଲଗାଇଛି। ଚୋରାରେ ବାଲି ଚାଲାଣ ହେଉଥିବା ସୂଚନା ପାଇ ବୈଶିଙ୍ଗା ପୋଲିସ ପକ୍ଷରୁ ଥାନା ଅଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶରେ ଏସ୍ଆଇ ଦେବାଶିଷ ମଣ୍ଡଳଙ୍କ ନେତୃତ୍ୱରେ ପୋଲିସ ଟିମ କଳମାଠାରେ ଚଢ଼ାଉ କରି ଟ୍ରାକ୍ଟର ଜବତ କରିଥିଲେ। ଡ୍ରାଇଭର ଝନୁ ସିଂଙ୍କୁ ଗିରଫ କରିଛନ୍ତି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ.୧୨୧/୨୫) ରୁଜୁ କରାଯାଇଛି।

## ହାଇକୋର୍ଟ ଜଜ୍‌ଙ୍କ ମୋରଡ଼ା ଗସ୍ତ



ଜଷ୍ଟିସ ବିପି ଶତପଥୀ ଜେଏମ୍ଏଫ୍‌ସି କୋର୍ଟ କୋଠା କାର୍ଯ୍ୟ ତଦାରଖ କରୁଛନ୍ତି।

ମୋରଡ଼ା,୨୨।୩(ସ୍ମାରକ ମାଜୀ)

କଟକ ହାଇକୋର୍ଟ ଜର୍ଜ ଜଷ୍ଟିସ ବିପି ଶତପଥୀ, ଇନ୍ସପେକ୍ସନ ଇନଚାର୍ଜ ବିକ୍ରମ ପଟ୍ଟନାୟକ ଶନିବାର ମୟୂରଭଞ୍ଜ ଜିଲା ମୋରଡ଼ା ଗସ୍ତରେ ଆସିଛନ୍ତି। ମୋରଡ଼ାରେ ନୂତନଭାବେ ନିର୍ମାଣ ଚାଲିଥିବା ସ୍ଥାୟୀ ଜେଏମ୍ଏଫ୍‌ସି କୋର୍ଟ କୋଠାର ତଦାରଖ କରିବା ସହିତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଜଷ୍ଟିସ ଶତପଥୀଙ୍କ ସହିତ ମୟୂରଭଞ୍ଜ ଜିଲା ଜର୍ଜ ଅରବିନ୍ଦ ପଟ୍ଟନାୟକ, ସିଜିଏମ, ରେଜିଷ୍ଟ୍ରାର, ମୋରଡା ଜେଏମ୍ଏଫ୍‌ସି କୋର୍ଟ ଜଜ୍ ଶ୍ରୁତି ପଟ୍ଟନାୟକ, ଏପିପି ସମ୍ବିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀରେ କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଲେ ୨ ମନ୍ତ୍ରୀ

ରାଇରଙ୍ଗପୁର,୨୨।୩(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଶୋଇ ତଥା ଥାନା ଅନ୍ତର୍ଗତ ଖଡ଼ମଡ଼ୋ ପଞ୍ଚାୟତ ଅଞ୍ଚଳରେ ଗୁରୁବାର ରାତି ୭ଟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଏଥିରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ବେଳେ ଅନେକଙ୍କ ଘର ଭାଙ୍ଗିଥିଲା। ଶନିବାର ଅପରାହ୍ନ ୪ଟାରେ ରାଜ୍ୟ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସାରଶକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଅପରାହ୍ନ ପ୍ରାୟ ୪ ଟାରେ ବିଶୋଇ ବ୍ଲକ୍ ଖଡ଼ମଡୋ ପଞ୍ଚାୟତ ଅନ୍ତର୍ଗତ ଖଡ଼ମଡ଼ୋ, ମୁଷାମାରୀ, ସାରଶପଦା ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳଗ୍ରସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

### କୁଆମରା ଡାକ୍ତରଖାନାରେ ଡାକ୍ତର, ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଘଟଣା

ଗୋପବନ୍ଧୁ ନଗର,୨୨।୩
(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଅଧୀନ କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡାକ୍ତର ଓ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର, ସଚେତନତା କାର୍ଯ୍ୟରେ ବାଧା ସୃଷ୍ଟି ଅଭିଯୋଗ ହୋଇଛି। ଘଟଣାରେ ଅଭିଯୁକ୍ତ ୨ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ଆଶାକର୍ମୀମାନେ ଡାକ୍ତରଖାନାରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ସକାଳ ୭ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଥିଲା। ପଞ୍ଚାୟତ ବିକାଶ ପରିଷଦର ସଦସ୍ୟ ସମର୍ଥନ କରିଥିଲେ।

ଅଭିଯୋଗ ମୁତାବକ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ଗୁରୁବାର ମଧ୍ୟାହ୍ନରେ ପାଲା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ହେବାରଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଗ୍ରାମର ୨ ଯୁବକ ପହଞ୍ଚି ବାଧା ସୃଷ୍ଟି କରିଥିଲେ। ସେଠାରେ ଉପସ୍ଥିତ ଥିବା ଡାକ୍ତର, କର୍ମଚାରୀ ଓ ଆଶା କର୍ମୀମାନେ ବିରୋଧ କରିବାରୁ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆଶାକର୍ମୀ ସଂଘର ଜଣେ କର୍ମୀଙ୍କୁ ଠେଲାପେଲା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ୨୪ ଘଣ୍ଟା ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଶୁକ୍ରବାର ରାତିରେ ଅଭିଯୁକ୍ତ ସଞ୍ଜୟ ଦେହୁରୀଙ୍କୁ ଘରୁ ଉଠାଇ ନେଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ମଣ୍ଡଳ ଫେରାର ଅଛନ୍ତି। ତେବେ କାର୍ତ୍ତିକଙ୍କୁ ଗିରଫ ଦାବିରେ ଆନ୍ଦୋଳନକାରୀ ଅଟଳ ରହିଥିଲେ। ଖବର ପାଇ ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ୫ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ଉଠିଥିଲା। ଆଲୋଚନା ସମୟରେ କୁଆମରା ମେଡିକାଲ ଅଫିସର ଡ. ଶାନ୍ତନୁ ଜେନା, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ମହେନ୍ଦ୍ରନାଥ ସେଠୀ, କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗଛାୟତ, ଆଶାକର୍ମୀ ସଂଘ ଓ କୁଆମରା ପଞ୍ଚାୟତ ବିକାଶ ପରିଷଦର ସଭାପତି, ସମ୍ପାଦକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ**

ସୋର, (ଜଗନ୍ନାଥ ମିଶ୍ର): ସୋର ଥାନା ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମରେ ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଶୁକ୍ରବାର ରାତିରେ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମର ରାଜେନ୍ଦ୍ର ଶେଖୁଆ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୩୦/୨୫) ରୁଜୁ କରି ରାଜେନ୍ଦ୍ରଙ୍କୁ ଶନିବାର ଗିରଫ କରିଥିଲା। ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ସଂକ୍ଷେପରେ

### ୨୮ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୨୨।୩

ବାଲିଆପାଳ ବ୍ଲକ ପରିସରରେ ଆସନ୍ତା ୨୮ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାକେଶ ଚୌଧୁରୀ,ଏବିଡିଓ ଶରତ ଚନ୍ଦ୍ର ପୁହୁଲି ଓ ଜିପିଡିଓ ପ୍ରିୟବ୍ରତ ଗିରି ଉପସ୍ଥିତ ଥିଲେ। ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ସକାଳୁ ୫ଟାରୁ ପଞ୍ଜିକରଣ ଆରମ୍ଭ କରାଯିବା ସହ ଶିବିରରେ କର୍ଣ୍ଣ, ନାଶା, ଗଳାଜନିତ ଭିନ୍ନକ୍ଷମ ଭଉଣୀଭାଇମାନଙ୍କୁ ପ୍ରଶାସନ ପକ୍ଷରୁ ନ ଆସିବା ପାଇଁ ଅନୁରୋଧ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଏପ୍ରିଲଠାରୁ ପ୍ରତି ମାସ ପ୍ରତି ଗୁରୁବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଉପଯୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯିବାର ସୂଚନା ଦିଆଯାଇଛି। ବାଲିଆପାଳ ପ୍ରଶାସନ ପକ୍ଷରୁ ଶିବିରକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ପରିଚାଳନା କରିଥିଲେ।

### ୫୨ ୟୁନିଟ୍ ରକ୍ତ ସଂଗୃହୀତ

ବାଲେଶ୍ୱର, ୨୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ସାମୁଦ୍ରିକ ଥାନା ଓ ଅମର ଯବାନ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅମର ଯବାନ ଯୁବ ସଙ୍ଗଠନର ସଭାପତି ଭକ୍ତ ଚରଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ପ୍ରବୀର କୁମାର ସାହୁ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ପାଣି, ଯୁବ ସଙ୍ଗଠନ ସମ୍ପାଦକ ସଞ୍ଜୀବ କୁମାର ମଣ୍ଡଳ, ଉପଦେଷ୍ଟା ଗୟାପ୍ରସାଦ ଦାସ, ଶ୍ରୀକୃଷ୍ଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୋଲିସ ପକ୍ଷରୁ ରକ୍ତଦାତାଙ୍କୁ ଟି-ସାର୍ଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କର୍ମକର୍ତ୍ତା ଗୋବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

# ପରିବେଶ ସୁରକ୍ଷା ନେଇ ଉପକୂଳରେ ସଚେତନତା



ବନବିଭାଗ ପକ୍ଷରୁ ଆୟୋଜନ କରାଯାଇଥିବା ସଚେତନତା ରାଲି।

ଭୋଗରାଇ, ୨୨।୩(ପ୍ରଦୀପ ଦାସ)

ମଣିଷ ଜ୍ଞାତ ବା ଅଜ୍ଞାତସାରରେ ସମୁଦ୍ରକୂଳରେ ପରିବେଶକୁ ନଷ୍ଟ କରି ନିଜ ପାଇଁ ଆତ୍ମଘାତୀ ସଦୃଶ ହେଉଛି। ଏଭଳି ସ୍ଥିତିରେ ସମସ୍ତ ପରିବେଶବିତ୍, ପ୍ରକୃତିପ୍ରେମୀ ଓ ସ୍ଥାନୀୟ ଲୋକେ ମିଳିତ ଭାବେ ପ୍ରାଣୀ ଓ ସମୁଦ୍ରଜୀବ ସୁରକ୍ଷା ନିମନ୍ତେ ଅଣ୍ଟା ଭିଡ଼ିବାକୁ ବନବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ବେଳାଭୂମିରେ ବୁଧବାର ଗଣଦୌଡ଼, ଶୋଭାଯାତ୍ରା ଓ ସଚେତନତା ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, ବିଚିତ୍ରପୁର ଓ ସୁବର୍ଣ୍ଣରେଖା ମୁହାଣରେ ବର୍ଷକୁ ବର୍ଷ ଡଲଫିନ ଓ ଅଲିଭରିଡଲେ କଇଁଛ ଅଣ୍ଡାଦାନ ବୃଦ୍ଧି ପାଉଛି। ଏଥିପାଇଁ ବେଳାଭୂମିରେ ଜଳଜୀବର ସୁରକ୍ଷା ନିମନ୍ତେ ଓଡ଼ିଶା ବନବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ରାଲି କରି ବେଳାଭୂମିରେ ସଚେତନତା ବାର୍ତ୍ତା ଦେବା ସହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷକ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ଆଞ୍ଚଳିକ ବନ ସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗିନେନୀ, ବାଲେଶ୍ୱର ବନଖଣ୍ଡ ଅଧିକାରୀ ଖୁଶଓ୍ୱନ୍ତ ସିଂ, ଶିମିଳିପାଳ ଦକ୍ଷିଣାଞ୍ଚଳ ବନଖଣ୍ଡ ସହକାରୀ ନିର୍ଦ୍ଦେଶକ ସମ୍ରାଟ ଗଉଡ଼ା, ଉତ୍ତରାଞ୍ଚଳ ବନ୍ୟଜୀବ ବନଖଣ୍ଡ ସହକାରୀ ନିର୍ଦ୍ଦେଶକ ସାଇ କିରନ, ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବ ପ୍ରସାଦ ରଥ, ଭାରପ୍ରାପ୍ତ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ତଥା ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ବନରକ୍ଷୀ ପ୍ରମିଳା ସେନ, ସାହାବାଜିପୁର ସରପଞ୍ଚ ଅରୁଣ ଗିରି, ସମିତି ସଦସ୍ୟ ତରଣୀ ସେନାପତିଙ୍କ ସମେତ ବନବିଭାଗର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ସାମିଲ ଥିଲେ। ଡଲଫିନ ଓ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା, ଅଲିଭରିଡଲେ ପ୍ରଜନନ ସମୟରେ ସମୁଦ୍ରଗର୍ଭରେ ମାଛ ନ ଧରିବା, ସମୁଦ୍ରକୁ ପ୍ଲାଷ୍ଟିକମୁକ୍ତ କରିବା ଏବଂ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# କଂଗ୍ରେସ ଓଡ଼ିଶା ପ୍ରଭାରୀଙ୍କ ବାଲେଶ୍ୱର ଗସ୍ତ


ଶୋଭାଯାତ୍ରାରେ କଂଗ୍ରେସ ଓଡ଼ିଶା ପ୍ରଭାରୀ ଲଲ୍ଲୁ ଓ ଅନ୍ୟମାନେ।

ବାଲେଶ୍ୱର, ୨୨।୩(ବାଞ୍ଛାନିଧି ଦେ)

### ୨୭ରେ ବିଧାନସଭା ଘେରାଉ

ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ଶୁକ୍ରବାର ବାଲେଶ୍ୱର ଗସ୍ତ କରିଛନ୍ତି। ଷ୍ଟେଶନ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ଟାଉନ ହଲ୍ ପର୍ଯ୍ୟନ୍ତ ନିଆଯାଇଥିଲା। ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଲଲ୍ଲୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଭାରୀ ଲଲ୍ଲୁ ଯୋଗଦେଇ ଓଡ଼ିଶାରେ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ବିରୋଧରେ କଂଗ୍ରେସର ଲଢ଼େଇ ଜୋରଦାର ହେବ। ଆସନ୍ତା ୨୭ ତାରିଖରେ ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦିଗରେ କଂଗ୍ରେସର ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ ଓ ସୁଦର୍ଶନ ଯେନା, ସତ୍ୟଶିବ ଦାସ, ସୁଦର୍ଶନ ଦାସ, ବିଜନ ନାୟକ, ମୋନାଲିସା ସାମଲ, ହିମାଂଶୁ ବେହେରା, ସୁବ୍ରତ ଧଡ଼ା, ଯୁବ ନେତା ସରୋଜ ଲେଙ୍କା, ତପନ ରାଉତ, ରଞ୍ଜନ ଦାସ, ଜିଲା କଂଗ୍ରେସ କମିଟିର ଉପସଭାପତି ଗୋପୀନାଥ ପାଢ଼ୀ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ଗୌତମ ସାହୁ, ଦେବଦତ୍ତ ଦାସ, ରଞ୍ଜନ ଦାସ, କାଉନସିଲର ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ ଓ ଜୟକୃଷ୍ଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

# ଗଠନ ହେଲା ଖଇରା ବିକାଶ ପରିଷଦ

### ଖଇରାକୁ ନିର୍ବାଚନମଣ୍ଡଳୀ ମାନ୍ୟତା ପାଇଁ ତତ୍ପରତା

ଖଇରା, ୨୦।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ବୃହତ୍ତମ ବ୍ଲକ ହୋଇଥିବା ବେଳେ ସ୍ୱାଧୀନତା ପରଠାରୁ ସବୁବେଳେ ଅବହେଳିତ ହୋଇଆସୁଛି । ଆବଶ୍ୟକ ପ୍ରତିନିଧିତ୍ୱ ଅଭାବରୁ ଖଇରାକୁ ସବୁବେଳେ ଅଣଦେଖା ହୋଇଆସୁଛି। ଆଗକୁ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବାର ସମ୍ଭାବନାକୁ ଦୃଷ୍ଟିରେ ଏବେଠାରୁ ନିଜର ହକ୍ ପାଇଁ ଖଇରାବାସୀ ଏକଜୁଟ ହୋଇଛନ୍ତି।

ଗୁରୁବାର ଅପରାହ୍ନରେ ନୟାଖଣ୍ଡି ପଞ୍ଚାୟତ କୋଚିଆକୋଇଲିଠାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦୀନବନ୍ଧୁ ଖଟୁଆଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁକ୍ତିକାନ୍ତ ଶତପଥି, ପ୍ରଭାତ କୁମାର ଦାସ, ରଘୁନାଥ ପାତ୍ର, ଅନାମ ଚରଣ ପଣ୍ଡା, ଅରୁଣ କୁମାର ସ୍ୱାଇଁ, ଅଭିରାମ ମହାପାତ୍ର, ଉତ୍କଳବନ୍ଧୁ ପଣ୍ଡା, ବସନ୍ତ କୁମାର ନାୟକ, ଗିରିଶ ଚନ୍ଦ୍ର ପାତ୍ର, ରତ୍ନାକର ବିଶ୍ୱାଳ, ବିଶ୍ୱନାଥ ଦାସ, କିଶୋର କୁମାର ରାଉତ, ରମାକାନ୍ତ ଶତପଥି, କୈଳାସ ଚନ୍ଦ୍ର ଦାସ, କ୍ଷୀରୋଦ କୁମାର ନାୟକ, ଚକ୍ରଧର ବାରିକ, ରବୀନ୍ଦ୍ର ବିଶ୍ୱାଳ, ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥି, କମଳଲୋଚନ ଜେନା ଓ ସନ୍ତୋଷ କୁମାର ଶତପଥି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜନୈତିକ ଭାବନା ଓ ମତପାର୍ଥକ୍ୟରୁ ଊର୍ଦ୍ଧ୍ୱରେ ରହି ସମସ୍ତ ଖଇରାବାସୀ କାନ୍ଧକୁ କାନ୍ଧ ମିଳାଇ କିଭଳି ଆଗାମୀ ଦିନରେ କିଭଳି ଖଇରାକୁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ହୋଇପାରିବ ସେଥିପାଇଁ ସଂଗ୍ରାମୀ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।


କୋଚିଆକୋଇଲିଠାରେ ଅନୁଷ୍ଠିତ ବୈଠକ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଜେଲ ଗଲେ ପ୍ରେମିକ

ବାଲେଶ୍ୱର, ୨୨।୩(ବାଞ୍ଛାନିଧି ଦେ)

ପ୍ରତାରଣାର ଶୀକାର ହେବା ପରେ ଜଣେ ଯୁବତୀ ଥାନାର ଦ୍ୱାରସ୍ଥ ହେବା ପରେ ଅଭିଯୁକ୍ତ ପ୍ରେମିକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନା ଦୁବୁଲାଗଡ଼ି ଗ୍ରାମର ଫାଲ୍‌ଗୁନୀ ଜେନା। ପୋଲିସ ଗତ ୨୦ ତାରିଖରେ ଏକ ମାମଲା (ନଂ. ୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ପ୍ରେମିକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ୧୦ବର୍ଷ ଧରି ଫାଲ୍‌ଗୁନୀଙ୍କର ପ୍ରେମ ସମ୍ପର୍କ ଥିଲା। ବିଭିନ୍ନ ସମୟରେ ସେ ପ୍ରେମିକାଙ୍କଠାରୁ ୭୦ହଜାର ଟଙ୍କା ନେଇଥିଲେ। ଗତ ଜାନୁଆରୀରେ ପ୍ରେମିକାଜଣକ ଗର୍ଭବତୀ ଥିବା ଫାଲ୍‌ଗୁନିଙ୍କୁ ଜଣାଇଥିଲେ। ସେ ଗର୍ଭ ନଷ୍ଟ କରିବାକୁ ବାଧ କରିଥିଲେ। ଅପରପକ୍ଷରେ ଫାଲ୍‌ଗୁନୀ ଚାନ୍ଦିପୁରରେ ମାଳି ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ଅନ୍ୟଜଣଙ୍କୁ ବିବାହ କରିଥିବା ପ୍ରେମିକା ଜାଣି ଥାନା ଦ୍ୱାରସ୍ଥ ହୋଇଥିଲେ।

# ସୂଚନା ଅଧିକାର ଆଇନ ଦୁର୍ନୀତି ନିବାରଣ ପାଇଁ ପ୍ରମୁଖ ଅସ୍ତ୍ର

### ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର, ୨୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ଓ ପ୍ରଶାସନ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରି ଭାରତରେ ପ୍ରଚଳିତ ସୂଚନା ଅଧିକାର ଆଇନ ଏବଂ ଏହାର କାର୍ଯ୍ୟକାରିତା, ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଆଶିଷ କୁମାର ଦାସ ଯୋଗଦେଇ ଭାରତରେ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଓ ଗଣତନ୍ତ୍ରକୁ ସୁଦୃଢ଼ ଦିଗରେ ସୂଚନା ଅଧିକାର ଆଇନ ଗୁରୁତ୍ୱ ବହନ କରିଛି। ଏହା ଦୁର୍ନୀତି ନିବାରଣ ପାଇଁ ପ୍ରମୁଖ ଅସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ରିସର୍ଚ୍ଚ ପର୍ସନ ଭାବେ ଭୋଗରାଇ ଆର୍‌ଆଇଏସ୍‌ଏସ୍ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା ଯୋଗଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ବିଶ୍ଳେଷଣ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ ବିଷୟବସ୍ତୁର ସାରାଂଶ ତଥ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ୨୭ ଜଣ ଛାତ୍ରୀଛାତ୍ର ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଦେଇଥିଲେ।

# କୁକୁର ଆକ୍ରମଣରେ ହରିଣ ମୃତ

ଔପଦା, ୨୨।୩(ଧରିତ୍ରୀ ପଣ୍ଡା)

ଔପଦା ରେଞ୍ଜ ଅଧୀନ ରାଇରାମଚନ୍ଦ୍ରପୁର ପଞ୍ଚାୟତ ପରମାନନ୍ଦ ଗ୍ରାମ ନିକଟ ବିଲରୁ କୁକୁର ଆକ୍ରମଣରେ ଶିକାର ହୋଇଥିବା ହରିଣ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲା। ବନବିଭାଗକୁ ହସ୍ତାନ୍ତର ପରେ ଚିକିତ୍ସା ପୂର୍ବରୁ ହରିଣର ମୃତ୍ୟୁ ଘଟିଥିବା କୁହାଯାଉଛି। ଗ୍ରାମ ନିକଟ ବିଲ ମଝିରେ କୁକୁରପଲ ଏକ ମାଈ ହରିଣକୁ ଆକ୍ରମଣ କରୁଥିବା ଲୋକେ ଶନିବାର ସକାଳେ ଦେଖି ଉଦ୍ଧାର କରିଥିଲେ। ଲୋକମାନେ ଉଦ୍ଧାର ହରିଣକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ହରିଣର ଚିକିତ୍ସା ପାଇଁ ଔପଦା ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତରଙ୍କ ଚିକିତ୍ସା ପୂର୍ବରୁ ହରିଣଟିର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତ ହରିଣକୁ କୁପାରୀ ଫରେଷ୍ଟର କାର୍ଯ୍ୟାଳୟରେ ବ୍ୟବଚ୍ଛେଦ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁଃଖ ଆଣିଲା କାଳବୈଶାଖୀ

ଜଳେଶ୍ୱର, ୨୨।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୫ଟାରେ କାଳବୈଶାଖୀ ପ୍ରଭାବରେ ୧୦୦ରୁ ୧୫୦ କି.ମି. ପବନ ବହିଥିଲା। ଫଳରେ ଅନେକ ଘର ଛପର ଉଡିଯିବା ସହିତ ଚାଷ ପୂରା ଉଜୁଡ଼ିଯାଇଛି। ଶ୍ରୀରାମପୁର ପଞ୍ଚାୟତର ପାଖାପାଖି ଶହେ ଏକର ଏବଂ ଖୁଦିଆ ମାଝିସାହି ପଞ୍ଚାୟତର ଧାନ, ପରିବା ଫସଲ, ଦକ୍ଷିଣପ୍ରହରାଜ ପଞ୍ଚାୟତରେ ଫୁଲ ଚାଷ ଓ ପାଖାପାଖି ୫ ଶହ ଏକରରୁ ଊର୍ଦ୍ଧ୍ୱ ଧାନ ଏବଂ ୫୦ ଏକର ପରିବା ଫସଲ କୁଆପଥର ମାଡ଼ରେ ନଷ୍ଟ ହୋଇଛି ବୋଲି ଚାଷୀମାନେ କହିଛନ୍ତି। ତତ୍‌ସହିତ ମାକିଡ଼ିଆ, ଓଲମରା ପଞ୍ଚାୟତ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ ଶନିବାର ମଧ୍ୟାହ୍ନରେ ଖୁଦିଆମାଝିସାହି ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ଭେଟିଥିଲେ। ଜଳେଶ୍ୱର କୃଷି ବିଭାଗ ତଦନ୍ତ କରି ତୁରନ୍ତ ସହାୟତା ଯୋଗାଇବାକୁ ଦାବି ହୋଇଛି।

# କଂଗ୍ରେସ ରାଜ୍ୟ ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

ମୋରଡ଼ା,୨୨।୩(ସ୍ମାରକ ମାଜୀ)


ଅଖିଳ ଭାରତୀୟ କଂଗ୍ରେସ ପରିଷଦ (ଏଆଇସିସି) ତରଫରୁ ମୟୂରଭଞ୍ଜ ଗସ୍ତରେ ଆସିଥିବା ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ଶନିବାର ମୋରଡ଼ା ବ୍ଲକ୍‌ର ଦାନ୍ତିଆମୁହାଁଠାରେ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୋରଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଜିଲାର ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଅନେକ ହଜାର କଂଗ୍ରେସ କର୍ମୀ ଓ ସମର୍ଥକ ଦାନ୍ତିଆମୁହାଁଠାରେ ଏକାଠି ହୋଇ ଅଜୟ ଲଲ୍ଲୁଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଧାନସଭା ଘେରାଉକୁ ସଫଳ କରିବା ପାଇଁ ଆହ୍ୱାନ ଦେବା ସହିତ ଆଗାମୀ ଦିନରେ ମୟୂରଭଞ୍ଜରେ ହେଉଥିବା ନାରୀ ନିର୍ଯାତନା, ବେରୋଜଗାରି, ବିଭିନ୍ନ ମୌଳିକ ସମସ୍ୟାକୁ ନେଇ କଂଗ୍ରେସ ରାଜରାସ୍ତାରେ ଗର୍ଜନ କରିବ ବୋଲି କହିଥିଲେ। ସେହିପରି ଗତ ନିର୍ବାଚନରେ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭାଜପା ସରକାରକୁ ଆସିଛି ଏବଂ ଆଗାମୀ ଦିନରେ ମୋରଡ଼ା ତଥା ସାରା ମୟୂରଭଞ୍ଜ ଜିଲାରେ କଂଗ୍ରେସ ଏକାଠି ହୋଇ ଭାଜପାର ମୁଖା ଖୋଲିବ ବୋଲି କଂଗ୍ରେସ ନେତା ପ୍ରଭାସକର ମହାପାତ୍ର କହିଥିଲେ। ସଭାକର ମୁଖୀ, ମୋହନ ଦାସ, ରାଜେଶ ପଢ଼ିଆରୀ, ଅଶୋକ ପଟ୍ଟନାୟକ, ବିକ୍ରମ ବର୍ମା, ଯୋଗେନ୍ଦ୍ର ମହାନ୍ତି, ତାପସ ରାଉତ, ଭବାନୀ ଶଙ୍କର ମହାନ୍ତ, ମଞ୍ଜୁତା ବେହେରା, ନିରଞ୍ଜନ ଦାସ, ଅସିତ୍ ବେହେରା, ଶଶଧର ବେହେରା, ଝୁନାରାଣୀ ସେଠୀ, ଶୁଭ ମହାନ୍ତଙ୍କ ସହିତ କର୍ମୀମାନେ ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା, ୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ଜଜ୍ ସନ୍ତୋଷ କୁମାର ନାୟକ ଶନିବାର ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହିତ ୩ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୪ ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଝାରପୋଖରିଆ ଥାନା ଦିଘାରିଶୋଳ ଗ୍ରାମର ରବି ମୁଣ୍ଡା (୩୨)।

୨୦୧୫ ଏପ୍ରିଲ ୧୪ରେ ଜଣେ ନାବାଳିକା ନିଜ ମା' ସହ ମଙ୍ଗଳା ପୂଜାସ୍ଥଳୀକୁ ଭିଡିଓ ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ବିଦ୍ୟୁତ କାଟ ହେବାରୁ ଦୁହେଁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ମହୁଲ ଗଛ ମୂଳେ ଜଗିଥିବା କାଳିପଦ ମୁଣ୍ଡା ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିବା ବେଳେ ରବି ନାବାଳିକାଙ୍କ ମା'ଙ୍କ ଧରିଥିଲେ। ନାବାଳିକାଙ୍କ ମା' ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ। ଏନେଇ ଏପ୍ରିଲ ୧୭ରେ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ଏକ ମାମଲା (ନଂ. ୫୬/୧୫) ରୁଜୁ ହୋଇଥିଲା। ତେବେ ଦୀର୍ଘଦିନ ଧରି ରବି ଫେରାର ଥିବାରୁ କୋର୍ଟ ପକ୍ଷରୁ ଏନବିଡବ୍ଲ୍ୟୁ ଜାରି ହେବା ପରେ ଅଭିଯୁକ୍ତ ଆତ୍ମସମର୍ପଣ କରିଥିଲେ। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# କ୍ଲବ୍ ଘରେ ଅଙ୍ଗନୱାଡି କେନ୍ଦ୍ର

ଚମ୍ପୁଆ,୨୨।୩(ମହେଶ୍ୱର ଦାସ)

ରାଜ୍ୟ ସରକାର କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଖାଦ୍ୟ, ବସ୍ତ୍ର ଓ ପାଠ୍ୟ ଉପକରଣ ପ୍ରଦାନ କରିବା ସହିତ ଅଙ୍ଗନୱାଡି ମାଧ୍ୟମରେ ପ୍ରାକ୍ ଶିକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ମାତ୍ର ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର ବସାସାହିରେ ଏହାର ଓଲଟା ପ୍ରତିବିମ୍ବ ଦେଖିବାକୁ ମିଳିଛି। ଏଠାରେ ଗୃହ ଅଭାବରୁ ଅଙ୍ଗନୱାଡ଼ି କେନ୍ଦ୍ର କ୍ଲବ୍ ଘରେ ଚାଲିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଦୀର୍ଘ ଦିନ ଧରି ଅଙ୍ଗନୱାଡି ହେଲପରଙ୍କ ଘରେ ଚାଲି ଆସୁଥିବା ଅଙ୍ଗନୱାଡି କେନ୍ଦ୍ର ପରମୂହୂର୍ତ୍ତରେ ଅନ୍ୟ ଏକ ଘରେ ପରିଚାଳିତ ହୋଇଆସୁଥିଲା। ନିଜସ୍ୱ ଗୃହ ଅଭାବରୁ ନାନା ସମସ୍ୟା ଭିତରେ ଗତି କରି ଆସୁଥିବା ଏହି ଅଙ୍ଗନୱାଡି କେନ୍ଦ୍ରଟି ଲୋକଙ୍କ ସହମତିରେ କ୍ଲବ୍ ଘରେ ଆଜକୁ ଦୀର୍ଘ ୩ ବର୍ଷ ଧରି ଚାଲି ଅସୁଛି। ମାତ୍ର ଆଜି ପର୍ଯ୍ୟନ୍ତ ନିଜସ୍ୱ ଗୃହଟିଏ ହୋଇପାରିଲାନାହିଁ। ଏ ନେଇ ଅଙ୍ଗନୱାଡି କେନ୍ଦ୍ର ପରିଚାଳିକା ମମତା ବାନାରା ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଅନ୍ୟପକ୍ଷରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଲକ୍ଷ୍ମୀକାନ୍ତି ମାରାଣ୍ଡି କହିଛନ୍ତି, ସେ ଉପରିସ୍ଥ ଅଧିକାରୀଙ୍କୁ କେତେ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ଆବଶ୍ୟକ ଓ କେତୋଟି ମରାମତି ଆବଶ୍ୟକ ସେ ନେଇ ଅବଗତ କରିଛନ୍ତି। ମାତ୍ର କେଉଁ ଅଙ୍ଗନୱାଡିର ଗୃହ ଦରକାର କେଉଁ ଅଙ୍ଗନୱାଡିର ମରାମତି ଦରକାର ସେ ନେଇ ସେମାନଙ୍କ ନାମ ଓ ସ୍ଥାନ ଅନୁଯାୟୀ ଚିଠା ଦେବା ପାଇଁ ନିର୍ଦ୍ଦେଶ ରହିଛି। ତୁରନ୍ତ ଆମ୍ଭେ ଉକ୍ତ ଚିଠା ପ୍ରସ୍ତୁତ କରି ଉପରିସ୍ତ ଅଧିକାରୀଙ୍କୁ ଅବଗତ କରିବୁ। ଅଶା ଖୁବଶୀଘ୍ର ଏହାର ସମାଧାନର ବାଟ ବାହାରିବ ।


ଅଙ୍ଗନୱାଡି ଗୃହ ଆଗରେ ଛାତ୍ରୀଛାତ୍ରଙ୍କ ସହ କର୍ମୀ।

# ଜିଲା ଶିକ୍ଷା ଅଧିକାରୀ, ଅବସରପ୍ରାପ୍ତ ଶିକ୍ଷକ ସଂଘର ଆଲୋଚନା

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ସ୍ଥାନୀୟ ଶିକ୍ଷକ ଭବନରେ କାର୍ଯ୍ୟକାରୀ ସଭାପତି ଚିନ୍ତାମଣୀ ଜେନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସହକାରୀ ଜିଲା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର, ଚିନ୍ତାମଣି ପଣ୍ଡା, ପ୍ରକାଶ କୁମାର ନାୟକ ଯୋଗଦାନ କରିଥିଲେ। ଏହି ଅବସରରେ ସଂଘର ସମ୍ପାଦକ ରବୀନ୍ଦ୍ର ପଣ୍ଡା ସଂଘର ବହୁବିଧ ସମସ୍ୟା ଉପରେ ଆଲୋଚନା କରି ସମାଧାନ କରିବାକୁ ନିବେଦନ କରିଥିଲେ। ନିଜର ମତ ରଖି ଜିଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସମସ୍ୟା ସମାଧାନର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ସହ ଶିକ୍ଷକଙ୍କ ସହଯୋଗ କାମନା କରିଥିଲେ। ଜିଲା ସଂଯୋଜକ କ୍ଷିରୋଦ କୁମାର ରାଉତ ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଷ୍ଟାର କେନ୍ଦୁଝର ସମ୍ପାଦକ ପ୍ରଶାନ୍ତ ମିଶ୍ର, ବ୍ଲକ୍ ସଂଯୋଜକ ନଳିନୀ ଚନ୍ଦ୍ର ଘଣା, ଶାନ୍ତନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେଫିନ୍‌ଟେକ୍ ସହ ଓୟୁଟିଆର୍‌ର ବୁଝାମଣା

ଭୁବନେଶ୍ୱର,୨୨।୩



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉଭୟ କେଫିନ୍‌ଟେକ୍ ଏବଂ ଓୟୁଟିଆର୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ଏବଂ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି।

ଏପରିକି ଏହି ସହଭାଗିତା ଇଣ୍ଟର୍ନଶିପ୍, ପ୍ରି-ପ୍ଲେସ୍‌ମେଣ୍ଟ ଅଫର, ଲାବ୍ ପରିଦର୍ଶନ ଏବଂ ଶିଳ୍ପ-ପ୍ରାସଙ୍ଗିକ ତାଲିମକୁ ସହଜ କରିବ। ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ଚାହିଦା ପୂରଣ କରିବା ପାଇଁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରିବ।

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ବୁଝାମଣାପତ୍ର (ଏମ୍‌ଓୟୁ) କାର୍ଯ୍ୟକ୍ରମରେ ଓୟୁଟିଆର୍‌ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ଡିନ୍ ଏକାଡେମିକ୍ସ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ତାଲିମ ଏବଂ ନିଯୁକ୍ତି ଅଧିକାରୀ ପ୍ରଫେସର ବିଭୁପ୍ରସାଦ ଦାଶ ଏବଂ ଉପ ତାଲିମ ଏବଂ ନିଯୁକ୍ତି ଅଧିକାରୀ ଡ. ସମରଜିତ ପଟ୍ଟନାୟକଙ୍କ ସମେତ କେଫିନ୍‌ଟେକ୍‌ର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଭେଙ୍କଟଗିରି ଭୋଙ୍କାୟଲା, ସିପିଓ ସୁଜୟ ପୁଥରାନ, ଉପାଧ୍ୟକ୍ଷ ସୁବର୍ଣ୍ଣ ମିଶ୍ର ଏବଂ କାର୍ଯ୍ୟକ୍ରମ ପରିଚାଳିକା ସୁମନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଉଭୟ ପ୍ରତିଷ୍ଠାନ ପ୍ରତିଭାକୁ ପୋଷଣକରିବା ଏବଂ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ପାର୍ଥକ୍ୟ ଦୂରକରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଥିଲେ। ଏହି ସହଯୋଗ ଓୟୁଟିଆର୍‌ର ନିଯୁକ୍ତି ଯୋଗ୍ୟତା ଏବଂ ଶିଳ୍ପ ସମ୍ପୃକ୍ତି ବୃଦ୍ଧିକରିବା ଲକ୍ଷ୍ୟ ସହ ସମନ୍ୱିତ, ବୈଷୟିକ ଶିକ୍ଷାରେ ଏକ ନେତା ଭାବେ ଏହାର ସ୍ଥିତିକୁ ସୁଦୃଢ଼ କରୁଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ/ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଯୋଗକୁ ସୁଦୃଢ଼ କରିବା ପାଇଁ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର କରିଛି ।

# ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ

**ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜିଥିବା ବ୍ୟକ୍ତିତ୍ୱ ଜଣକ ହେଲେ ଦେବାଶିଷ ପଟ୍ଟନାୟକ। ପ୍ରଥମେ ଏୟାରକ୍ରାଫ୍ଟ ଇଞ୍ଜିନିୟର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ମାତ୍ର କାଠ ଏବଂ ମଡ୍ୟୁଲାର ଫର୍ନିଚର ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହୁଥିଲା। ୟୁରୋପର ବିଭିନ୍ନ ଦେଶ ପରିଭ୍ରମଣ ସମୟରେ ସେ ନୂଆ ନୂଆ ଡିଜାଇନର ଫର୍ନିଚର ଦେଖିବାକୁ ପାଇଥିଲେ। ତାହା ତାଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଥିଲା ଯେ, ସେ ଏ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ କରିଥିଲେ। ସେ ଟ୍ରାନ୍ସଫର୍ମ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ତାଙ୍କ କମ୍ପାନୀର ଉତ୍ପାଦଗୁଡ଼ିକ 'ଭାଇବ୍' ନାମରେ ବେଶ୍ ପରିଚିତ। ନିଷ୍ଠା ଓ ପରିଶ୍ରମ ବଳରେ ସଫଳ ଉଦ୍ୟୋଗୀ ପାଲଟିଥିବା ଦେବାଶିଷଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**





ଦେବାଶିଷ ପଟ୍ଟନାୟକ

**ପ୍ର- ଫର୍ନିଚର ମାନୁଫାକ୍ଚରିଂ ଉଦ୍ୟୋଗର ପ୍ରାରମ୍ଭିକ ଯାତ୍ରା କିପରି ଥିଲା?**

ଉ- ୧୯୯୮ରେ ଏକ ଛୋଟ ଉଦ୍ୟୋଗ ଭାବେ ମଡ୍ୟୁଲାର କିଚେନରୁ ମୋର ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ମୋର ଟେକ୍ନିକାଲ ବ୍ୟାକ୍‌ଗ୍ରାଉଣ୍ଡ ଓ ନୂଆ ନୂଆ ଡିଜାଇନ୍ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ହିଁ ମୋତେ ସ୍ୱତନ୍ତ୍ର ଡିଜାଇନ୍‌ର ଫର୍ନିଚର ମାନୁଫାକ୍ଚରିଂରେ ଭବିଷ୍ୟତ ଗଢ଼ିବାକୁ ପ୍ରେରିତ କରିଥିଲା।

ଧରିତ୍ରୀ | OrissaPOST
BUSINESS EMINENCE AWARDS

**ପ୍ର- ଓଡ଼ିଶାରେ ଫର୍ନିଚର ମାନୁଫାକ୍ଚରିଂ ଶିଳ୍ପର କିପରି ଚାହିଦା ରହିଛି?**

ଉ- ସ୍ଥାନୀୟ ବଜାରରେ ଏହାର ଯଥେଷ୍ଟ ଚାହିଦା ଓ ଅଭିବୃଦ୍ଧି ନିକଟରୁ ଦେଖିଛି। ଉତ୍ତମ ମାନର ସ୍ୱତନ୍ତ୍ର ଡିଜାଇନ୍‌ଯୁକ୍ତ ଏବଂ ମଡ୍ୟୁଲାର ସଲ୍ୟୁଶନ ସହିତ ଏହି ଶିଳ୍ପ ଲୋକପ୍ରିୟ ହେଉଛି। ଘରୋଇ ହେଉ କି ବ୍ୟବସାୟିକ, ଲୋକମାନେ କମ୍ ସ୍ଥାନରେ କିପରି ସୁସଜ୍ଜିତ ଆସବାବପତ୍ର ବ୍ୟବହାର କରିପାରିବେ, ସେ ଦିଗରେ ସଚେତନ ହେଉଛନ୍ତି। ମଧ୍ୟବିତ୍ତବର୍ଗଙ୍କ କ୍ଷେତ୍ରରେ ଏପରି ଫର୍ନିଚର ଚାହିଦା ଅଧିକ ରହୁଛି। ରାଜ୍ୟର ଭିତ୍ତିଭୂମି ବିକାଶ, ସହରୀକରଣ ଏବଂ ବଢ଼ୁଥିବା ରିଏଲ ଇଷ୍ଟେଟ କ୍ଷେତ୍ର ଫର୍ନିଚର ଚାହିଦା ବୃଦ୍ଧିରେ ସହାୟକ ହୋଇଛି। କେବଳ ପାରମ୍ପରିକ କାଠ କାର୍ଯ୍ୟରେ ନୁହେଁ, ବରଂ ଅଧିକ ସ୍ଥାୟୀ ଏବଂ ଅଭିନବ ସାମଗ୍ରୀ ପ୍ରସ୍ତୁତ ଫର୍ନିଚର ପ୍ରତି ଲୋକଙ୍କ ଆଗ୍ରହ ରହୁଛି। ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ ଏବଂ ଉଚ୍ଚ-ଗୁଣାତ୍ମକ, ସ୍ଥାୟୀ ଏବଂ ଷ୍ଟାଇଲିଶ ଆସବାବପତ୍ରର ଚାହିଦା ବଢ଼ିବାରେ ଲାଗିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହୋଇ ଆମେ ଉତ୍ସାହିତ।

**ପ୍ର- ଦରବୃଦ୍ଧି ଆପଣଙ୍କ ବ୍ୟବସାୟ ଉପରେ କିଛି ପ୍ରଭାବ ପକାଇଥାଏ ?**

ଉ- ଅନ୍ୟ ବ୍ୟବସାୟ ଭଳି ଫର୍ନିଚର ଇଣ୍ଡଷ୍ଟ୍ରିରେ ମଧ୍ୟ ବ୍ୟବହାର ହେଉଥିବା କଞ୍ଚାମାଲ ଦରଦାମ ଉପରତଳ ହୋଇଥାଏ। କାଠ, ହାର୍ଡୱେର ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଥାଏ। ଫଳରେ ନିର୍ଦ୍ଧାରିତ ଦରରେ ଫର୍ନିଚର ଗୁଣବତ୍ତା ବଜାୟ ରଖିବା ଉତ୍ପାଦକଙ୍କ ପାଇଁ କଷ୍ଟସାଧ ହୋଇଥାଏ। ତେଣୁ କେତେକ ସମୟରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକଳ୍ପ କଞ୍ଚାମାଲ ବାଛିବାକୁ ପଡ଼େ, କଞ୍ଚାମାଲ ନଷ୍ଟ ଯେପରି ନ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ତେଣୁ କଞ୍ଚାମାଲ ଦରବୃଦ୍ଧି ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ମଧ୍ୟ ଜରୁରୀ। ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ହୁଏ।

**ପ୍ର- ଫର୍ନିଚର ଶିଳ୍ପରେ ସଫଳତାର ସୂତ୍ର କ'ଣ?**

ଉ- ସଫଳତାର ପ୍ରଥମ ସୂତ୍ର ହେଉଛି ଉତ୍ପାଦରେ ଉତ୍ତମ ଗୁଣବତ୍ତାକୁ ଗୁରୁତ୍ୱ। କମ୍ ସ୍ଥାନରେ ଅଧିକ ଆକର୍ଷଣୀୟ ତଥା ଅତ୍ୟାଧୁନିକ ଫର୍ନିଚର ସହ ଉତ୍ତମ ସେବା ଯୋଗାଇବା ଦ୍ୱାରା ଗ୍ରାହକ ଆକୃଷ୍ଟ ହେଉଛନ୍ତି। ବର୍ତ୍ତମାନ ମଡ୍ୟୁଲାର କିଚେନ୍‌ର ସର୍ବାଧିକ ଚାହିଦା ରହିଛି। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଉତ୍ପାଦ ପ୍ରସ୍ତୁତ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ହସ୍ତାନ୍ତର କରିବା ଦ୍ୱାରା ବ୍ୟବସାୟ ଆଗକୁ ବଢ଼ିଚାଲିଛି।

**ପ୍ର- ଯୁବ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ମୋର ବ୍ୟବସାୟିକ ଯାତ୍ରାରେ ବହୁତ କିଛି ଶିଖିବାକୁ ପାଇଛି, ଅନେକ ଆହ୍ୱାନର ମୁକାବିଲା କରିଛି ଏବଂ ଅନେକ ସମ୍ମାନ ମଧ୍ୟ ପାଇଛି। ୧୯୯୮ରେ ଏକ ଛୋଟ ବ୍ୟବସାୟ କ୍ଷେତ୍ରରୁ ଯାତ୍ରା ଆରମ୍ଭକରି ଆଜି ଏଠାରେ ପହଞ୍ଚିଛି। ତେଣୁ ଯୁବ ଉଦ୍ୟୋଗୀ ବିଶେଷକରି ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ କହିବାକୁ ଚାହିଁବି, ଏହା କେବଳ ନିଷ୍ଠାପର ମନୋଭାବ, କଠିନ ପରିଶ୍ରମ, ନୂଆ ନୂଆ ଉଦ୍ଭାବନ ଦ୍ୱାରା ସଫଳତା ସମ୍ଭବ। ତୃଣମୂଳସ୍ତରରୁ ଶିଖିବା ସହ ନୂଆ ଜ୍ଞାନକୌଶଳ ପ୍ରୟୋଗକରି କିଛି ନୂଆ କରିବାକୁ ଚେଷ୍ଟା କରନ୍ତୁ। ଭୁଲ୍‌ରୁ ଶିଖନ୍ତୁ ଓ ନିଜକୁ ମାର୍ଜିତ କରନ୍ତୁ।

-ସାକ୍ଷାତ୍କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ରାଇଜ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୩

ନିଭା ବୁପା ହେଲ୍‌ଥ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏକ ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନା 'ରାଇଜ୍'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଭାରତର 'ମିସିଂ ମିଡିଲ' ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ଏହି ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନିକଟରେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ନିଭା ବୁପା ହେଲ୍‌ଥ ଇନ୍ସ୍ୟୁରାନ୍ସର ଅଣ୍ଡରରାଇଟିଂ, ପ୍ରଡକ୍ଟସ ଆଣ୍ଡ କ୍ଲେମ୍ସ ବିଭାଗର ନିର୍ଦ୍ଦେଶକ ଡ. ଭାବତୋଷ ମିଶ୍ର କହିଛନ୍ତି, ଆମେ ଆମର ନୂତନ ଯୋଜନାକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ରାଇଜ୍ କେବଳ ଭାରତର ମିସିଂ ମିଡିଲ ପାଇଁ ବୀମା ଅନ୍ତରକୁ ଦୂରକରିବା କ୍ଷେତ୍ରରେ ଏକ ପଦକ୍ଷେପ ନୁହେଁ ବରଂ ଏହା ଆଇଆର୍‌ଡିଏଆଇର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ସହ ଜଡ଼ିତ ରହିଛି ।

# ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ





ମୁମ୍ବାଇ,୨୨।୩

ରିଲାଏନ୍ସ ଗ୍ରୁପ୍‌ର ଗାର୍ମେଣ୍ଟସ ବ୍ରାଣ୍ଡ ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ 'ନୂଆ ସମୟ, ନୂଆ ଟ୍ରେଣ୍ଡସ୍' ସାଙ୍ଗକୁ ବ୍ରାଣ୍ଡ ପକ୍ଷରୁ 'ସମର ଅକେଜନ ୱେର କଲେକ୍ସନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଆସନ୍ତା ଗ୍ରୀଷ୍ମଋତୁରେ ଫ୍ୟାଶନର ଆବଶ୍ୟକତାକୁ ଧ୍ୟାନରେ ରଖି ବ୍ରାଣ୍ଡ ପକ୍ଷରୁ ସୁପରଷ୍ଟାର ମହେଶ ବାବୁ ଏବଂ ତାଙ୍କ ଝିଅ ସୀତାରାଙ୍କ ସହ ଏହି ନୂତନ ସମ୍ଭାରର ଶୁଭାରମ୍ଭ କରାଯାଇଛି । ଏଥିରେ ଉଭୟ ତାରକା ଆକର୍ଷଣୀୟ କାଜୁଆଲ ପୋଷାକଠାରୁ ଆରମ୍ଭକରି ୱେଷ୍ଟର୍ନ ଏବଂ ପାର୍ଟି ଏଥିନିକ୍ ପୋଷାକ ପିନ୍ଧିଥିବା ଦେଖାଯାଇଛି। ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ସମ୍ଭାର ଗ୍ରାହକମାନଙ୍କୁ ଏପରି ଏକ ଦୁନିଆକୁ ନେଇଯିବ, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତା ଏକାଠି ଚାଲିଥାଏ। ଏହି ସମ୍ଭାରରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହ ଟ୍ରେଣ୍ଡି ଡିଜାଇନ ଏବଂ ଫ୍ୟାଶନର ଅପୂର୍ବ ଝଲକ ପ୍ରତିଫଳିତ ହୋଇଛି, ଯଦିଓ ଏହି ନୂତନ ସମ୍ଭାର ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି।

ରିଲାଏନ୍ସ ଟ୍ରେଣ୍ଡସ୍‌ରେ ବର୍ଷ ସାରା ଏବଂ ପ୍ରତ୍ୟେକ ଅବସର ଓ ଋତୁ ପାଇଁ ବିଶାଳ ସମ୍ଭାର ଉପଲବ୍ଧ ହୋଇଥାଏ। ଏପରିକି ଉତ୍ସବକାଳୀନ ପୋଷାକ ହେଉ, କାଜୁଆଲ ପୋଷାକ ହେଉ କିମ୍ବା ଟ୍ରେଣ୍ଡି ପୋଷାକ ରିଲାଏନ୍ସ ଟ୍ରେଣ୍ଡସ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ନିଶ୍ଚୟ ରହିଛି। ବ୍ରାଣ୍ଡ ପକ୍ଷରୁ କୁହାଯାଇଛି 'ଏହି ସିଜନରେ ରିଲାଏନ୍ସ ଟ୍ରେଣ୍ଡସ୍ ଏହାର ସବୁଠାରୁ ନୂତନତମ କଲେକ୍ସନ ପ୍ରସ୍ତୁତ କରିଛି।

# ସଞ୍ଜୀବ ଏଚ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ




ସଞ୍ଜୀବ କୁମାର ସିଂ

ନୂଆଦିଲ୍ଲୀ,୨୨।୩

ହିନ୍ଦୁସ୍ଥାନ କପର ଲିମିଟେଡ୍ (ଏଚ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ଏମ୍‌ଡି ଭାବେ ସଞ୍ଜୀବ କୁମାର ସିଂ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ୨୦୨୫ ମାର୍ଚ୍ଚ ୨୧ରେ କାର୍ଯ୍ୟକାରୀ ହୋଇଛି। ତାଙ୍କର ଏହି ନିଯୁକ୍ତି ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ସିଂ ୨୦୨୨ ମାର୍ଚ୍ଚଠାରୁ ଏଚ୍‌ସିଏଲ୍‌ର ନିର୍ଦ୍ଦେଶକ (ଖଣି) ଭାବେ କାର୍ଯ୍ୟ କରିଆସୁଥିଲେ। ଏପରିକି ଖଣି ଯୋଜନା, ଡିଜାଇନ, ବୈଧାନିକ ମଞ୍ଜୁରୀ ଏବଂ ପ୍ରକଳ୍ପଗୁଡ଼ିକର ଆର୍ଥିକ ମୂଲ୍ୟାଙ୍କନ କ୍ଷେତ୍ରରେ ତାଙ୍କର ୩୮ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ୧୯୮୭ ରେ ସିଂ କେନ୍ଦ୍ରୀୟ ଖଣି ଯୋଜନା ଏବଂ ଡିଜାଇନ ପ୍ରତିଷ୍ଠାନରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୮ରେ ସେ ଏନ୍‌ଟିପିସି ଲିମିଟେଡ୍‌ରେ ଖଣି ଯୋଜନା ଏବଂ ଡିଜାଇନ ମୁଖ୍ୟ ଭାବେ ଯୋଗଦେଇଥିଲେ। ଖଣି କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଗଣେଶ ସିଲ୍କରେ ଆକର୍ଷଣୀୟ କଲେକ୍ସନ

ଭୁବନେଶ୍ୱର,୨୨।୩ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷର ଜାତୀୟ ସ୍ତରୀୟ ହସ୍ତତନ୍ତ୍ର ମେଳାରେ ତାମିଲନାଡୁର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଗଣେଶ ସିଲ୍କ ସାମିଲ ହୋଇଛି। ଏପରିକି ମେଳାର ପ୍ରଥମ ଗ୍ୟାଲେରିର ୧୧ନଂ. ଷ୍ଟଲ୍‌ରେ ଗଣେଶ ସିଲ୍କର ଏକ୍ସକ୍ଲୁସିଭ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍ ଜରିଆରେ ବ୍ରାଣ୍ଡ ବିଭିନ୍ନ ବର୍ଗର ପ୍ରିମିୟମ ଶାଢ଼ି ବିକ୍ରି କରୁଛି। ଏପରିକି ୨୦୦୦ ଟଙ୍କାରୁ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ୍ର ଏବଂ ସିଲ୍କ ବ୍ରାଣ୍ଡର ଶାଢ଼ି ଉପଲବ୍ଧ। ସେହିଭଳି ଗଣେଶ ସିଲ୍କରେ ମହୀଶୂର, କାଞ୍ଚିଭରମ, ପଞ୍ଚମପଲ୍ଲୀ, ଉପାଡା, ଇକତ, ଧରମପୁର ଭଳି ପ୍ରିମିୟମ ବର୍ଗର ଆକର୍ଷଣୀୟ କଲେକ୍ସନ ଆଦି ରହିଛି। ଏପରିକି ବିବାହ ଓ ଶୁଭକାର୍ଯ୍ୟ ପାଇଁ ସର୍ବନିମ୍ନ ଓଜନର ଆକର୍ଷଣୀୟ ଓ ଡିଜାଇନ ଶାଢ଼ି ଉପରୋକ୍ତ ବର୍ଗର ଶାଢ଼ିଗୁଡିକୁ ଉଭୟ ବିକ୍ରି ଓ ପ୍ରଦର୍ଶନୀ କରାଯାଉଛି।

ସେହିପରି ଏଠାରେ ସମସ୍ତ ବର୍ଗର ସିଲ୍କ ଶାଢ଼ି ଏବଂ ହସ୍ତତନ୍ତ୍ର ଶାଢ଼ି ସହି ସ୍ୱତନ୍ତ୍ର ଭାବେ ଡିଜାଇନିଂ କରାଯାଇଥିଲା ବିବାହ ସଂଗ୍ରହ (ୱେଡିଂ କଲେକ୍ସନ)ର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି।


# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସେନ୍‌ସୋଡାଇନ୍

**ନୂଆଦିଲ୍ଲୀ,୨୨।୩:** ହାଲିଅନ୍‌ର ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍‌ସୋଡାଇନ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସାମିଲ ହୋଇଛି। ଏପରିକି ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଅନ୍‌ଲାଇନ ଡେଣ୍ଟାଲ ସ୍କ୍ରିନିଂ ଟେଷ୍ଟ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ବ୍ରାଣ୍ଡ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ୨୦୨୫ ମହାକୁମ୍ଭରେ ଆୟୋଜିତ ଏହି ରେକର୍ଡ-ବ୍ରେକିଂ ପଦକ୍ଷେପରେ ୨୭,୦୦୦ରୁ ଅଧିକ ଲୋକ ନିଜର ଦାନ୍ତ ଓ ମାଢ଼ି ଯାଞ୍ଚ କରାଇଥିଲେ, ଯାହା ସକ୍ରିୟ ମୁଖ ତଥା ପାଟି ଯତ୍ନର ମହତ୍ତ୍ୱ ସମ୍ପର୍କରେ ଭାରତୀୟମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ଏ ସମ୍ପର୍କରେ ହାଲିଅନ୍ ଇଣ୍ଡିଆ ସବ୍‌କଣ୍ଟିନେଣ୍ଟର ଓରାଲ ହେଲ୍‌ଥ ବିଭାଗର କାଟାଗୋରି ଲିଡ୍ କିସ୍‌ଲେ ସେଠ୍ କହିଛନ୍ତି, ସେନ୍‌ସୋଡାଇନ୍‌ରେ ଆମର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର ମୁଖ ସ୍ୱାସ୍ଥ୍ୟ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବା। ମହାକୁମ୍ଭ ୨୦୨୫ରେ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବା କେବଳ ଏକ ସଂଖ୍ୟା ସହ ଜଡ଼ିତ ନୁହେଁ-ବରଂ ଅନେକ ହଜାର ଲୋକଙ୍କ ନିକଟରେ ପହଞ୍ଚି ସଚେତନତା ସୃଷ୍ଟିକରି ଓ ପ୍ରତିଦିନ ଉତ୍ତମ ମୁଖ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତକରି ଆମେ ସୃଷ୍ଟିକରିବାକୁ ଚାହୁଁଥିବା ପ୍ରଭାବ ସହ ମଧ୍ୟ ଜଡ଼ିତ ରହିଛୁ। ଏପରିକି ଆମେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସରେ ସଚେତନତା ସୃଷ୍ଟିକରି ଏବଂ ମାଗଣା ଡିଜିଟାଲ ଡେଣ୍ଟାଲ ଚେକ୍ ଅପ୍ ପ୍ରଦାନକରି ଏହି ଅଭିଯାନକୁ ଆଗକୁ ବଢ଼ାଉଛୁ।

## ଅନ୍ୟାନ୍ୟ ଖବର

# ଜଳବାୟୁ ପରିବର୍ତ୍ତନ ପାଇଁ ଜଳ ସଙ୍କଟ ଆହ୍ୱାନ ପାଲଟିଛି

ଭୁବନେଶ୍ୱର,୨୨।୩(ବନ୍ଦନା ସେଠୀ)





ଜଳ ହିଁ ଜୀବନ। ଆମ ଶରୀରରେ ଏକ ଉପାଦାନ ରୂପେ ଜଳ ୫୫%ରୁ ଅଧିକ ମାତ୍ରାରେ ଉପଲବ୍ଧ ଅଛି। ପୃଥିବୀର ୭୧ ଶତାଂଶ ଜଳ ଆଚ୍ଛାଦିତ ହୋଇଥିଲେ ସୁଦ୍ଧା ସମଗ୍ର ବିଶ୍ୱରେ ଜଳ ଆଜି ଦୁର୍ଲଭ ପଦାର୍ଥରେ ପରିଣତ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ ସହିତ ଘରୋଇ, କୃଷି, ଶିଳ୍ପ ଏବଂ ବ୍ୟବସାୟିକ ଆଦି ପ୍ରତିଟି କ୍ଷେତ୍ରରେ ଜଳର ଅନିୟନ୍ତ୍ରିତ ବ୍ୟବହାର ବୃଦ୍ଧି। ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଳ ସଙ୍କଟ ସମସ୍ତଙ୍କ ପାଇଁ ଆହ୍ୱାନ ପାଲଟିଛି। ଶନିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ବିକାଶ ଆବାସିକ ବିଦ୍ୟାଳୟ କଣ୍ଟାବାଡ଼ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଆର୍. ବିଜୟ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଇଏସ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଚଳିତ ବର୍ଷର ପ୍ରସଙ୍ଗ 'ହିମବାହ ସଂରକ୍ଷଣ' ଉପରେ ଆଲୋଚନା କରିଥିଲେ। ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଗ୍ରହରେ ଜୀବଜଗତର ତିଷ୍ଠିବା ଜଳର ଉପଲବ୍ଧି ସହିତ ଓତପ୍ରୋତଃ ଭାବେ ଜଡ଼ିତ। ପରବର୍ତ୍ତୀ ପିଢ଼ି ନିମନ୍ତେ ଆବଶ୍ୟକ ପ୍ରଦୂଷଣମୁକ୍ତ, ବିଶୁଦ୍ଧ ଜଳ କିପରି ପର୍ଯ୍ୟାପ୍ତ ପରିମାଣରେ ମିଳିବ ସେଥିନିମନ୍ତେ ଆଜିର ଯୁବପିଢ଼ି ଯଥେଷ୍ଟ ଯତ୍ନବାନ୍ ହେବା ଆବଶ୍ୟକ। ଜଳର ମିତବ୍ୟୟିତା ବିଷୟରେ ଲୋକଙ୍କୁ ସଚେତନ କରାଯିବା ଦରକାର। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ତାପମାତ୍ରା ବୃଦ୍ଧି ଦ୍ୱାରା ପର୍ବତ ଶିଖରସ୍ଥ ହିମବାହ ତଥା ମେରୁ ଅଞ୍ଚଳର ବରଫ ତରଳିବାରେ ଲାଗିଛି। ହିମବାହ ଦ୍ରୁତ ବେଗରେ ତରଳିଲେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ନଦୀମାନଙ୍କରେ ଜଳ ଉପଲବ୍ଧ ହେବନାହିଁ। ଏହା ମାନବସମାଜ ସହିତ ବହୁ ଜୀବଜନ୍ତୁଙ୍କର ଜଳାଭାବଜନିତ ମୃତ୍ୟୁ ଘଟିବାର ଆଶଙ୍କା ସୃଷ୍ଟି କରିବ। ତେଣୁ ଜଳଉତ୍ସକୁ ସୁରକ୍ଷିତ ରଖିବା ଆମର ନୈତିକ କର୍ତ୍ତବ୍ୟ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ ଏବଂ ଭାଷଣ ପ୍ରତିଯୋଗିତାକୁ ଓଇଏସ ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା ଏବଂ ପର୍ଶୁରାମ ପଣ୍ଡା ପରିଚାଳନା କରିଥିଲେ। ବିଦ୍ୟାଳୟ ସଭାପତି ଭି. ଶ୍ରୀନିବାସ, ଉପାଧ୍ୟକ୍ଷ ସଞ୍ଜୀବ କୁମାର ଦାସ, ଡ. ଲାଲା ଏକେ ସିଂହ, ପ୍ରଫେସର ନିମାଇ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାପାର୍ଶ୍ୱକୁ ଓଲଟିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ



ବାଲୁଗାଁ,୨୨।୩(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ବ୍ରାହ୍ମଣକୁଶ ଛକଠାରେ ଶନିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟିପଡ଼ିଛି। ଫଳରେ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ସିଲ୍କ ସିଟି ନାମକ ଏକ ବସ୍(ଓଡି ୧୫ଇ ୬୪୫୬) କଟକରୁ ପ୍ରାୟ ୨୫ଜଣ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଅପରାହ୍ନ ୪ଟାରେ ବାଲୁଗାଁ ବାଇପାସ୍ ରାସ୍ତାର ବ୍ରାହ୍ମଣକୁଶ ଛକଠାରେ କୌଣସି କାରଣରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଥିଲା। ଖବରପାଇ ବାଲୁଗାଁ ଥାନାର କାର୍ଯ୍ୟରତ ହାଇୱେ ପାଟ୍ରୋଲିଂ ଗାଡ଼ି ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ୨୦ରୁ ଊର୍ଦ୍ଧ୍ୱ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ୍‌ରେ ସମସ୍ତଙ୍କୁ ବ୍ରହ୍ମପୁର ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ହାତୀର ଗଳିତ ମୃତଦେହ ଉଦ୍ଧାର

ବନ୍ତଲା,୨୨।୩(ସୁଶିତ ସାହୁ)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପମ୍ପାସର ବନାଞ୍ଚଳ କନ୍ତାରସିଙ୍ଗା ଝରଣା ଭିତରୁ ଏକ ହାତୀର ଗଳିତ ମୃତଦେହ ଶନିବାର ବନ ବିଭାଗ ଉଦ୍ଧାର କରିଛି। ମୃତ ହାତୀର ମୁହଁ ଫାଟିଥିବାରୁ କିଛି ବିସ୍ଫୋରକ ପଦାର୍ଥ ଖାଇବା ଦ୍ୱାରା ଏମିତି ହୋଇଥିବା ସନ୍ଦେହ କରାଯାଉଛି। ହାତୀର ମୃତଦେହ ସମ୍ପର୍କରେ ଗତ ୨୧ ତାରିଖରେ ବନ ବିଭାଗକୁ ସୂଚନା ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ କରିଥିବା ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ଓ ବନ୍ତଲା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା କହିଛନ୍ତି, ପ୍ରାୟ ୫ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଛି। ପାଣି ଭିତରେ ପଡିଥିବାରୁ ମୃତଦେହ ପଚି ଯାଇଛି। ମୃତ ହାତୀର ବୟସ ୫ ବର୍ଷ ହେବ ଓ ମୁହଁ ହାଡ଼ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ବନବିଭାଗର ନିଷ୍କ୍ରିୟତା କାରଣରୁ ହାତୀଟିର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ସ୍ଥିତି ପରଖୁ ନ ଥିବାରୁ ଶିକାରୀମାନଙ୍କ ଅବାଧ ଶିକାର ବଢ଼ିଥିବା ଅଭିଯୋଗ ହେଉଛି।



କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ସହ ବିମାନଯାତ୍ରାବେଳେ ସେଲ୍ଫି ନେଉଛନ୍ତି ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା।

## 'ସମାନ ଦିଗରେ ଯାଉଛୁ'

**ନୂଆଦିଲ୍ଲୀ, ୨୨।୩**

କିଛିଦିନ ଧରି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଦଳଠାରୁ ଅଲଗା ଆଭିମୁଖ୍ୟ ରଖୁଥିବା ନେଇ ଚର୍ଚ୍ଚା ହୋଇଆସୁଛି । ଏଭଳି ସମୟରେ ଶନିବାର ତାଙ୍କୁ ନେଇ ସୋସିଆଲ ମିଡିଆରେ ପୁଣି ଆଲୋଚନା ଆରମ୍ଭ ହୋଇଛି। ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ସହ ଥରୁରଙ୍କ ଏକ ସେଲ୍ଫି ଭାଇରାଲ ହୋଇଛି। ବୈଜୟନ୍ତ ଏକ୍ସ'ରେ ଥରୁରଙ୍କ ସହ ନେଇଥିବା ସେଲ୍ଫି ସେୟାର କରି ଲେଖିଛନ୍ତି, 'ମୁଁ ଏବଂ ମୋ ବନ୍ଧୁ ତଥା ଅଭିଯାତ୍ରୀ ଦୁହେଁ ଏବେ ସମାନ ଦିଗରେ ଯାଉଛୁ।' ଏଭଳି ମନ୍ତବ୍ୟ ପରେ ସୋସିଆଲ ମିଡିଆରେ ଥରୁର ଭାଜପା ଆଡ଼କୁ ଢଳିବା ନେଇ ଗୁଡ଼ୁଗୁଡ଼ାପୁର ଆରମ୍ଭ ହୋଇଛି। ସେପଟେ ଥିରୁଅନନ୍ତପୁରମ ଏମ୍‌ପି ଥରୁର କହିଛନ୍ତି, ଭୁବନେଶ୍ୱରରେ କଳିଙ୍ଗ ସାହିତ୍ୟ ଉତ୍ସବରେ ଯୋଗଦେବାକୁ ଆମେ ଦୁହେଁ ସମାନ ଦିଗରେ ଯାଉଛୁ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଥରୁର କଂଗ୍ରେସରେ ଅଣଦେଖା କରାଯାଉଥିବା ଦର୍ଶାଇ ତାଙ୍କ ନିକଟରେ ଅନେକ ବିକଳ୍ପ ଅଛି ବୋଲି କହିଥିଲେ।

# ବିଜେଡି ବାଟରେ ଯାଉଛି ଭାଜପା: କଂଗ୍ରେସ




କେନ୍ଦୁଝର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ।

## ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ ନ ହେଲେ ଆନ୍ଦୋଳନ

**କେନ୍ଦୁଝର, ୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ରାଜ୍ୟରେ ମହିଳା ହିଂସା ସୀମା ଟପିଛି ବୋଲି ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। କେନ୍ଦୁଝର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ବିଜେଡି ୨୪ ବର୍ଷର କୁଶାସନ ପରେ ଭାଜପା ସରକାରରେ ମଧ୍ୟ ଏବେ ମହିଳା ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ, ବେଟି ବଚାଓ, ବେଟି ପଢ଼ାଓ, ଶକ୍ତି, ସୁଭଦ୍ରା ଓ ମିଶନ ଶକ୍ତି ଭଳି କାର୍ଯ୍ୟକ୍ରମ ମହିଳା ବିରୋଧୀ ହୋଇଯାଇଛି। ପୂର୍ବତନ ବିଜେଡି ସରକାର ବାଟରେ ଭାଜପା ସରକାର ଯାଉଛନ୍ତି। ଭାଜପା ସରକାର ବିରୋଧରେ କଂଗ୍ରେସ ରାଜ୍ୟ ସାରା ଆନ୍ଦୋଳନ କରିବ ବୋଲି ନିଶିକାନ୍ତ କହିଛନ୍ତି।

ନିଶିକାନ୍ତ ଆହୁରି କହିଛନ୍ତି, ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ୮ ମାସ ହେଲାଣି ଡବଲ ଇଞ୍ଜିନ ସରକାର ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲା କେନ୍ଦୁଝର ହୋଇଥିଲେ ମଧ୍ୟ ଏଠି ବି ଛାତ୍ରୀ ଓ ମହିଳା ଅସୁରକ୍ଷିତ। ପୂର୍ବ ବିଜେଡି ସରକାର ସମୟରେ ଡିଏମ୍‌ଏଫ୍ ବାବଦରେ ଅନେକ କୋଟି ଟଙ୍କା ଲୁଟ୍ କରାଯାଇଛି। ଏବେ ଭାଜପା ସରକାର ସମୟରେ ସମାନ ପରିସ୍ଥିତି। ବିଜେଡି ଯେଉଁ ବାଟରେ ଯାଉଥିଲା, ଭାଜପା ସେହି ବାଟରେ ଯାଉଛି। ଏଣୁ କଂଗ୍ରେସ ଏକ ମାତ୍ର ବିକଳ୍ପ ବୋଲି ପିସିସି ମୁଖପାତ୍ର କହିଛନ୍ତି। ନାରୀ ନିର୍ଯାତନା, ବିଧାନସଭାରେ ଶାସକ ଦଳର ଅସାମ୍ବିଧାନିକ କାର୍ଯ୍ୟ ପ୍ରତିବାଦରେ ମାର୍ଚ୍ଚ ୨୭ରେ ଭୁବନେଶ୍ୱରଠାରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପିସିସି ପର୍ଯ୍ୟବେକ୍ଷକ ଓ ନେତୃବୃନ୍ଦ କହିଛନ୍ତି।

ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ. ସୁବର୍ଣ୍ଣ ନାଏକ, ପୂର୍ବତନ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ, ଜିଲ୍ଲା କଂଗ୍ରେସ ମିଡ଼ିଆ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ, ସୁଢଳ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଘଣ୍ଟାଉଛି ରାୟଗଡ଼ା ଭାଜପା ଜିଲ୍ଲା ସଭାପତି ଓ ଅତିରିକ୍ତ ଜିଲାପାଳ ବିବାଦ**

## ପୂର୍ବ ସରକାରଙ୍କ ଅମଳରେ ଏମିତି ହେଉ ନ ଥିଲା: ବିଜେଡି



ରାୟଗଡ଼ା ସୁବାସ ନଗରଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ।

**ରାୟଗଡ଼ା,୨୨।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଶାସକ ଦଳ ନେତା ଓ ସରକାରୀ ଅଧିକାରୀଙ୍କ ଭିତରେ ବିବାଦ ଘନେଇବାରେ ଲାଗିଛି । ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ବିବାଦ ଯାଇ ଥାନାରେ ପହଞ୍ଚିଛି। ଏହି ଘଟଣାକୁ ନେଇ ପୂର୍ବରୁ କଂଗ୍ରେସ ନିନ୍ଦା କରିଥିବାବେଳେ ଶନିବାର ବିଜେଡି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛି। ଏହାକୁ ନେଇ ଜିଲାରେ ରାଜନୈତିକ ଉତ୍ତପ୍ତ ବୃଦ୍ଧି ପାଉଛି।

ବିଜେଡି ତରଫରୁ ଶନିବାର ରାୟଗଡ଼ା ସୁବାସ ନଗରଠାରେ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଜିଲା ବିଜେଡି ସଭାପତି ଏନ୍. ଭାସ୍କରରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟରେ ପୂର୍ବରୁ କଂଗ୍ରେସ ଓ ପରେ ବିଜେଡି ଦୀର୍ଘ ବର୍ଷ ଧରି ଶାସନ କରିଥିଲେ ମଧ୍ୟ ରାଜନେତା ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ବିବାଦ ଜିଲାରେ ପ୍ରଥମଥର ଦେଖିବାକୁ ମିଳିଛି ବୋଲି ଭାସ୍କର ରାଓ ଓ ଗଙ୍ଗା ପୁଆଲା କହିଛନ୍ତି। ଭାଜପା ଜିଲା ସଭାପତି ନୂଆ ପଦ ପାଇବାର ମାତ୍ର ମାସକ ଭିତରେ ଓଏଏସ୍ ଅଧିକାରୀ ସଂଘ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା। ଥାନାରେ ଏତଲା ମଧ୍ୟ ହେଲା। ଅନ୍ୟପକ୍ଷେ ଶୁକ୍ରବାର ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ନାଁରେ ମଧ୍ୟ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଉଭୟ ମାମଲାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ବିଜେଡି କହିଛି। ଉଭୟ ପକ୍ଷରୁ ଥାନାରେ ଏତଲା ଦାଏର ପରେ ପୋଲିସ ୨ଟି ମାମଲା ଗୁରୁତର ତଦନ୍ତ କରୁଥିବା ଆଇଆଇସି କେଉଁକେଉଁଙ୍କ କହିବା ସୂଚନା ଦେଉଛନ୍ତି ।

ରାଜ୍ୟ ଓ କେନ୍ଦ୍ରରେ ଶାସନଗାଦିରେ ଥିବା ଭାଜପା ନେତାଙ୍କ ଏଭଳି କାର୍ଯ୍ୟ କରିବା ନିନ୍ଦନୀୟ ବୋଲି ବିଜେଡି ଅଭିଯୋଗ କରିଛି। ଭାଜପା ଜିଲା ସଭାପତି ଅତିରିକ୍ତ ଜିଲାପାଳଙ୍କୁ ହ୍ୱାଟ୍ସଆପ୍‌ରେ ଯେଉଁ ବିଜେଡି ନାମ ନେଇ ମେସେଜ କରିଛନ୍ତି ତାହା ନିନ୍ଦନୀୟ। ବିଜେଡିର ୨୪ ବର୍ଷ ଶାସନ କାଳରେ କେବେ ଏଭଳି ଆଚରଣ ଓ ଉଚ୍ଚାରଣ ପ୍ରଦର୍ଶନ କରିନାହିଁ ବୋଲି ଗୋପୀଙ୍କୁ ଭର୍ତ୍ସନା କରିଥିଲେ ବିଜେଡିର ବରିଷ୍ଠ ନେତା । ଏଭଳି ଅବସ୍ଥା ହେଲେ ଅଫିସର ଜିଲାରେ ରହିବେନି କି ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇପାରିବନାହିଁ ବୋଲି ଭାସ୍କର ରାଓ କହିଛନ୍ତି। ସେହିପରି ଉଗାଦି ପର୍ବ ପାଳନ ନାମରେ ବ୍ୟବସାୟୀଙ୍କଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ ହେଉଛି। ତେଣୁ ପୋଲିସ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ଭାସ୍କର କହିଛନ୍ତି।

କଂଗ୍ରେସ କିମ୍ବା ବିଜେଡି ସରକାର ସମୟରେ ଏଭଳି କେବେ ଘଟିନାହିଁ। ତେଣୁ ଯେଉଁସବୁ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଛି ତାହାର ଠିକ୍ ତଦନ୍ତ କରାଯାଉ ବୋଲି ପୂର୍ବତନ ମନ୍ତ୍ରୀ ହିମିରିକା କହିଛନ୍ତି।

ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଯଦି କିଛି ତଥ୍ୟ ଚାହୁଁଥିଲେ ତାହା ଠିକ୍ ଭାବରେ ମାଗିପାରିଥାନ୍ତେ। ନଚେତ୍ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିପାରିଥାନ୍ତେ । ତେବେ ତଥ୍ୟ ମାଗିବା ଆଳରେ ଅତିରିକ୍ତ ଜିଲାପାଳଙ୍କୁ ଧମକ ଦେବା ନିନ୍ଦନୀୟ ବୋଲି ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗା ପୁଆଲା କହିଛନ୍ତି। ରାଜ୍ୟ ସରକାର ଏକ କମିଟି ଗଠନକରି ଘଟଣାର ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀ, ରାୟଗଡ଼ା ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, କେସିସି ବ୍ୟାଙ୍କ ସଭ୍ୟ ବି. ତିରୁପତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭାଜପା ରାୟଗଡ଼ା ଜିଲା ସଭାପତି ସ୍ଥାନୀୟ ବ୍ୟବସାୟୀଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ମାସିକ ଚାନ୍ଦା ଆଦାୟ କରୁଛନ୍ତି ବୋଲି ଶନିବାର ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ କହିଛନ୍ତି।


**OFFICE OF THE CHIEF EXECUTIVE, RPRC, BHUBANESWAR**
(e-mail Id: rprcbbsr@gmail.com), Tel.: (0674) 2557925
**NOTICE INVITING TENDER THROUGH e-Procurement**
No. MM-538 Bid Identification No. RPRC/26/2024-25
T-06/2025 Notice No. 488/RPRC Date: 17.03.2025
1. Name of the Project in brief : Remodeling & Expansion of Existing Orchidarium
2. Estimated Cost : Rs.570.30 lakhs
3. Period of Completion : 12 (Twelve) Calendar Months
4. Class of Contractor : "A" only
5. Availability of bid document : 24.03.2025 / 10.00 A.M. to 15.04.2025 / 10.00 A.M. in website: www.rprcbbsr.in / e-portal https://rprc.ewizard.in
6. Opening of (Technical Bid) : 16.04.2025 / 11.30 A.M.
New bidders to register on the portal https://rprc.ewizard.in and send a mail to eprochelpdesk.101@gmail.com with details. For queries on registration & online tender submission contact to: Mr. Shivendra Kumar, Mobile: 9355030613 and Jitesh Kumar, Mobile: 9355030604, e-mail: eprochelpdesk.101@gmail.com.
Sd./- Chief Executive, RPRC, Bhubaneswar
OIPR-08004/11/0034/2425

**OFFICE OF THE DIRECTOR, CAPITAL HOSPITAL, BHUBANESWAR**
ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ
Unit - VI, Ganga Nagar, Udyan Marg, Bhubaneswar - 751001, Khordha
Email: substorechb@gmail.com / director.chb@gmail.com
Ph: 0674-2391983/85/79
No. 3074/Sub-store/ /2024 Date: 18th March, 2025
**TENDER CALL NOTICE**
No. E-817: Sealed tenders are invited from Wholesalers/Distributors for supply of **"Drugs & Medical Consumables"** to the Director of Capital Hospital, Bhubaneswar for the year 2025-2026 through Courier Service/Speed Post/Registered Post only. For details, please visit our website: www.capitalhospital.nic.in (WWW.CAPITALHOSPITAL.NIC.IN). The details of last date & time of receipt of tender, pre-bid meeting, date & time of opening of tender, venue etc. are mentioned in the bid documents. The undersinged reserves the right to reject or cancel any or all the tender without any reason thereof.
Sd./- Director
OIPR-10078/11/0007/2425 Capital Hospital, Bhubaneswar

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୩୯ ତା.୦୩.୦୩.୨୫
**ବିଜ୍ଞାପନ**
**No.CAD-2902**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୪ (MIG-4), ପଠାଣି ସାମନ୍ତ କମ୍ପୋଜିଟ ହାଉସିଂ ସ୍କିମ୍, ମୁକ୍ତାପୁର, ନୟାଗଡ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ, ପିତା-ବାସୁଦେବ ପାଣିଗ୍ରାହୀ, ସା-ରଙ୍ଗଣିପାଟଣା, ପୋ-ରଙ୍ଗଣିପାଟଣା, ଥାନା-ଓଡ଼ଗାଁ, ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁବ୍ରତ କୁମାର ପାତ୍ର, ପିତା- ସୁବାଷ ଚନ୍ଦ୍ର ପାତ୍ର, ସା-ନୂଆରାଜବାଟୀ ଲେନ୍, ପୋ/ଥାନା- ନୟାଗଡ଼, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0490/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ**
ପତ୍ର ସଂଖ୍ୟା ୪୧୮ ତାରିଖ ୧୭.୦୩.୨୦୨୫
**ନିଲାମ ବିଜ୍ଞାପନ**
**No.L-202:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବୌଦ୍ଧ ଜିଲ୍ଲାର ନିମ୍ନଲିଖିତ ଫାର୍ମମାନଙ୍କରେ ଥିବା ଫଳନ୍ତି ଆମ୍ବ ଗଛର ନିଲାମ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ନିଲାମ ପତ୍ର ଆହ୍ୱାନ କରାଯାଉଅଛି । ନିର୍ଦ୍ଧାରିତ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇପାରିବ । ପ୍ରତ୍ୟେକ ଫର୍ମ ପାଇଁ ଦରଖାସ୍ତ ସହିତ ଟ.୩୦୦୦/-ଙ୍କା (ତିନି ହଜାର ଟଙ୍କା) ମାତ୍ରର ଅମାନତ ରାଶି ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡିବ । ଆଗ୍ରହୀ ବ୍ୟକ୍ତିବିଶେଷ ନିଲାମ ପତ୍ରଗୁଡିକ ତା.୨୬.୦୩.୨୦୨୫ ରିଖ ଅପରାହ୍ନ ୦୧.୦୦ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ତା.୨୭.୦୩.୨୦୨୫ ରିଖ ଅପରାହ୍ନ ୧୨.୦୦ ଘଟିକା ସମୟରେ ନିଲାମ ପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ କମିଟି ସମ୍ମୁଖରେ ଖୋଲାଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନିଆଯିବ । ଇଚ୍ଛୁକ ପ୍ରାର୍ଥୀ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ସୀମା ମଧ୍ୟରେ ଫାର୍ମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ । ନିଲାମ ପେପର ପକାଇଥିବା ଖାମ୍/ ଏନଭଲପ ଉପରେ ଫାର୍ମର ନାମ ଉଲ୍ଲିଖିତ କରିବେ ।
**ନିଲାମ ହେବାକୁ ଥିବା ଫାର୍ମର ବିବରଣୀ**

| କ୍ର.ସଂଖ୍ୟା | ଫାର୍ମର ନାମ | ଠିକଣା | ଫଳନ୍ତି ଗଛର ନାମ |
|---|---|---|---|
| ୧ | ପାଲଖାର ଫାର୍ମ | ପାଲଖାର, ବୌଦ୍ଧ | ଆମ୍ବ |
| ୨ | ବଡବନ୍ଧ ନର୍ସରୀ | ବଡବନ୍ଧ, ହରଭଙ୍ଗା ବ୍ଲକ | ଆମ୍ବ |
| ୩ | ଗୁଲୁଗୁଲାପଦର ନର୍ସରୀ | ଗୁଲୁଗୁଲାପଦର, କଣ୍ଟାମାଳ ବ୍ଲକ | ଆମ୍ବ |

ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବୌଦ୍ଧ
OIPR-01466/11/0001/2425

**OFFICE OF THE MUNICIPAL COUNCIL, JAGATSINGHPUR**
**QUOTATION CALL NOTICE**
No.1907, Dt.20.03.2025
No.C-1942: On behalf of the Municipal Council, Jagatsinghpur Municipality, sealed quotations are invited from intending bidders/NGOs for **"Water Kiosks- Paniya Jala Bitarana Kendra (Supply of drinking water) in different places of Jagatsinghpur Municipality"** including cost of all materials etc. complete in conformity with the Detailed Quotation Call Notice and as per the direction of the Municipal authority.
The last date of submission of quotation is **27.03.2025 upto 4.00 PM** and will be opened on **28.03.2025 at 4.00 PM.** The sealed quotations should be sent to the **Executive Officer,** Jagatsinghpur Municipality through **Registered post/ Speed Post** only upto **12.00 PM on dt.28.03.2025.** Further detailed information regarding specification and format for quotations is available in the website of Jagatsinghpur Municipality and Jagatsinghpur District website from **21.03.2025 to 27.03.2025** only.
Authority reserves the right to reject or accept any or all the quotations without assigning any reason thereof.
Sd./- Executive Officer
OIPR-13087/11/0024/2425 Jagatsinghpur Municipality

**ODISHA HYDRO POWER CORPORATION LTD.**
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-27/10/1565 Date: 19.03.2025
**NOTICE INVITING TENDER No. HHEP-12/2025**
No. CAD-2893: Sealed tenders are invited in single part in sealed envelopes from the reputed manufacturers/authorized dealers/channel partners/reputed suppliers for supply of the following material as mentioned below.

| Description | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender document | Date & time of Opening of Bid |
|---|---|---|---|---|---|
| Procurement of 01 No. of 5HP self priming mono block pump set with 3 Phase Stator for the above pump and Suction/Delivery House 80 MM 15 Mtr. with Fittings for #7 of Burla Power House | Rs.472/- (Rs.400/- + GST @ 18%) | 650.00 | 24.03.2025 11.00 A.M. to 07.04.2025 upto 03.00 P.M. | 07.04.2025 upto 04.00 P.M. | 07.04.2025 at 04.30 P.M. |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0032/2425 Sd./- Unit Head, HHEP, Burla

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୪୦ ତା.୦୩.୦୩.୨୫
**ବିଜ୍ଞାପନ**
**No.CAD-2909**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୨-୧୦ (MIG-II-10), ଏସ୍‌ଏଚ୍‌ଏସ୍, ଲାଲଟିକିରା, ବଲାଙ୍ଗୀର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଜୟକିଶନ ମେହେର, ପିତା-ଧବଳେଶ୍ୱର ମେହେର, ସା-ଜରାସିଂଘ, ପୋ-ଜରାସିଂଘ, ଥାନା-ଦେଓଗାଁ, ଜିଲ୍ଲା-ବଲାଙ୍ଗୀରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଜୟକିଶନ ମେହେର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୁଜାତା ପାଣିଗ୍ରାହୀ, ସ୍ୱାମୀ-ମନୋଜ କୁମାର ପାଣିଗ୍ରାହୀ, ସା-ତଳିପଡ଼ା, ନଅଗାଁ (B), ପୋ-ନଅଗାଁ (B), ଥାନା-ଲୋଇସିଂଘା, ଜିଲ୍ଲା-ବଲାଙ୍ଗୀରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0504/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in,
CIN: U40101OR1995SGC003963
No.HHEP/Tech-WK-46/2 (Vol-IV) / 1605 Date: 21.03.2025
**NOTICE INVITING TENDER No.HHEP-13/2025**
**No.CAD-2924:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from Govt. registered Contractors/ Agencies having eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxiliaries and other equipments of Burla Power House for a period of one year (as per section-IV) | 11,800/- (Rs.10000/-+ GST @ 18% | 70,000/- | From 24.03.2025, (11.00 AM) to 08.04.2025 Upto 03.00 PM | 08.04.2025 Upto 03.30 PM | 08.04.2025 at 04.00 PM |

For details of the tender documents, terms and conditions please visit our website **www.ohpcltd.com.** If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0033/2425 Sd./- C & P Head, HHEP, Burla

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR**
No. CAD-2881
Tender Call Notice No. BBSR/ELECT/E-4555/23-25/P1/757 Dated: 18.03.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work : Supply, Installation, Testing & Commissioning of 11KV OH and UG line for power supply to Worker's Hostel at Somnathpur IID under electrical section Balasore, Odisha.

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-135/2024-25 | 24.03.2025 at 17.00 Hrs. | 03.04.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0122/2425 Sd./- Divisional Head (Elect), IDCO, Bhubaneswar

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:06792-252703, Fax:-06792-252703, Email:baripadam.hud@nic.in
Website:www.baripadamunicipality.in
No.586, Date:20.03.2025
**DTCN PART-I (TECHNICAL BID) SECTION-II COMPETITIVE BIDDING THROUGH 'e' Procurement**
**No.C-1949:**The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN). Bid documents consisting of work, Estimated Cost, Cost of Tender Paper, EMD and Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
Tender Reference No.BPDM-1 of 2025-2026 Tender I.D. No.:2025_ORULB_111830

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/ Tender inviting Authority/Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Works | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders online for bidding | From Dt.22.03.2025 (01.00 PM) to Dt.07.04.2025 (5.00 PM) |
| (ii) | Last date and time of bidding online (Submission of Bids) | Dt.07.04.2025 (5.00 P.M.) |
| (iii) | Date and Time of opening of the Bids received online | Dt.08.04.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in
Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.
Sd./- Executive Officer, Baripada Municipality
OIPR-13078/11/0029/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
No.O-1649: (E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/39-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 39-2024-25/BPR | Buildings Works | 02 Nos. | From Rs.206.96 Lakhs to Rs.257.17 Lakhs | "B" Class & "A" Class as applicable | 12 (Twelve) Calendar Month as provided |

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/39-2024-25/ BPR | 27.03.2025 at 10.00 A.M. | 10.04.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0073/2425 Sd./- Chief Construction Engineer, R.W.Circle, Berhampur

**GOVERNMENT OF ODISHA** No. A-1217
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004, email id: se_sicbam@yahoo.com
**'e' Procurement Notice No. ACE, RBB - 17/2024-25**
1. Type of Work : Flood Protection & Building works
2. Total No. of Works : 02 (Two) Nos.
3. Amount put to Tender : Rs.854.21 Lakh to Rs.101.76 Lakh
4. Period of Completion : 11 (Eleven) Calendar Months
5. Class of Contractor : 'A', 'Spl.' & 'B'

| Procurement Officer | Bid Identification No. | Name of Work | Bid Amount (Rs. in Lakh) | Availability & Submission of Bid Online |
|---|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 33/ 2024-25 | Flood protection work for LFB of river Rushikulya from village Kusapada to Jahada | 845.21 | From 24.03.2025, 10.00 A.M. to 08.04.2025, 5.00 P.M. |
| | ACE, RBB (PPID) - 34/ 2024-25 | Construction of rest shed for Pipalapanka Irrigation Project at Sorada | 101.76 | |

Date of opening of the Technical Bid: 09.04.2025 at 11.30 A.M.
Further details can be seen from the Govt. website **www.tendersodisha.gov.in.**
Sd./- Additional Chief Engineer
OIPR-32411/11/0026/2425 Rushikulya Bahuda Basin, Berhampur

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତର ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ କାର୍ଯ୍ୟସୂଚୀ

**କୋଲକାତା, ୨୨।୩ (ପି.ଟି.)**

ଭାରତ ୧୨ବର୍ଷ ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଦୁଇ ମ୍ୟାଚ ବିଶିଷ୍ଟ କ୍ରିକେଟ ଟେଷ୍ଟ ସିରିଜ ଆୟୋଜନ କରିବାକୁ ଯାଉଥିବା ବେଳେ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଏକ ଅଲ୍ ଫର୍ମାଟ ଟୁର୍‌ରେ ଦେଶକୁ ଆସିବ। ଭାରତ ଅକ୍ଟୋବର ୨ରୁ ମୋହାଲିଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଏବଂ ଅକ୍ଟୋବର ୧୦ରୁ କୋଲକାତାର ଇଡେନଗାର୍ଡେନ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି। ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ ହେବା ପରେ ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ଆସିବ। ଭ୍ରମଣକାରୀ ଦଳ ଦେଶରେ ଦୁଇଟି ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ଟେଷ୍ଟ ଦିଲ୍ଲୀରେ ଏବଂ ଦ୍ୱିତୀୟ ଟେଷ୍ଟ ଗୁଆହାଟୀରେ ଖେଳାଯିବ ବୋଲି ଶୁକ୍ଳା ପ୍ରକାଶ କରିଛନ୍ତି। ଗୁଆହାଟୀରେ ପ୍ରଥମ ଥର ଟେଷ୍ଟ ମ୍ୟାଚ ଖେଳାଯିବ। ଆସାମର ଏହି ସହର ପୂର୍ବରୁ ଅନେକ ଥର ହ୍ୱାଇଟବଲ୍ ଏବଂ ଗତ ଦୁଇ ସିଜନ ଆଇପିଏଲ୍ ମ୍ୟାଚ ଆୟୋଜନ କରିଛି। ଟେଷ୍ଟ ମ୍ୟାଚ ପରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ନଭେମ୍ବର ୩୦ରେ ରାଞ୍ଚିରେ ଏବଂ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ। ଅନ୍ତିମ ଦିନିକିଆ ଡିସେମ୍ବର ୬ରେ ବିଶାଖାପାଟଣାଠାରେ ଖେଳାଯିବ। ସେହିପରି ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଡିସେମ୍ବର ୯ରେ ଖେଳାଯିବାକୁ ଥିବାବେଳେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ଡିସେମ୍ବର ୧୧, ୧୪, ୧୭ ଓ ୧୯ରେ ଖେଳାଯିବ।

## ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ

ଭାରତ ସେପ୍ଟେମ୍ବରରେ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ଦିନ ଧାର୍ଯ୍ୟ ହୋଇନାହିଁ। ତେବେ ବିଶାଖାପାଟଣାରେ ଓପନିଂ ମ୍ୟାଚ ଖେଳାଯିବାକୁ ଥିବାବେଳେ ଅନ୍ୟଗୁଡ଼ିକ ଗୁଆହାଟୀ, ମୁଲାନପୁର(ପଞ୍ଜାବ), ଥିରୁଭାନନ୍ତପୁରମ ଓ ଇନ୍ଦୋରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫାଇନାଲ ପାଇଁ ଭେନ୍ୟୁ ଧାର୍ଯ୍ୟ ହୋଇ ନ ଥିବା ଶୁକ୍ଳା କହିଛନ୍ତି।

# ହେଭିୱେଟ୍ ଚାମ୍ପିୟନ ଫୋରମ୍ୟାନ୍‌ଙ୍କ ପରଲୋକ

**ଅଷ୍ଟିନ୍ (ୟୁଏସ୍‌ଏ), ୨୨।୩ (ଏପି)**

ପୂର୍ବତନ ହେଭିୱେଟ୍ ଚାମ୍ପିୟନ ଜର୍ଜ ଫୋରମ୍ୟାନ୍‌ଙ୍କ ୭୬ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ସଫଳ ବିଜ୍‌ନେସ୍‌ମ୍ୟାନ ମଧ୍ୟ ଥିଲେ। ଫୋରମ୍ୟାନ୍‌ଙ୍କ ପରିବାର ତାଙ୍କ ମୃତ୍ୟୁ ଖବର ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ତାଙ୍କର କିପରି ଓ କେଉଁଠାରେ ମୃତ୍ୟୁ ଘଟିଥିଲା ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଟେକ୍ସାନ ବାସିନ୍ଦା ଫୋରମ୍ୟାନ ଜଣେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଭାବେ ତାଙ୍କ ପ୍ରଫେଶନାଲ ବକ୍ସିଂ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୩ରେ ସେ ଜୋ ଫ୍ରେଜିରଙ୍କୁ ପରାସ୍ତ କରି ହେଭିୱେଟ୍ ଡିଭିଜନର ଶୀର୍ଷରେ ପହଞ୍ଚିଥିଲେ। ମାତ୍ର ଏହାର ବର୍ଷକ ପରେ ଜାଇରେଠାରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମହମ୍ମଦ ଅଲ୍ଲୀଙ୍କଠାରୁ ପରାଜିତ ହୋଇ ସେ ତାଙ୍କ ବେଲ୍ଟ ହରାଇଥିଲେ। ବକ୍ସିଂ ଇତିହାସରେ ଏହା ଏକ ସ୍ମରଣୀୟ ଫାଇଟ୍ ଥିଲା। ଏହି ବାଉଟ୍‌ରେ କିଏ ଜିତିବ ସେ ନେଇ ଖୁବ୍ ବେଟିଂ ହୋଇଥିଲା। ଫୋରମ୍ୟାନ୍ ଏହା ପରେ କିଛି ବର୍ଷ ବକ୍ସିଂ ଛାଡ଼ି ଦେଇଥିଲେ।

# ଓଡ଼ିଶାର ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ


ସ୍ୱର୍ଣ୍ଣ ପଦକ ସହ ସୁଚିତ୍ରା ପରିଡ଼ା।

**ଭୁବନେଶ୍ୱର, ୨୨।୩ (ବିଜୟ ରଣା)**

ଓଡ଼ିଶା ପାରା-ଆଥଲେଟ୍ ସୁଚିତ୍ରା ପରିଡ଼ା ନୂଆଦିଲ୍ଲୀରେ ଚାଲିଥିବା ସମ୍ମାନଜନକ ଖେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୫ ମହିଳା ଏଫ୍-୫୫ ଜାଭେଲିନ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ପ୍ରଭାବୀ ୧୮.୫୭ ମିଟର ଥ୍ରୋ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପଛରେ ପକାଇ ଦେଇଥିଲେ। ଏହି ଇଭେଣ୍ଟରେ ଉତ୍ତରାଖଣ୍ଡର ଗାରିମା ଜୋଶି ୧୫.୨୪ ମିଟର ଥ୍ରୋ କରି ରୌପ୍ୟ ଜିତିଥିବା ବେଳେ ଉତ୍ତରପ୍ରଦେଶର ସାକ୍ଷୀ କାସାନା (୧୪.୪୧ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ। ପୂର୍ବରୁ ଶୁକ୍ରବାର ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଓ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତୀ ମହିଳା ୧୦୦ ମିଟର ଟି-୪୭ ବର୍ଗରେ ୧୩.୭୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହା ଥିଲା ପ୍ରଥମ ପଦକ। ସେହିପରି ମହିଳା ୧୦୦ ମିଟର ଟି-୧୨ ବର୍ଗରେ ଜାନକୀ ୧୪.୭୯ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ।

## ଖେଲୋ ଇଣ୍ଡିଆ ପାରା ଗେମ୍ସ

# ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିଠାରେ ହେବାକୁ ଯାଉଥିବା ପ୍ରଥମ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଭାଗନେବ। ବ୍ଲୁସ୍ୱାଇ ଅନୁଷ୍ଠାନ ପକ୍ଷରୁ ମନୋନୀତ ଓଡ଼ିଶା ଦଳ ଏଥିପାଇଁ ଶନିବାର ମଧ୍ୟପ୍ରଦେଶ ଯାତ୍ରା କରିଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଆଦି ଭାରତର ୮ଟି ରାଜ୍ୟ ଦଳ ଭାଗ ନେବେ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରୁଭା ମୁର୍ମୁ, ହିକିମି ମୁର୍ମୁ ଓ ଆକାଶ ପଡ଼ିଆମୀ(ଗୋଲକିପର)। କୋଚ ତ୍ରିଲୋଚନ ବେଉରା ଦଳସହ ଯାତ୍ରା କରିଛନ୍ତି। ସାମାଜିକକର୍ମୀ ସନ୍ତୋଷିନୀ ଜୈନ, ବିଭୂତି ଭୂଷଣ ଶତପଥୀ ଓ ବ୍ଲୁସ୍ୱାଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦାୟୀ ସମ୍ବର୍ଦ୍ଧନା ଦେଇଛନ୍ତି।


ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଗ୍ୱାଲିୟର ଯାତ୍ରା ପୂର୍ବରୁ ଓଡ଼ିଶା ଦଳ।

# ଉଦିତା-ମନଦୀପଙ୍କ ବିବାହ ସମ୍ପନ୍ନ


ମନଦୀପ ସିଂ ଓ ଉଦିତା ଦୁହାନ।

**ଜଲନ୍ଧର, ୨୨।୩**

ସାତବର୍ଷ ତଳେ ହକି ପଡ଼ିଆରେ ସୃଷ୍ଟି ହୋଇଥିବା ପ୍ରେମ ସମ୍ପର୍କ ଶେଷରେ ବିବାହରେ ରୂପାନ୍ତରିତ ହୋଇଛି। ଭାରତର ଦୁଇ ହକି ଅଲିମ୍ପିଆନ ଉଦିତା ଦୁହାନ ଓ ମନଦୀପ ସିଂ ଜୀବନର ନୂଆ ଇନିଂସ ଆରମ୍ଭ କରିଛନ୍ତି। ଶୁକ୍ରବାର ଜଲନ୍ଧରର ମଡେଲ ଟାଉନସ୍ଥିତ ଗୁରୁଦ୍ୱାରା ସିଂ ସଭାରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଉତ୍ସବରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦିତା ଭାରତୀୟ ମହିଳା ହକି ଦଳରେ ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ହୋଇଥିବାବେଳେ ପୁରୁଷ ହକି ଦଳରେ ମନଦୀପ ଜଣେ ଦକ୍ଷ ଫରୱାର୍ଡ। ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳରେ ଦୁହେଁ ସାମିଲ ଥିଲେ। ଭାରତୀୟ ପୁରୁଷ ଦଳ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ଅଳ୍ପକେ ବଞ୍ଚିତ ହୋଇ ୪ର୍ଥ ସ୍ଥାନ ହାସଲ କରିଥିଲା। ମନଦୀପ ଜଲନ୍ଧର ମିଥାପୁର ଗ୍ରାମର ହୋଇଥିବାବେଳେ ଉଦିତା ହରିୟାଣାର ହିସାର ବାସିନ୍ଦା। ୨୦୧୮ରେ ବେଙ୍ଗାଲୁରୁଠାରେ ଏସିଆନ ଗେମ୍ସ ପାଇଁ ପ୍ରାକ୍ଟିସ ଅବସରରେ ଦୁହିଁଙ୍କ ମଧ୍ୟରେ ପ୍ରଥମେ ଦେଖା ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ସେବେଠାରୁ ଉଭୟ ଭଲ ବନ୍ଧୁଭାବେ ରହି ଆସିଥିଲେ।

ବିବାହ ପୂର୍ବରୁ ଗତ ୧୮ ତାରିଖରେ ଦୁହେଁ ପ୍ରି-ୱେଡିଂ କର୍ମକର୍ମାଣି ସ୍ୱତନ୍ତ୍ର ମୁହୂର୍ତ୍ତର ଫଟୋ ଶେୟାର କରିଥିଲେ। ୨୦୨୪ ମାର୍ଚ୍ଚରେ ୩୦ ବର୍ଷୀୟ ମନଦୀପ ପଞ୍ଜାବ ପୋଲିସରେ ଡିଏସ୍‌ପି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ରେ ଜାତୀୟ ସିନିୟରରେ ଡେବ୍ୟୁ କରିଥିବା ଏହି ଫରୱାର୍ଡ ଖେଳାଳି ଏପର୍ଯ୍ୟନ୍ତ ୨୬୦ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୨୦ଟି ଗୋଲ ସ୍କୋର କରି ସାରିଛନ୍ତି। ଅନ୍ୟପକ୍ଷରେ ଉଦିତା ୨୦୧୭ରେ ଜାତୀୟ ସିନିୟର କ୍ୟାରିୟର ଆରମ୍ଭ କରି ୧୪ଟି ଗୋଲ ଦେଇଛନ୍ତି। ଭାରତୀୟ ଅଲିମ୍ପିଆନ ଯୋଡ଼ି ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ-ପାରୁପଲ୍ଲୀ କାଶ୍ୟପ, ଆର୍ଚର ଦୀପିକା କୁମାରୀ-ଅତନୁ ଦାସ ଏବଂ ହକି ଖେଳାଳି ମୋନିକା ମଲିକ-ଆକାଶଦୀପ ସିଂଙ୍କ କ୍ଲବରେ ଏବେ ଉଦିତା-ମନଦୀପ ସାମିଲ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ନବ ଦମ୍ପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Handsome Brahmin Boy 1987, 5'7" B.Tech Serving Engineer, Hyderabad. "SUNASANSAR". 9937512659. D-75251

Brahmin Boy 1980 5'7" Ph.d. Serving Lecturer. Govt College, "SUNASANSAR". 9937512659. D-76252


AUTOMOBILE

## SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339


REAL ESTATE

## SALE

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

Gharabari, Boundary Full plot sale at Bankuala (Tankapani Road). 7008492511. D-3380

**ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845.** D-76249

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

Contact for complete House Construction (Simplex/ Duplex/ Apartment) and Interior design (Modular Kitchen/ TV Unit/ Wardrobe) by experts. 7008550473. D-3372


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219

## GENERAL SALE

UCALY PATAS PLANT for sale Rs. 300000 against purchase cost Rs. 650000. 7809525452. D-76430

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Full body massage by Odia therapist in homely atmosphere. 9556498382. D-75366

**Full body massage experience, good looking therapist @999 (Bhubaneswar). 9078484455.** D-3280

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, MANJUSHREE NAYAK (44), D/o- Sudarshan Nayak, Resident of Ghantasunipara, At/ P.O.- Titilagarh, Dist.- Bolangir, PIN- 767033 have changed my name to Manjushree Nayak as per affidavit No.- 661, dated 21.03.2025 sworn before the Executive Magistrate, Berhampur, Ganjam Odisha. D-3386

By virtue of an affidavit in the Court of Executive Magistrate, Bhubaneswar, I, Rabindra Kumar Nayak, F/o- Rithu Purna Nayak , Plot No. 94/ 395/ 396, Basuaghai, P.O.- Bankual, P.S.- Badagada, Dist.- Khorda, PIN - 751002 do hereby declare that I have changed my minor daughter's name from Rithu Purna Nayak to Ritupuna Nayak by this affidavit C.F No. 91, Dt.19.03.2025. Henceforth, she will be known as Ritupuna Nayak for all future purposes.
Rabindra Kumar Nayak
Deponent
D-3391

By virtue of an affidavit No.- 5601, dt- 19.03.2025, before Executive Magistrate, Cuttack, I, Chinmayee Jena, W/o- Dibya Sankar Jena, At- Rajendra Nagar, P.O./ P.S.- Madhupatna, Cuttack-753010, States that I have changed my name from Chinmayee Rout to Chinmayee Jena, Chinmayee Jena and Chinmayee Rout is one and same person. Henceforth, I shall be known as Chinmayee Jena for Bank, Educational Certificate & all purposes. D-3388

By virtue of an affidavit CF No.- 297, dated 18.03.25 sworn before the Executive Magistrate, Bargarh, I, Sanjukta Naik, D/o- Laxman Naik, W/o- Gobardhan Taria, R/o- Kendpali, P.O.- Chakarkend, Dist.- Bargarh declare that after marriage I have changed my surname from Naik to Taria. That the names Sanjukta Naik and Sanjukta Taria is one and same person. D-3390

By virtue of an affidavit sworn before the Notary Public, Bhubaneswar, dated- 25.11.2024, I, Muralidhar Sahoo, Address: At- Plot No- 70, Unit- III, Kharavela Nagar, P.O.- GPO, P.S.- Kharavela Nagar, Bhubaneswar, Dist.- Khordha, Odisha- 751001, declare that I have changed my name from Muralidhara Sahoo to Muralidhar Sahoo. Henceforth, I shall be known as Muralidhar Sahoo for all future purposes.
Muralidhar Sahoo
D-76804

By virtue of an affidavit sworn before Executive Magistrate, Bonth, dated 21.03.2025 I, Bharati Jena (50 yrs), W/o- Bharat Jena, Address: Vill/ P.O.- Ramachandrapur, P.S. – Bonth, Dist.- Bhadrak, PIN- 756114, Odisha declare that I have changed my Son's name from Akash Jena to Bikash Jena. Henceforth, He shall be known as Bikash Jena for all purposes. D-3389



# ପ୍ରଥମ ବିମାନଯାତ୍ରା

**ଦୂର ସ୍ଥାନ ଯାତ୍ରା କରିବାକୁ ଅଧିକାଂଶ ଯୁବପିଢ଼ିଙ୍କୁ ବେଶ୍ ପସନ୍ଦ। ଆଉ ଯଦି ଏହି ଯାତ୍ରାର ସୁଯୋଗ ମିଳେ ଏରୋପ୍ଲେନ୍‌ରେ ତେବେ ଖୁସି କହିଲେ ନ ସରେ। ବିଶେଷକରି ପ୍ରଥମଥର ବିମାନଯାତ୍ରାର ଅନୁଭୂତି କାହାପାଇଁ ଥାଏ ବେଶ୍ ରୋମାଞ୍ଚକର ତ ଆଉ କାହାପାଇଁ ଥାଏ ଭୟପୂର୍ଣ୍ଣ...**

ପାଠପଢ଼ା, ଜବ୍ କିମ୍ବା ବୁଲିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଅନେକେ ଫ୍ଲାଇଟ୍‌ରେ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ପ୍ରଥମଥର ଏଥିରେ ଯାତ୍ରା କରିବା କେତେକଙ୍କ ପାଇଁ ଉତ୍ସାହପୂର୍ଣ୍ଣ ହୋଇଥିବା ବେଳେ କେହି କେହି ଏହାକୁ ନେଇ ଭୟ ମଧ୍ୟ କରିଥାନ୍ତି। ତେଣୁ ନିଜ ପ୍ରଥମ ଯାତ୍ରାର ଭରପୁର ମଜା ନେବା ସହ ଏହାକୁ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

■ ପ୍ରଥମ ଥର ଏରୋପ୍ଲେନ୍‌ରେ ଯାତ୍ରା କରିବା ସମୟରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସର୍ବପ୍ରଥମେ ବାହାରିବା ପୂର୍ବରୁ ସମସ୍ତ କାଗଜପତ୍ର ଯଥା: ଟିକେଟ, ପାସ୍‌ପୋର୍ଟ ଆଦି ସାଙ୍ଗରେ ନିଅନ୍ତୁ।

■ ଫ୍ଲାଇଟ୍ ଟେକ୍‌ଅପ୍‌ର ଠିକ୍ ସମୟ ଜାଣନ୍ତୁ। ଏହି ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଯିବି ଭାବି ବିଳମ୍ବ କରନ୍ତୁନି କିମ୍ବା ତରତର ହୋଇ ବାହାରନ୍ତୁ ନାହିଁ। ବରଂ ହାତରେ ଯଥେଷ୍ଟ ସମୟ ରଖି ବାହାରନ୍ତୁ। ଏହାଦ୍ୱାରା ଆପଣ ଠିକ୍ ସମୟରେ ପହଞ୍ଚିପାରିବେ ଏବଂ ଏୟାରପୋର୍ଟ ସିକ୍ୟୁରିଟି ଚେକ୍ ଲାଗି ଅଧିକ ସମୟ ଲାଗିଲେ ବି ପ୍ଲେନ୍ ମିସ୍ ହେବ ନାହିଁ।

■ ଯଦି ପ୍ରଥମ ଥର ଅଧିକ ଦୂର ଟ୍ରାଭେଲ କରୁଛନ୍ତି ତେବେ ସାଙ୍ଗରେ ଏକ ସ୍ଲିପ୍ ଟ୍ରାଭେଲ୍ କିଟ୍ ନେଇଯିବା ଭଲ।

■ ଏରୋପ୍ଲେନ୍ ଭିତରେ ଅଧିକ ସମୟ ବସିବା ପରେ ନାସାରନ୍ଧ୍ର ଶୁଖିଯିବା ସମସ୍ୟା ଦେଖାଦିଏ। କେତେକଙ୍କଠାରେ ରକ୍ତଚାପ ବଢ଼ିବା ସମସ୍ୟା ବି ଦେଖାଦେଇଥାଏ। ଏହାକୁ ଦୂରକରିବା ଲାଗି ପ୍ରଚୁର ପାଣି ପିଅନ୍ତୁ।

■ ଯଦିଓ ଏୟାର ଟ୍ରାଭେଲ ଅନ୍ୟ ସବୁ ତୁଳନାରେ ସୁରକ୍ଷିତ ତଥାପି ଫ୍ଲାଇଟ୍ ଆଟେଣ୍ଡାଣ୍ଟମାନଙ୍କ ଦ୍ୱାରା ଦିଆଯାଉଥିବା ସେଫ୍ଟି ଇନ୍‌ଫର୍ମେଶନ ଶୁଣନ୍ତୁ ଏବଂ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ଆବଶ୍ୟକ ହେଲେ ଫ୍ଲାଇଟ୍ କ୍ରୁ ମେମ୍ବରଙ୍କ ସହାୟତା ନିଅନ୍ତୁ।

■ ସାଙ୍ଗରେ ଆବଶ୍ୟକ ସାମଗ୍ରୀ ହିଁ ନିଅନ୍ତୁ ଏବଂ ଲଗେଜ୍‌ର ଓଜନ ଯେପରି ଅଧିକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନ ହେଲେ ଏଥିପାଇଁ ଆପଣଙ୍କୁ ଫାଇନ୍ କିମ୍ବା ଅଧିକ ଟଙ୍କା ଦେବାକୁ ପଡ଼ିପାରେ।

■ ବ୍ୟାଗ୍‌ରେ ଛୁରି କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ରଖନ୍ତୁ ନାହିଁ। କାରଣ ଏକ୍ସ-ରେ ମେଶିନରେ ଏହା ଜଣାପଡ଼ିଯାଇଥାଏ। ତେବେ କେଉଁ ସାମଗ୍ରୀ ସାଙ୍ଗରେ ନେବେ ନାହିଁ ଏହାର ଲିଷ୍ଟ ଜାଣିବା ଲାଗି ଟ୍ରାନ୍ସପୋର୍ଟେଶନ ସିକ୍ୟୁରିଟି ଆଡ୍‌ମିନିଷ୍ଟ୍ରେଶନ ୱେବ୍‌ସାଇଟ୍ ଚେକ୍ କରି ନିଅନ୍ତୁ।

## ଫ୍ଲାଇଟ୍ ଫୋବିଆ

**ଅନେକଙ୍କୁ ବିମାନଯାତ୍ରାକୁ ନେଇ ଡର ଥାଏ, ଯାହାକୁ ଫ୍ଲାଇଟ୍ ଫୋବିଆ ବୋଲି କୁହାଯାଏ। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ଏହି ଡର ଦୂର ହୋଇପାରିବ ଏବଂ ଆରାମରେ ଯାତ୍ରା କରିପାରିବେ...**



⏭ ବିମାନଯାତ୍ରା ଅନ୍ୟ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ସବୁଠୁ ସୁରକ୍ଷିତ ଯାତ୍ରା ବୋଲି ଅନେକ ରିସର୍ଚ୍ଚରୁ ଜଣାପଡ଼ିଛି। ଏହି କଥାକୁ ମନରେ ରଖି ଆରାମରେ ବସନ୍ତୁ। ଟେକ୍‌ଅପ୍ ପୂର୍ବରୁ ଦୀର୍ଘ ନିଃଶ୍ୱାସ ନିଅନ୍ତୁ ଏବଂ ଡର ବଦଳରେ ଉଡ଼ାଣର ରୋମାଞ୍ଚକର ସମୟ ପ୍ରତି ଧ୍ୟାନ ଦିଅନ୍ତୁ ଦେଖିବେ ଫୋବିଆ ଦୂର ହୋଇଯିବ।

⏭ ଫ୍ଲାଇଟ୍ ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଅନେକଙ୍କୁ ଖୁବ୍ ଡର ଲାଗିଥାଏ। ହେଲେ ଏହି ସମୟରେ ମ୍ୟୁଜିକ୍ ଶୁଣିଲେ କିମ୍ବା ନିଜ ପସନ୍ଦର କୌଣସି ସାମଗ୍ରୀ ଧରି ନିଜକୁ ଅନ୍ୟମନସ୍କ ରଖିଲେ ଆଦୌ ଡର ଲାଗି ନ ଥାଏ।

⏭ ଜଣେ ଜଣେ ଉଚ୍ଚ ସ୍ଥାନକୁ ଭୟ କରିଥାନ୍ତି। ତେଣୁ ଏରୋପ୍ଲେନ୍ ଯାହାକୁ ନେଇ ଆପଣଙ୍କ ମନରେ ଫୋବିଆ ଥିଲେ ଦୂର କରନ୍ତୁ। ନଚେତ୍ ଉଡ଼ାଣ ମାତ୍ରେ ଆପଣ ରକ୍ତଚାପ ବଢ଼ିବା କିମ୍ବା ଅସୁସ୍ଥ ହେବା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

⏭ ଝରକା ବାହାରକୁ ଦେଖିଲେ ଆକାଶ, ବାଦଲ ଆଦି ଦେଖାଯିବା ଦ୍ୱାରା ଅନେକେ ପୃଥିବୀରୁ ଏତେ ଉପରେ ଅଛି ଭାବି ଡରି ଯାଆନ୍ତି। ତେଣୁ ୱିଣ୍ଡୋ ସ୍କ୍ରିନ୍ ପକାଇ ରଖନ୍ତୁ। ହେଡ୍‌ଫୋନ୍ ଏବଂ ଆଇ ମାସ୍କ ବି ବ୍ୟବହାର କରିପାରିବେ।

⏭ ନିଜ ଫୋନ୍, ଟ୍ୟାବ୍, ଲାପ୍‌ଟପ୍ ଆଦିରେ ପସନ୍ଦର ଫିଲ୍ମ, ମ୍ୟୁଜିକ୍ ଆଦି ଡାଉନ୍‌ଲୋଡ୍ କରିରଖନ୍ତୁ। ଫ୍ଲାଇଟ୍‌ରେ ବସି ଏହାକୁ ଦେଖିଲେ କିମ୍ବା କିଛି ବହି ପଢ଼ିଲେ ବି ଡର କମିଯିବ।

⏭ ଯଦି ଫ୍ଲାଇଟ୍ ଫୋବିଆ ଅଛି ତେବେ ଫ୍ଲାଇଟ୍‌ରେ ବସିବାର କିଛି ସମୟ ପୂର୍ବରୁ କଫି, ଏନର୍ଜି ଡ୍ରିଙ୍କ୍ସ କିମ୍ବା ଅନ୍ୟ କୌଣସି ମିଠା ଜୁସ୍ ପିଅନ୍ତୁ ନାହିଁ କିମ୍ବା ମିଠା ଖାଦ୍ୟ ଖାଆନ୍ତୁ ନାହିଁ, ନ ଚେତ୍ ପ୍ଲେନ୍ ଭିତରେ ବାନ୍ତି ହୋଇପାରେ।


## କ'ଣ କୁହନ୍ତି ଏମାନେ..



**ସୋଫିଆ ୟାସ୍ମିନ୍(ଛାତ୍ରୀ, ଧଉଳି ଚାରୁକଳା ମହାବିଦ୍ୟାଳୟ, ଭୁବନେଶ୍ୱର)**– ଗତବର୍ଷ ମୁମ୍ବାଇରେ ଆୟୋଜିତ ଏକ ଆର୍ଟ ଏକ୍‌ଜିବିଶନ୍‌ରେ ଯୋଗ ଦେବାକୁ ଯାଇଥିଲି। ହଠାତ୍ ଏକ ଜରୁରୀ କାମ ପଡ଼ିବାରୁ ଘରକୁ ଫେରିବାକୁ ପଡ଼ିଲା। ତେଣୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ମୁମ୍ବାଇରୁ ଭୁବନେଶ୍ୱର ଟିକେଟ୍ କଲି। ତାହାଥିଲା ମୋର ପ୍ରଥମ ବିମାନଯାତ୍ରା। ଏକା କିଭଳି ଯିବି, ଏତେ ଉଚ୍ଚତାରେ ଫ୍ଲାଇଟ୍ ଉଡ଼ିଲେ ଭୟ ଲାଗିବନି ତ ଏଭଳି ଅନେକ କଥା ମନକୁ ଆସୁଥିଲା। କିନ୍ତୁ ଫ୍ଲାଇଟ୍‌ରେ ବସିବା ପରେ ଏସବୁ ଚିନ୍ତା ଦୂର ହୋଇଗଲା। ଓହ୍ଲାଇବା ପରେ କେବଳ କିଛି ସମୟ ପାଇଁ କାନରେ ଟିକେ ସମସ୍ୟା ହୋଇଥିଲା। ଯାତ୍ରା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ନିରାପଦ ଥିଲା। ସେବେଠୁ ଫ୍ଲାଇଟ୍ ଫୋବିଆ ସମ୍ପୂର୍ଣ୍ଣ ଦୂର ହୋଇଯାଇଛି।



**ପ୍ରକାଶ ମହାପାତ୍ର**(କର୍ମଜୀବୀ, ଖୋର୍ଦ୍ଧା)– ମୋ ପାଇଁ ପ୍ରଥମ ଫ୍ଲାଇଟ୍ ଯାତ୍ରା ବେଶ୍ ରୋମାଞ୍ଚକର ଥିଲା। ଆମେ କେତେଜଣ ସାଙ୍ଗ ପୁଣେରୁ ଦୁବାଇ ଯାଉଥିଲୁ। ଫ୍ଲାଇଟ୍ ଟେକ୍‌ଅପ୍ ବେଳେ ମଜା ଲାଗିଲା, ହେଲେ ଏକ ରୁ ଦେଢ଼ଘଣ୍ଟା ପରେ ପ୍ଲେନ୍ ହଠାତ୍ ଥରିବାକୁ ଲାଗିଲା। ସମସ୍ତ ଯାତ୍ରୀ ଭୟରେ ପାଟି କରିବା ଆରମ୍ଭ କରିଦେଲେ। ଏହା କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅସୁବିଧା ନୁହେଁ ବୋଲି ସୂଚନା ମିଳିବା ପରେ ଆମେ ଆଶ୍ୱସ୍ତ ହେଲୁ। ହେଲେ ସେଠାରେ ପହଞ୍ଚିବା ପରେ କାନ ତାବ୍‌ଦା ହୋଇଯାଇଥିଲା। ସମସ୍ତେ କଥା ହେଉଥିଲୁ ସତ ହେଲେ କେହି କାହା କଥା ଭଲରେ ଶୁଣି ପାରୁ ନ ଥିଲୁ। ଦୁଇ ଦିନ ପରେ ସମସ୍ତଙ୍କ କାନର ଅବସ୍ଥା ଏପରି ହୋଇଥିଲା ଏବଂ କେହି କାହାକୁ ଜଣାଇ ନ ଥିଲୁ ବୋଲି ଖୁବ୍ ହସ ଲାଗିଥିଲା।





## ଏ ସପ୍ତାହର ପ୍ରଶ୍ନ

୧– ସଜ୍ଜନଗଡ଼ ୱାଇଲ୍ଡ ଲାଇଫ୍ ସାଞ୍ଚୁଆରି ......... ଠାରେ ଅବସ୍ଥିତ ?
୨– ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ............. ତାରିଖରେ ପାଳନ କରାଯାଏ ?
୩– ଫୁଏଗୋ ଆଗ୍ନେୟଗିରି .......... ଦେଶରେ ଅବସ୍ଥିତ ?
୪– ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ......... ଜିଲାରେ ଛତ୍ରପତି ଶିବାଜୀ ମନ୍ଦିର ସ୍ଥାପନା କରାଯାଇଛି ?
୫– ଇଣ୍ଟରନ୍ୟାଶନାଲ୍ ଆଟମିକ୍ ଏନର୍ଜି ଏଜେନ୍ସିର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ତୁହିନକାନ୍ତ ପାଣ୍ଡେ
୨ କେରଳ
୩ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ
୪ ଜମ୍ମୁ ଏବଂ କଶ୍ମୀର
୫ ନାଗାଲାଣ୍ଡ

## ଉତ୍ତରଦାତା



ଶକ୍ତିପ୍ରସାଦ ସିଂ
ଭୁବନେଶ୍ୱର



ସୁନୀଲ କୁମାର ବେହେରା
ବ୍ରହ୍ମପୁର

## ଟପ୍ ୧୦

### ସର୍ବାଧିକ ଉଲ୍ ଉତ୍ପାଦନକାରୀ ଦେଶ



୧– ଚାଇନା ........................ ୩୫୬,୨୧୬ ଟନ୍
୨– ଅଷ୍ଟ୍ରେଲିଆ ........................ ୩୪୮,୬୦୮ ଟନ୍
୩– ନ୍ୟୁଜିଲାଣ୍ଡ ........................ ୧୨୫,୭୭୨.୧୭ ଟନ୍
୪– ତୁର୍କି ........................ ୭୯,୭୫୪ ଟନ୍
୫– ୟୁନାଇଟେଡ୍ କିଙ୍ଗଡମ୍........................ ୭୦,୪୪୭.୫୬ ଟନ୍
୬– ମରକ୍କୋ ........................ ୬୨,୬୭୦.୧୬ ଟନ୍
୭– ଇରାନ୍ ........................ ୫୨,୫୦୪ ଟନ୍
୮– ରୁଷିଆ ........................ ୪୭,୮୩୮ ଟନ୍
୯– ସାଉଥ୍ ଆଫ୍ରିକା ........................ ୪୨,୪୦୬.୩୪ ଟନ୍
୧୦– ପାକିସ୍ତାନ ........................ ୪୩,୩୨୮ ଟନ୍


## ଜାଣନ୍ତୁ ଦୁନିଆ

### ଅଜବ ବିଶ୍ୱ ରେକର୍ଡ

**ବିଭିନ୍ନ ଅଜବ କାରନାମା ଦେଖାଇ ଅନେକେ ବିଶ୍ୱ ରେକର୍ଡ କରିଥାନ୍ତି। ହେଲେ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ନିଜର ଅଜବ ଶାରୀରିକ ଗଠନ ପାଇଁ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଜାଣନ୍ତୁ ସେଭଳି କେତେଜଣଙ୍କ ସମ୍ପର୍କରେ...**



**ବଡ଼ ପାଟି:** ଜଣେ ମଣିଷ ନିଜ ପାଟିକୁ କେତେ ବଡ଼ କରି ଖୋଲି ପାରିବେ ? ନିଜ ପାଟିଠୁ ଅତି ବେଶିରେ ଏକରୁ ଦୁଇ ଇଞ୍ଚ ଅଧିକ। ହେଲେ ଆଙ୍ଗୋଲାର ଫ୍ରାନ୍ସିସ୍କୋ ଡୋମିଙ୍ଗୋ ଜୋଆକ୍ୱିମ୍ ନାମକ ଜଣେ ଯୁବକ ନିଜ ପାଟିରେ ଏକ କୋଲ୍ଡଡ୍ରିଙ୍କ୍ସ କେନ୍ ରଖିପାରନ୍ତି। ତାଙ୍କ ପାଟିର ଲମ୍ବ ୧୭ ସେଣ୍ଟିମିଟର(୬.୬୯ ଇଞ୍ଚ) ହୋଇଥିବାରୁ ୨୦୧୦ ମାର୍ଚ୍ଚ ୧୮ରେ ତାଙ୍କ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା।




**ସରୁ ଅଣ୍ଟା:** ଅଣ୍ଟା ସରୁ ହେଲେ ଫିଗର ଆକର୍ଷଣୀୟ ଲାଗେ। କେବେ ଏଥିପାଇଁ ବି କେହି ବିଶ୍ୱ ରେକର୍ଡ କରିପାରନ୍ତି ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେରିକାର କ୍ୟାଥୀ ଜଙ୍ଗ ନାମ୍ନୀ ଜଣେ ମହିଳାଙ୍କ ଅଣ୍ଟାର ଗୋଲେଇ ମାତ୍ର ୧୫ ଇଞ୍ଚ। ଯେଉଁଥିଲାଗି ୧୯୯୯ରେ ତାଙ୍କ ନାମକୁ ବିଶ୍ୱର ସବୁଠୁ ସରୁଅଣ୍ଟା ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଥିଲା।

**ଲମ୍ବା ଆଇବ୍ରୋ:** ଆଇବ୍ରୋର ଲମ୍ବ ସାଧାରଣତଃ ସ୍ୱାଭାବିକ ବା ଛୋଟ ଥିବାରୁ ଏହାକୁ ମୁଣ୍ଡ କେଶ ଭଳି କାଟିବାକୁ ପଡି ନ ଥାଏ। ହେଲେ ଚାଇନାର ୮୧ ବର୍ଷୀୟ ଝେଙ୍ଗ୍ ସୁଶେନ୍ ୧୯.୧ ସେମି ଲମ୍ବବିଶିଷ୍ଟ ସବୁଠାରୁ ଲମ୍ବା ଆଇବ୍ରୋ ପାଇଁ ୨୦୧୬ରେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଖାଇବା ସମୟରେ ତାଙ୍କ ଆଇବ୍ରୋ ଆସି ପାଟିରେ ବାଜୁଥିବାରୁ ସେ ଏହାକୁ କାନରେ ଜାକି ରଖୁଥିଲେ। ପରେ ସେ ବିଶ୍ୱରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ରେକର୍ଡ ହାସଲ କରିବାରେ ସଫଳ ମଧ୍ୟ ହୋଇଥିଲେ।

## ମାନସିକ ଶାନ୍ତି

**ମାନସିକ ଶାନ୍ତି ମଣିଷକୁ ସବୁବେଳେ ଖୁସି ଏବଂ ସୁସ୍ଥ ରଖେ। କିନ୍ତୁ ବର୍ତ୍ତମାନ ଅଧିକାଂଶଙ୍କଠାରେ ଯେମିତି ରହିଛି ଏହାର ଘୋର ଅଭାବ। କିଏ କହୁଛି ଭାରି ଟେନ୍‌ଶନ୍ ତ ଆଉ କିଏ କହୁଛି ଯାହା କଲେ ବି ମିଳୁନି ଟିକେ ଶାନ୍ତି। ତେବେ ଏଥିପାଇଁ କେବେ କେବେ ନିଜର କେତେକ ଅଭ୍ୟାସ ମଧ୍ୟ ଦାୟୀ। ଜାଣନ୍ତୁ କ'ଣ ଏହିସବୁ ଅଭ୍ୟାସ ଏବଂ କିପରି ଏହାକୁ ଦୂର କରି ମାନସିକ ଶାନ୍ତି ପାଇପାରିବେ ...**

**ଓଭର ଥିଙ୍କିଙ୍ଗ୍:** କୌଣସି କଥା ବିଷୟରେ ବାରମ୍ବାର ଭାବିବା ବିଶେଷ କରି ଯାହା ଆପଣଙ୍କ ଆୟତ୍ତରେ ନାହିଁ ସେ ସମ୍ପର୍କରେ ଅଧିକ ଚିନ୍ତା କରିବା ଦ୍ୱାରା ଶରୀରର ଏନର୍ଜି କମିଯାଏ ଏବଂ ମସ୍ତିଷ୍କ ମଧ୍ୟ ଥକିଯାଏ। ଫଳରେ ମନ ଭାରାକ୍ରାନ୍ତ ହୋଇପଡ଼େ। ତେଣୁ କୌଣସି କଥାକୁ ନେଇ ବେଶି ଚିନ୍ତା କରନ୍ତୁ ନାହିଁ, ଏହାର ସମାଧାନ ବାଟ ନ ମିଳିଲେ ସେଥିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ ଦେଖିବେ ମାନସିକ ଶାନ୍ତି ନିଶ୍ଚିତ ମିଳିବ।

**ନକାରାତ୍ମକ ଭାବନା:** ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ। କାରଣ ସକାରାତ୍ମକ ଭାବନାର ଶକ୍ତି ଏତେ ଅଧିକ ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇଥାଏ। ତା'ଛଡା ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦି ଦୂର ହୋଇଥାଏ ଏବଂ ମାନସିକ ଶାନ୍ତି ମିଳିଥାଏ।

**ସବୁବେଳେ ଅନ୍ୟକୁ ଖୁସି ରଖିବା:** ଅନେକେ ଅଛନ୍ତି ଯେଉଁମାନେ ସର୍ବଦା ଏଭଳି କାର୍ଯ୍ୟ କରିବାକୁ ଚାହାନ୍ତି ଯାହାଦ୍ୱାରା ଅନ୍ୟମାନେ ଖୁସି ହେବେ ଏବଂ ତାଙ୍କୁ ପ୍ରଶଂସା କରିବେ। ହେଲେ କେବେ କେବେ ଏହାଦ୍ୱାରା ନିଜର ଖୁସି ପଛରେ ରହିଯାଏ, ଏମିତିକି ଅନେକେ ଏଥିପାଇଁ ଆତ୍ମସମ୍ମାନ ବି ହରାଇବସନ୍ତି ଏବଂ କୌଣସି କାରଣରୁ ନିଜ କାର୍ଯ୍ୟଦ୍ୱାରା ଅନ୍ୟକୁ ଖୁସି ନ କରାଇ ପାରିଲେ ସେମାନେ ମାନସିକ ଅବସାଦର ଶିକାର ହୋଇଥାନ୍ତି। ହେଲେ ମନେରଖନ୍ତୁ ଲୋକଦେଖାଣିଆ କାର୍ଯ୍ୟ ନ କରି ସବୁବେଳେ ଏଭଳି କାର୍ଯ୍ୟ କରନ୍ତୁ ଯାହାଦ୍ୱାରା ନିଜର ଆତ୍ମସମ୍ମାନ ରହିବା ସହ ଆତ୍ମସନ୍ତୋଷ ମଧ୍ୟ ମିଳିବ।



**ନିଜକୁ ଅନ୍ୟ ସହ ତୁଳନା:** ଅନେକେ ଅଛନ୍ତି ଯେଉଁମାନେ ନିଜକୁ ସବୁବେଳେ ଅନ୍ୟ ସହ ତୁଳନା କରନ୍ତି। ଅନ୍ୟଠାରୁ କୌଣସି ଗୁଣରେ କମ୍ ହେଲେ ସେମାନେ ଦୁଃଖୀ ହୋଇପଡନ୍ତି କିମ୍ବା ଈର୍ଷାପରାୟଣ ହୋଇପଡ଼ନ୍ତି। ହେଲେ ଏଭଳି ଭାବନା ଯେ ସେମାନଙ୍କ ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି ସେକଥା ସେମାନେ ଜାଣି ପାରନ୍ତି ନାହିଁ। ତେଣୁ ନିଜକୁ କେବେ ଅନ୍ୟ ସହ ତୁଳନା ନ କରି ନିଜର କ୍ଷମତା ଏବଂ ଦକ୍ଷତାକୁ ଚିହ୍ନନ୍ତୁ ଏବଂ ଏହାକୁ ବିକଶିତ କରିବାକୁ ଚେଷ୍ଟା କରନ୍ତୁ ଦେଖିବେ ମନ ଖୁବ୍ ଭଲ ରହିବ।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ Bhubaneswar, Sunday, March 23/ 2025

# ଆଇପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ




କୋଲକାତାରେ ଶନିବାର ଆଇପିଏଲ୍‌ର ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ଶାହରୁଖ ଖାନ, ଅଭିନେତ୍ରୀ ଦିଶା ପଟାନୀଙ୍କ ନୃତ୍ୟ ପରିବେଷଣ।




ସଙ୍ଗୀତ ପରିବେଷଣ କରୁଛନ୍ତି ଅନ୍ତର୍ଜାତୀୟ ରାପର କରନ ଆଉଜଲା ଓ ଗାୟିକା ଶ୍ରେୟା ଘୋଷାଲ।

## ଆକର୍ଷଣ ସାଜିଲେ ଶାହରୁଖ, ଶ୍ରେୟା, ଦିଶା

**କୋଲକାତା, ୨୨।୩ (ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଐତିହାସିକ ଇଡେନ ଗାର୍ଡେନ୍ସରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯାଇଥିଲା। ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟିକା ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ତାରକା ଖଚିତ କାର୍ଯ୍ୟକ୍ରମ ପାଖାପାଖି ଏକ ଘଣ୍ଟା ଧରି ଚାଲିଥିଲା।

ଆଇପିଏଲ୍‌ର ଲୋକପ୍ରିୟ ସଙ୍ଗୀତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଶାହରୁଖ ଲୋକାଲ ଦଳ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଏହାର ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଶ୍ରେୟା ଘୋଷାଲଙ୍କ 'ଘୁମର', 'କର ହର ମୈଦାନ ଫତେ', 'ମେରେ ଢୋଲନା' ଗୀତକୁ ଉପସ୍ଥିତ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ତାଙ୍କ ପରେ 'ପାଗୋଲ' ଗୀତରେ ଅଭିନେତ୍ରୀ ଦିଶା ଡ୍ୟାନ୍ସ କରିଥିଲେ। ସମାରୋହ ଶେଷ ହେବା ପରେ ଆତସବାଜି ଦେଖିବାକୁ ମିଳିଥିଲା। ସଭିଙ୍କ ପରେ ର୍‍ୟାପର ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଶେଷରେ ଶାହରୁଖ ଭାରତୀୟ କିମ୍ବଦନ୍ତୀ ବ୍ୟାଟର ବିରାଟ କୋହଲିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ଦୁହେଁ ମଞ୍ଚ ଉପରେ 'ଝୁମେ ଜୋ ପଠାନ' ଗୀତରେ ଡ୍ୟାନ୍ସ କରିଥିଲେ। ଏହାପରେ ଶାହରୁଖ ଓ ରିଙ୍କୁ ସିଂ 'ଲୁଟ ପୁଟ ଗାୟା' ଗୀତରେ ନାଚିଥିଲେ। କେକେଆର୍ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ଏକ ସ୍ୱତନ୍ତ୍ର ଗାଡ଼ିରେ ଆଇପିଏଲ୍ ଟ୍ରଫି ମଞ୍ଚ ଉପରକୁ ଆଣିଥିଲେ। ଏହି ଅବସରରେ ବିସିସିଆଇ ସଭାପତି ରୋଜର ବିନି, ସମ୍ପାଦକ ଦେବଜିତ ସାଇକିଆ, ଆଇପିଏଲ୍ ଗଭର୍ନର ରାଜୀବ ଶୁକ୍ଳା, ଅରୁନ ଧୁମଲଙ୍କ ସହ ଅନ୍ୟମାନେ ମଞ୍ଚରେ ଉପସ୍ଥିତ ଥିଲେ।

## କେକେଆର୍‌ର ସମ୍ମାନଜନକ ସ୍କୋର

**କୋଲକାତା, ୨୨।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ଶ ସଂସ୍କରଣ ଶନିବାର ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଛି। କେକେଆର ୨୦ ଓଭରରେ

ଟସ୍ ଜିତି ଆରସିବି ଅଧିନାୟକ ରଜତ ପଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍ ପ୍ରଥମ ଓଭରର ୫ମ ବଲ୍‌ରେ କ୍ୱିଣ୍ଟନ ଡିକକ୍‌ଙ୍କୁ ଆଉଟ କରି ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ତେବେ ସୁନୀଲ ନାରିନ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ବିସ୍ଫୋରକ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ମାତ୍ର ୫୫ ବଲ୍‌ରୁ ୧୦୩ ରନ ଭାଗୀଦାରି ଗଢ଼ି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ କୋକାତା ଇନିଂସ ଦିଗହରା ହୋଇ ଯାଇଥିଲା। ୧୦ମ ଓଭରର ଶେଷ ବଲ୍‌ରେ ସୁନୀଲ ନାରିନଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ରସିଖ ସଲାମ। ନାରିନ ୨୬ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୪୪ ରନ କରିଥିଲେ। ଅର୍ଦ୍ଧଶତକ ହାସଲ କରିଥିବା ରାହାନେ ମଧ୍ୟ ଏହା ପର ଓଭରରେ କୃନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ୩୧ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ସର୍ବାଧିକ ୫୬ ରନ କରିଥିଲେ। ଭେଙ୍କଟେଶ ଆୟର ଓ ରିଙ୍କୁ ସିଂ ଫେଲ୍ ମାରିଥିବାବେଳେ ଅଙ୍କ୍ରିଶ ରଘୁବଂଶୀ ୨୨ ବଲ୍‌ରୁ ୩୦ (୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ଆନ୍ଦ୍ରେ ରସେଲଙ୍କ ସମେତ ଶେଷ ଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଏକଦା ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବା ଆଶା କରାଯାଉଥିବା କେକୋଆର ଇନିଂସ ୧୭୪/୮ରେ ସୀମିତ ରହି ଯାଇଥିଲା। ଆରସିବି ପକ୍ଷରୁ କୃନାଲ ପାଣ୍ଡ୍ୟା ସର୍ବାଧିକ ୩ଟି ଜୋଶ୍ ହାଜେଲଉଡ ୨ଟି ଏବଂ ଯଶ୍ ଦୟାଲ, ରସିଖ ସଲାମ ଓ ସୂୟାସ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ରୋଜର ବିନି ଏକ ଫଳକ ଦେଇ ବିରାଟ କୋହଲିଙ୍କୁ ସମ୍ମାନିତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୪/୮ (ଅଜିଙ୍କ୍ୟ ରାହାନେ-୫୬, ସୁନୀଲ ନାରିନ-୪୪, ଅଙ୍ଗକ୍ରିଶ ରଘୁବଂଶୀ-୩୦, କୃନାଲ ପାଣ୍ଡ୍ୟା-୩/୨୯, ଜୋଶ୍ ହାଜେଲଉଡ-୨/୨୨, ଯଶ୍ ଦୟାଲ-୧/୨୫, ରସିଖ ସଲାମ-୧/୩୫, ସୂୟାସ ଶର୍ମା-୧/୪୭)।



**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ରାଜସ୍ଥାନ**
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ ମୁମ୍ବାଇ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିସିସିଆଇ ସଭାପତି ରୋଜର ବିନି। ଉଦ୍‌ଘାଟନୀ ସମାରୋହରେ ଆଇପିଏଲ୍ କେକ୍।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ